ବର୍ଷ-୨୬, ସଂଖ୍ୟା-୯୧
ଭୁବନେଶ୍ୱର
୦୪, ଏପ୍ରିଲ୍ ୨୦୨୬ ଶନିବାର
ପୃଷ୍ଠା-୦୮, ମୂଲ୍ୟ : ୨ଟଙ୍କା

Vol.-26, Issue No.91
Bhubaneswar
04 April, 2026 Saturday
Page-08, Rs.: 2.00

# ମହାଭାରତ

RNI Regd. No.: ODIODI2000/03863
Website : www.mahabharataepaper.com

Mahabharat



ସଲମାନଙ୍କ ସହ ଅଭିନୟ କଲେ ନୟନତାରା

## ପଲାସା-ଇଚ୍ଛାପୁରମ ରେଳ ସେକ୍ସନ ବିବାଦ

# ଓଡ଼ିଶାର କୌଣସି ରାଜସ୍ୱ କ୍ଷତି ହେବନାହିଁ

ଭୁବନେଶ୍ୱର,୩।୪(ମହାଭାରତ): ପୂର୍ବତଟ ରେଳପଥର ଖୋର୍ଦ୍ଧା ଡିଭିଜନ ଅଧୀନରେ ଥିବା ପଲାସା ଓ ଇଚ୍ଛାପୁରମ ରେଳ ସେକ୍ସନକୁ ବାଦ୍ ଦେଇ ପ୍ରସ୍ତାବିତ ଦକ୍ଷିଣ ଉପକୂଳ ରେଳପଥ ଜୋନର ବିଶାଖାପାଟଣା ଡିଭିଜନ ସାମିଲ କରାଯିବା ନିଷ୍ପତ୍ତିକୁ ଓଡିଶାରେ ତୀବ୍ର ବିରୋଧ ହୋଇଛି। ରେଳବାଇ ବୋର୍ଡ ଏନେଇ ଏପ୍ରିଲ ୨ ତାରିଖରେ ଉଭୟ ରେଳବାଇ ଜୋନ୍ ଜେନେରାଲ ମ୍ୟାନେଜରଙ୍କୁ ଚିଠି ଲେଖି ଅବଗତ କରିବା ପରେ ଆଜି ଓଡିଶାରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି।

ବିରୋଧୀ ବିଜେଡି ଓ କଂଗ୍ରେସ ସମେତ ଶାସକ ବିଜେପି ମଧ୍ୟ ଏହି ନିଷ୍ପତ୍ତିକୁ ନେଇ ଆପତ୍ତି ଉଠାଇଛି। ତେବେ ସବୁ ଦଳର ତୀବ୍ର ବିରୋଧ ପରେ ରାତିରେ କେନ୍ଦ୍ର ସରକାର ମଧ୍ୟ ଏକ ସ୍ପଷ୍ଟୀକରଣ ଦେଇ ଓଡିଶାର କୌଣସି ରାଜସ୍ୱ କ୍ଷତି ହେବ ନାହିଁ ବୋଲି ଆଶ୍ୱାସନା ଦେଇଛନ୍ତି ।

ଏହି ବିବାଦ ବଢ଼ିବା ପରେ ଭାରତ ସରକାରଙ୍କ ପିଆଇବି ପକ୍ଷରୁ ଏକ ସ୍ପଷ୍ଟୀକରଣ ଜାରି ହୋଇଛି। ସେଥିରେ କେନ୍ଦ୍ର ସରକାର ଦର୍ଶାଇଛନ୍ତି ଯେ, ଓଡିଶାର ଗୋଟିଏ ଇଞ୍ଚ ବି ରେଳଟ୍ରାକ୍ ଅନ୍ୟ କୌଣସି ରାଜ୍ୟକୁ ଯାଉନାହିଁ । ଓଡିଶାରେ ରେଳ ବିକାଶ ପାଇଁ ୯୩୦୦୦ କୋଟିରୁ ଅଧିକ ଟଙ୍କା ମଞ୍ଜୁର ହୋଇଛି ଓ କ୍ରମାଗତ ଭାବେ ୧୦ହଜାର କୋଟିରୁ ଅଧିକ ଟଙ୍କାର ବାର୍ଷିକ ବଜେଟ୍ ବରାଦ କରାଯାଉଛି।

ସରକାର ଆହୁରି ମଧ୍ୟ ସ୍ପଷ୍ଟ କରିଛନ୍ତି ଯେ, ରାୟଗଡା ରେଳବାଇ ଡିଭିଜନକୁ ମଞ୍ଜୁରୀ ମିଳିସାରିଛି ଓ ଏହାର କାର୍ଯ୍ୟ ଖୁବଶୀଘ୍ର ଆରମ୍ଭ ହେବ। ସର୍ବାଧିକ ରାଜସ୍ୱ ପ୍ରଦାନ କରୁଥିବା 'କେଜେ ଲାଇନ (କୋଥାଭାଲାସା-କିରନ୍ଦୁଲ) ଯାହାକି ଆନ୍ଧ୍ରପ୍ରଦେଶ ଓ ଛତିଶଗଡର କିଛି ଅଂଚଳରେ ରହିଛି ତାହା ଏବେ ଓଡିଶାର ରାୟଗଡା ଡିଭିଜନ ଅଧୀନରେ ରହିବ। ପଲାସା-ଇଚ୍ଛାପୁରମ ସେକ୍ସନରେ କୌଣସି ବଡ ମାଲ ପରିବହନ




ଷ୍ଟେସନ ନଥିବାରୁ ଏହା ପୂର୍ବତଟ ରେଳପଥର ରାଜସ୍ୱ ଉପରେ କୌଣସି ନକରାତ୍ମକ ପ୍ରଭାବ ପକାଇବ ନାହିଁ। ତେଣୁ ଭୁବନେଶ୍ୱରସ୍ଥିତ ପୂର୍ବତଟ ରେଳପଥର ରାଜସ୍ୱରେ କୌଣସି କ୍ଷତି ହେବ ନାହିଁ ବୋଲି କେନ୍ଦ୍ର ସରକାର ସ୍ପଷ୍ଟ କରିଛନ୍ତି।

ଏହି ନିଷ୍ପତ୍ତିକୁ ନେଇ ବିଜେଡି ଆଜି ଏକ ସାମ୍ବାଦିକ ସମ୍ମିଳନୀ କରି ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କୁ ତୀବ୍ର ସମାଲୋଚନା କରିଛି। ବିଜେଡି ଉପସଭାପତି ଅତନୁ ସବ୍ୟସାଚୀ ନାୟକ କହିଛନ୍ତି ଯେ, ଓଡିଶାରେ ଏବେ ଡବଲ ଇଞ୍ଜିନ ସରକାର ଥିବା ସତ୍ତ୍ୱେ ରାଜ୍ୟର ପ୍ରକଳ୍ପଗୁଡିକ ଗୋଟିକ ପରେ ଗୋଟିଏ ଆନ୍ଧ୍ର ପ୍ରଦେଶକୁ ଟେକି ଦିଆଯାଉଛି, ଯାହା ଅତ୍ୟନ୍ତ ଆଶ୍ଚର୍ଯ୍ୟଜନକ । ବିଜେପି ସାଂସଦମାନଙ୍କ ନୀରବତା ଉପରେ ପ୍ରଶ୍ନ ଉଠାଇ ସେ କହିଛନ୍ତି, ଓଡିଶାର ସ୍ୱାଭିମାନକୁ କ'ଣ ଆନ୍ଧ୍ର ପାଖରେ ବନ୍ଧା ପକାଇ ଦିଆଯାଇଛି କି ଯଦି ରେଳବାଇ ବୋର୍ଡ ଏହି ନିଷ୍ପତ୍ତି ପ୍ରତ୍ୟାହାର ନକରେ, ତେବେ ବିଜେଡି ଓଡିଶାର ସ୍ୱାର୍ଥ ପାଇଁ ଜୋରଦାର ଆନ୍ଦୋଳନ କରିବ ବୋଲି ସେ ଚେତାବନୀ ଦେଇଛନ୍ତି।

ସେହିପରି ବିଜେଡି ସାଂସଦ ସସ୍ମିତ ପାତ୍ର ମଧ୍ୟ କେନ୍ଦ୍ର ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କୁ ଚିଠି ଲେଖି ରାଜ୍ୟବାସୀ ଓ ଜନପ୍ରତିନିଧିଙ୍କ ବିନା ପରାମର୍ଶରେ ନିଆଯାଇଥିବା ଏହି ନିଷ୍ପତ୍ତିକୁ ସେ ଦୃଢ଼ ଭାବେ ବିରୋଧ କରିଛନ୍ତି। ସେ ଲେଖିଛନ୍ତି ଯେ, ଓଡିଶା କୋଇଲା ଓ ଖଣିଜ ସମ୍ପଦ ଜରିଆରେ ରେଳବାଇକୁ ବିପୁଳ ରାଜସ୍ୱ ଦେଇଥାଏ। ଏଭଳି ଏକ ସେକ୍ସନକୁ ଅନ୍ୟ ଜୋନ୍ ସହ ମିଶ୍ରଣ କରିବା ଦ୍ୱାରା ଓଡିଶାର ରାଜସ୍ୱ କ୍ଷତି ହେବା ସହ ପ୍ରଶାସନିକ ନିୟନ୍ତ୍ରଣ ଦୁର୍ବଳ ହେବ। କଂଗ୍ରେସ ରାଜ୍ୟ ସଭାପତି ଭକ୍ତ ଦାସ ସୋସିଆଲ ମିଡିଆରେ ନିଜର ଆପତ୍ତି ଦର୍ଶାଇ ଏହି ପଦକ୍ଷେପକୁ ଓଡିଶା ପ୍ରତି କେନ୍ଦ୍ରର ବୈମାତୃକ ମନୋଭାବର ଏକ ନମୂନା ବୋଲି କହିଛନ୍ତି । ରେଳ ମନ୍ତ୍ରଣାଳୟକୁ ଅର୍ଥ ଦେବାରେ ଓଡିଶା ସର୍ବଦା ଆଗରେ ରହୁଥିଲେ ମଧ୍ୟ ଭିତ୍ତିଭୂମି ବିକାଶ କ୍ଷେତ୍ରରେ ପଛରେ ପଡିଛି। ରାଜ୍ୟର ଗୁରୁତ୍ୱପୂର୍ଣ୍ଣ ରେଳ ସମ୍ପତ୍ତିକୁ ବାହାର ରାଜ୍ୟର ପ୍ରଶାସନିକ ନିୟନ୍ତ୍ରଣକୁ ପଠାଇଦେବା ଅନ୍ୟାୟ ଓ ଓଡିଶାକୁ ତା'ର ନ୍ୟାଯ୍ୟ ଅଧିକାର ମିଳିବା ଉଚିତ ବୋଲି ସେ କହିଛନ୍ତି।

ଏହି ଦୁଇ ସେକ୍ସନର ପ୍ରଶାସନିକ ନିୟନ୍ତ୍ରଣ ବିଶାଖାପାଟଣା ଡିଭିଜନକୁ ହସ୍ତାନ୍ତର ହେବା ନିଷ୍ପତ୍ତିକୁ ନେଇ ବ୍ରହ୍ମପୁର ସାଂସଦ ପ୍ରଦୀପ ପାଣିଗ୍ରାହୀ ଓ ଖଲ୍ଲିକୋଟ ବିଧାୟକ ପୂର୍ଣ୍ଣଚନ୍ଦ୍ର ସେଠୀ ଉଦବେଗ ବ୍ୟକ୍ତ କରିଛନ୍ତି। ଶ୍ରୀ ପାଣିଗ୍ରାହୀ ଏନେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଚିଠି ଲେଖି ଥିବା ନେଇ ସୋସିଆଲ ମିଡିଆରେ ଉଲ୍ଲେଖ କରିଛନ୍ତି।

ପଲାସା-ଇଚ୍ଛାପୁରମ ସେକ୍ସନକୁ ଦକ୍ଷିଣ ଓଡ଼ିଶା ଅର୍ଥନୀତିର ଶିରାପ୍ରଶିରା' ଭାବେ ଅଭିହିତ କରି ସେ କହିଛନ୍ତି ଯେ, ଏହାକୁ ଅନ୍ୟ ଜୋନରେ ମିଶାଇଲେ ଓଡ଼ିଶାର ପରିବହନ ଓ ରାଜସ୍ୱ ଉପରେ ଖରାପ ପ୍ରଭାବ ପଡ଼ିବ। ଓଡ଼ିଶାର 'ରେଳବାଇ ସାର୍ବଭୌମତ୍ୱ' ରକ୍ଷା କରିବାକୁ ସେ ଅନୁରୋଧ କରିବା ସହ ବ୍ରହ୍ମପୁରଠାରେ ଏକ ନୂଆ ରେଳବାଇ ଡିଭିଜନ ପ୍ରତିଷ୍ଠା ପାଇଁ ଦାବି କରିଛନ୍ତି । ସେହିପରି ବିଜେପି ବିଧାୟକ ଶ୍ରୀ ସେଠୀ କହିଛନ୍ତି ଯେ, ଏହି ନିଷ୍ପତ୍ତିର ପୁନର୍ବିଚାର ପାଇଁ ବିଧାୟକମାନଙ୍କର ଏକ ପ୍ରତିନିଧି ଦଳ ଖୁବଶୀଘ୍ର ରେଳମନ୍ତ୍ରୀଙ୍କୁ ଭେଟିବ।

# ହର୍ମୁଜ ଖୋଲିବା ପାଇଁ ପ୍ଲାନ ବି କରୁଛନ୍ତି ଭାରତ ସମେତ ୬୦ ଦେଶ

ନୂଆଦିଲ୍ଲୀ,୩।୪: ଆମେରିକା-ଇରାନ ଯୁଦ୍ଧ କାରଣରୁ ସମଗ୍ର ବିଶ୍ୱରେ ଶକ୍ତି ସଙ୍କଟ ଗଭୀର ହେବାରେ ଲାଗିଛି । ଏହି ସଙ୍କଟ ସମୟରେ ଗୁରୁବାର ଭାରତ ସହିତ ୬୦ରୁ ଅଧିକ ଦେଶ ହର୍ମୁଜ ପ୍ରଣାଳୀ ଖୋଲିବାର ମାର୍ଗ ଖୋଜିବା ପାଇଁ ଏକ ଜରୁରୀକାଳୀନ ବୈଠକ କରିଛନ୍ତି । ବ୍ରିଟେନର ନେତୃତ୍ୱରେ ହୋଇଥିବା ଏହି ଭର୍ଚ୍ଚୁଆଲ ବୈଠକରେ କୂଟନୈତିକ ଓ ଆର୍ଥିକ ବିକଳ୍ପ ଅର୍ଥାତ ପ୍ଲାବ ବି ଉପରେ ଆଲୋଚନା କରାଯାଇଛି ।

ବ୍ଲୁମର୍ଗର ରିପୋର୍ଟ ଅନୁସାରେ, ଏହି ମହତ୍ୱପୂର୍ଣ୍ଣ ବୈଠକରେ ଭାରତର ପ୍ରତିନିଧିତ୍ୱ କରିଥିଲେ ବୈଦେଶିକ ସଚିବ ବିକ୍ରମ ମିସ୍ରି । ତାଙ୍କ ସହିତ ଫ୍ରାନ୍ସ, ଜର୍ମାନୀ, ଇଟାଲୀ ଓ ୟୁଏଇର ପ୍ରତିନିଧି ମଧ୍ୟ ସାମିଲ୍ ହୋଇଥିଲେ। ବୈଠକରେ ନୂଆଦିଲ୍ଲୀ ଅନ୍ତର୍ଜାତୀୟ ଜଳମାର୍ଗର ସ୍ୱାଧୀନତା ଓ ବିନା ବାଧାରେ ଗମନାଗମନର ମହତ୍ୱକୁ ଜୋରଦାର ଭାବେ ଉଠାଇଛି । ଏହା ସହ ଉର୍ଜା ସୁରକ୍ଷା ଉପରେ ଏହାର ସିଧାସଳଖ ପ୍ରଭାବ ଉପରେ ଗୁରୁତ୍ୱ ଦେଇଛି ଭାରତ। ବୈଦେଶିକ ସଚିବ ବିକ୍ରମ ମିସ୍ରି ଜୋର ଦେଇ କହିଛନ୍ତି ଯେ, ବର୍ତ୍ତମାନର ସଂଘର୍ଷ ସମୟରେ ଉପସାଗରୀୟରେ ଜାହାଜ ଉପରେ ହୋଇଥିବା ହମଲାରେ ପ୍ରାଣ ହରାଇଥିବା ନାବିକ ମାମଲାରେ ଏକମାତ୍ର ପ୍ରଭାବିତ ଦେଶ ହେଉଛି ଭାରତ ।

ବିଦେଶ ସଚିବ ମିଶ୍ରି ଉତ୍ତେଜନା କମ କରିବା ପାଇଁ କୂଟନୀତି ମାର୍ଗକୁ ଫେରିବା ପାଇଁ ଆହ୍ୱାନ କରିଛନ୍ତି । ଏହା ସହ ଭାରତ ପତାକା ଲାଗିଥିବା ଜାହାଜର ସୁରକ୍ଷିତ ପ୍ରତ୍ୟାବର୍ତ୍ତନ ସୁନିଶ୍ଚିତ କରିବା ପାଇଁ ଭାରତ ଲଗାତାର ଇରାନ ଓ ଅନ୍ୟ ହିତଧାରକଙ୍କ ସହିତ ଯୋଗାଯୋଗରେ ରହିଛି । ବ୍ରିଟେନର ବୈଦେଶିକ ସଚିବ ୟେଭେଟ କୁପରଙ୍କ ଅଧ୍ୟକ୍ଷତାରେ ହୋଇଥିବା ବୈଠକରେ ସୈନ୍ୟ ହସ୍ତକ୍ଷେପ ପରିବର୍ତ୍ତେ ଓ କୂଟନୀତି ସମାଧାନ ଉପରେ ଗୁରୁତ୍ୱ ଦିଆଯାଇଛି । ଆଗାମୀ ସପ୍ତାହରେ ଭାଗ ନେବାକୁ ଥିବା ଦେଶର ସୈନ୍ୟ ଅଧିକାରୀଙ୍କ ବୈଠକ ହେବ ।

# ଜନ ଗଣନାରେ ସହଯୋଗ କରିବାକୁ ଅପିଲ କଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୩।୪(ମହାଭାରତ): ସେଲ୍ଫ ଏନୁମରେସନ୍ ପୋର୍ଟାଲ ମାଧ୍ୟମରେ ଜନସାଧାରଣ ନିଜର ତଥ୍ୟ ନିଜେ ପ୍ରଦାନ କରି ଜନ ଗଣନାରେ ସହଯୋଗ କରିବାକୁ ଅପିଲ କରିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ । ଜନଗଣନା ୨୦୨୭ର ପ୍ରଥମ ପର୍ଯ୍ୟାୟ ଗୃହଗଣନା ଏବଂ ଗୃହତାଲିକା-୨୦୨୬ ଅବସରରେ ମୁଖ୍ୟମନ୍ତ୍ରୀ ବାର୍ତ୍ତା ଦେଇଛନ୍ତି ।ଭାରତ ସରକାରଙ୍କ ଗୃହ ମନ୍ତ୍ରଣାଳୟର ଓଡ଼ିଶାସ୍ଥିତ ଜନଗଣନା ନିର୍ଦ୍ଦେଶାଳୟ ଏବଂ ଓଡ଼ିଶା ସରକାରଙ୍କ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ସମନ୍ୱୟରେ ଜନଗଣନା କାର୍ଯ୍ୟକ୍ରମର ଶୁଭାରମ୍ଭ ହୋଇଛି। ଓଡ଼ିଶାର ୩୦ଟି ଜିଲ୍ଲାରେ ଜନଗଣନାର ପ୍ରଥମ ପର୍ଯ୍ୟାୟରେ ଗୃହଗଣନା ଏବଂ ଗୃହତାଲିକା ପ୍ରସ୍ତୁତି ଆଗାମୀ ଅପ୍ରେଲ୍ ୧୬ ତାରିଖରୁ ଆରମ୍ଭ ହେବାକୁ ଯାଉଛି ।



ଏହି କାର୍ଯ୍ୟକ୍ରମରେ, ଏପ୍ରିଲ୍ ୧୬ ତାରିଖରୁ ମେ ୧୫ ତାରିଖ ପର୍ଯ୍ୟନ୍ତ ତାଲିମ ପ୍ରାପ୍ତ ଗଣନାକାରୀ ଓ ସୁପରଭାଇଜର ମାନେ ଘରକୁ ଘର ବୁଲି ତଥ୍ୟ ସଂଗ୍ରହ କରିବେ । ଏହା ପୂର୍ବରୁ ଅପ୍ରେଲ୍ ୧ ତାରିଖରୁ ଅପ୍ରେଲ୍ ୧୫ ତାରିଖ ମଧ୍ୟରାତ୍ରି ପର୍ଯ୍ୟନ୍ତ ସ୍ୱ-ଗଣନା କାର୍ଯ୍ୟକ୍ରମ ଜାରି ରହିଛି । ଏଥିରେ ସେଲ୍ଫ ଏନୁମରେସନ୍ ପୋର୍ଟାଲ ମାଧ୍ୟମରେ ଜନସାଧାରଣ ନିଜର ତଥ୍ୟ ନିଜେ ପ୍ରଦାନ କରୁଛନ୍ତି। ଆପଣ ଯଦି ଏ ପର୍ଯ୍ୟନ୍ତ ତଥ୍ୟ ଦେଇନାହାନ୍ତି, ତେବେ ଏହି ପୋର୍ଟାଲରେ ନିଜର ତଥ୍ୟ ଦିଅନ୍ତୁ ଏବଂ ଜନ ଗଣନାରେ ସହଯୋଗ କରନ୍ତୁ ବୋଲି ଅପିଲ କରିଛନ୍ତି ମୁଖ୍ୟମନ୍ତ୍ରୀ। ଏପ୍ରିଲ ୧୬ ତାରିଖରୁ ତାଲିମପ୍ରାପ୍ତ ଗଣନାକାରୀ ମାନେ ଘର-ଘର ବୁଲି ତଥ୍ୟ ସଂଗ୍ରହ କରିବେ। ଏହି ତଥ୍ୟ ଆମ ରାଜ୍ୟ ତଥା ଦେଶର ଯୋଜନା ପ୍ରଣୟନ ଓ କାର୍ଯ୍ୟାନ୍ୱୟନ ସକାଶେ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ତେଣୁ ଏହି ତଥ୍ୟ ପ୍ରଦାନ ନିମନ୍ତେ ଆପଣମାନେ ସମସ୍ତେ ସହଯୋଗର ହାତ ବଢାଇ କାର୍ଯ୍ୟକ୍ରମକୁ ସଫଳ କରନ୍ତୁ । ଆମ ସରକାର ଏହି କାର୍ଯ୍ୟକ୍ରମ ପାଇଁ ସମସ୍ତ ପ୍ରସ୍ତୁତି କରିସାରିଛନ୍ତି। ଗଣନାକାରୀ ଆପଣଙ୍କ ଘରକୁ ଯେଉଁ ସମୟରେ ତଥ୍ୟ ସଂଗ୍ରହ କରିବା ପାଇଁ ଯିବେ, ତାଙ୍କୁ ସଠିକ ତଥ୍ୟ ପ୍ରଦାନ କରି, ଆମ ରାଜ୍ୟ ତଥା ଦେଶର ବିକାଶରେ ସହାୟତା କରନ୍ତୁ ।ଓଡ଼ିଶା ସରକାରଙ୍କ ପକ୍ଷରୁ ଏହି ଜାତୀୟ କାର୍ଯ୍ୟକ୍ରମର ସଫଳତା ନିମନ୍ତେ ଆପଣମାନଙ୍କ ଆନ୍ତରିକ ଯୋଗଦାନ ନିମନ୍ତେ ଅନୁରୋଧ କରୁଛନ୍ତି ମୁଖ୍ୟମନ୍ତ୍ରୀ।

# ଶତ୍ରୁକୁ ନାଶ କରିବ ଅରିଦମନ

ନୂଆଦିଲ୍ଲୀ,୩।୪(ଏଜେନ୍ସି): ଆଣବିକ ଶକ୍ତି ସମ୍ପନ୍ନ ତୃତୀୟ ସ୍ୱଦେଶୀ ବୁଡା ଜାହାଜ ଆଇଏନଏସ୍ ଅରିଦମନ ଆଜି ଭାରତୀୟ ନୌସେନାରେ ସାମିଲ ହୋଇଛି। ଅରିଦମନର ଅର୍ଥ ଶତ୍ରୁର ନାଶ। ଏହା ଶତ୍ରୁ ପକ୍ଷକୁ ଜଳପଥରେ ସଂପୂର୍ଣ୍ଣ ନାଶ କରିବାକୁ ସକ୍ଷମ। ଏହା ଉଭୟ ସାମରିକ ଓ ବୈଷୟକ ବୁଡାଜାହାଜ ଭାବେ ଭାରତୀୟ ନୌସେନାର ଶକ୍ତିକୁ ଦୁଇ ଗୁଣ କରିବ।

ଅରିହାନ୍ତ ବର୍ଗର ଅଂଶବିଶେଷ ଭାବେ ଏହି ବୁଡା ଜାହାଜର ଓଜନ ୭ ହଜାର ଟନ୍। ଏଥିରେ ଲାଗିଥିବା ୯୦% ଜିନିଷ ସ୍ୱଦେଶୀ। ଆଇଏନଏସ୍ ଅରିଦମନରୁ ଆଣବିକ ଯୁଦ୍ଧାସ୍ତ୍ର ମାଡ କରାଯାଇ ପାରିବ। ଏଥିରେ ଗୋଟିଏ ପରମାଣୁ ରିଆକ୍ଟର ଖଞ୍ଜା ଯାଇଛି ଯାହା ଏହାକୁ ନିରବଚ୍ଛିନ୍ନ ଭାବେ ଶକ୍ତି ଯୋଗାଇବ। ଫଳରେ ବୁଡାଜାହାଜଟି ଇନ୍ଧନ ଭର୍ତ୍ତି କରିବା ପାଇଁ ଆଉ କୂଳକୁ ଆସିବାର ଆବଶ୍ୟକତା ନାହିଁ।




ପାଣି ଭିତରେ ଆଇଏନଏସ୍ ଅରିଦମ ଘଣ୍ଟା ପ୍ରତି ୪୫ କିମି ବେଗରେ ଯିବାକୁ ସକ୍ଷମ। ଅରିହନ୍ତ ଓ ଅରିଘାଟ ଠାରୁ ୧ ହଜାର ଟନ ଓଜନ ଅରିଦମନରେ ରହିଛି ଡବଲ ମିସାଇଲ ଷ୍ଟ୍ରାଇକ କ୍ଷମତା। ଅରିହନ୍ତ ଓ ଅରିଘାଟରେ ୪ଟି ଭରଟିକାଲ ଲଞ୍ଚ ଟ୍ୟୁବ୍ସ ରହିଥିବା ବେଳେ ଅରିଦମନରେ ରହିଛି ୮ଟି ଲଞ୍ଚ ଟ୍ୟୁବ୍ସ। ଅରିଦମନରେ ଥିବା ଯୁଦ୍ଧାସ୍ତ୍ର କେବଳ ଗଭୀର ଜଳରାଶିରେ ନୁହେଁ, ବରଂ ସ୍ଥଳ କିମ୍ବା ଆକାଶ ପଥରେ ଥିବା ଟାର୍ଗେଟକୁ ହିଟ୍ କରିପାରିବ। ୨୪ଟି ସାଗରିକା କେ ୧୫ ବାଲାଷ୍ଟିକ ମିସାଇଲକୁ ନେବାକୁ ଅରିଦମନ ସକ୍ଷମ। ସାଗରିକା କେ ୧୫ର ଲକ୍ଷ୍ୟ ଭେଦ କ୍ଷମତା ୭୫୦ରୁ ୧୫୦୦ କିମି। ୩୫୦୦ କିମି ଯାଏ ଲକ୍ଷ୍ୟ ଭେଦ କ୍ଷମତା ରଖିଥିବା ୮ଟି ଦୂରଗାମୀ କେ-୪ ବାଲାଷ୍ଟିକ ମିସାଇଲ ମଧ୍ୟ ଏହା ବହନ କରିପାରିବ। ଭବିଷ୍ୟତରେ ଏଥିରେ କେ-୫ ମିସାଇଲ ଖଞ୍ଜାଯିବ। ଯାହାର ଲକ୍ଷ୍ୟଭେଦ କ୍ଷମତା ୬୦୦୦ କିମି।

ଆଜି ଆଇଏନଏସ୍ ଅରିଦମନ ବ୍ୟତୀତ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ ବିଶାଖାପଟନମ ଠାରେ ଆଇଏନଏସ୍ ତାରାଗିରିକୁ ମଧ୍ୟ ନୌସେନାରେ ସାମିଲ କରିଛନ୍ତି। ଏହାର ଓଜନ ୬୬୭୦ ଟନ୍।

# ବାଣ ଭିଡାବେଳେ ବିସ୍ଫୋରଣ, ୬ ଗୁରୁତର

ନୟାଗଡ଼,୩।୪(ମହାଭାରତ): ପୁଣି ବାଣ ଭିଡିବା ବେଳେ ବିସ୍ଫୋରଣ। ଫଳରେ ଗୋଟିଏ ପରିବାରର ୬ ଜଣ ଗୁରୁତର ଆହତ ହୋଇଛନ୍ତି। ସମସ୍ତ ଗୁରୁତରଙ୍କୁ ଉଦ୍ଧାର କରି ନିକଟସ୍ଥ ମେଡିକାଲରେ ଭର୍ତ୍ତି କରାଯାଇଛି। ତେବେ ଏହି ବିସ୍ଫରଣ ନୟାଗଡ ଜିଲ୍ଲା ଦଶପଲ୍ଲା ନୂଆଗାଁ ଥାନା କୋରଡା ଗାଁରେ ହୋଇଛି। ବାଣ ଏତେ ଜୋରରେ ବିସ୍ଫୋରଣ ହେଇଥିଲା ଯେ ଚାରିପାଖରେ ଥିବା ଘର ସବୁକିଛି ଛାରଖାର ହୋଇଯାଇଥିଲା। ଖବରପାଇ ପୋଲିସ ଘଟଣସ୍ଥଳରେ ପହଞ୍ଚି ଘଟଣାର ଅନୁଧ୍ୟାନ ଆରମ୍ଭ କରିଛି।

ସୂଚନା ଅନୁସାରେ, ଦଶପଲ୍ଲା ନୂଆଗାଁ ଥାନା କୋରଡା ଗାଁର ଗୋଟିଏ ପରିବାରର ଦଶପଲ୍ଲାରେ ହେବାକୁ ଥିବା ଲଙ୍କାପୋଡି ଉତ୍ସବ ପାଇଁ ନିଜ ଘରେ ବାଣ ଭିଡୁଥିଲେ। ଏହି ସମୟରେ ହଠାତ ବିସ୍ଫରଣ ଘଟିଥିଲା। ଫଳରେ ଘରେ ନିଆଁ ଲାଗିଯିବା ସହିତ ଘରେ ଥିବା ୬ ଜଣ ଗୁରୁତର ଆହତ ହୋଇଛନ୍ତି। ଗୁରୁତରଙ୍କ ମଧ୍ୟରେ ୨ ଜଣ ମହିଳା ରହିଛନ୍ତି। ୬ ଜଣଙ୍କୁ ଜିଲ୍ଲା ନୟାଗଡ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ସ୍ଥାନୀୟ ଲୋକେ ଭର୍ତ୍ତି କରିଥିଲେ। ତେବେ ବାରମ୍ୱାର ବେଆଇନ ଭାବେ ବାଣ ତିଆରି ହେଉଛି ଏବଂ ସେହି କାରଣରୁ ବିସ୍ଫରଣ ହେଉଛି ହେଲେ ପୋଲିସ କିପରି ଜାଣିପାରୁନି ସେ ନେଇ ଏକ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

# ୟୁସିସି ଆସିବ, ଅନୁପ୍ରବେଶକାରୀ ୪ଥର ବାହା ହୋଇପାରିବେନି : ଶାହ

ନୂଆଦିଲ୍ଲୀ,୩।୪: ବଡ ପ୍ରତିଶ୍ରୁତି ଦେଇଛନ୍ତି ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହ। ନିର୍ବାଚନ ପାଇଁ ପ୍ରସ୍ତୁତ ହେଉଥିବା ଆସାମର ଗୋଲପଡା ଜିଲ୍ଲାର ଦୂଧନୋଇରେ ଆୟୋଜିତ ରାଲିରେ ସେ ୟୁସିସି ଆସିବ ବୋଲି କହିଛନ୍ତି। ଅନୁପ୍ରବେଶକାରୀ ଯେମିତି ଆଉ ୪ଥର ବିବାହ କରିପାରିବେ ନାହିଁ, ସେକଥା ୟୁନିଫର୍ମ ସିଭିଲ କୋଡ ବା ୟୁସିସି ନିଶ୍ଚିତ କରିବ ବୋଲି ଶ୍ରୀ ଶାହ ଦମ୍ଭୋକ୍ତି କରିଛନ୍ତି।

ତାଙ୍କ କହିବା କଥା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ଆସାମ ମୁଖ୍ୟମନ୍ତ୍ରୀ ହିମନ୍ତ ବିଶ୍ୱଶର୍ମା ମିଳିତ ଭାବେ ଆଦିବାସୀଙ୍କ ପୂର୍ଣ୍ଣାଙ୍ଗ ବିକାଶ ପାଇଁ ରୋଡମ୍ୟାପ ପ୍ରସ୍ତୁତ କରିଛନ୍ତି। ଏହାର ପୂର୍ଣ୍ଣ କାର୍ଯ୍ୟକାରିତା ରାଜ୍ୟରେ ବିଜେପି କ୍ଷମତାକୁ ପୁଣି ଆସିବା ଉପରେ ନିର୍ଭର କରୁଛି। ତେଣୁ ଲୋକମାନେ ଏହାକୁ ଆଗକୁ ନେବା ପାଇଁ ଓ ସବୁ କିଛି କର୍ଯ୍ୟକାରୀ କରିବା ପାଇଁ ବିଜେପିକୁ ଭୋଟ ଦିଅନ୍ତୁ ବୋଲି ସେ କହିଛନ୍ତି।

ଶ୍ରୀ ଶାହ କହିଛନ୍ତି, "କଂଗ୍ରେସ କେବେ ହେଲେ ବି ଜଣେ ଆଦିବାସୀ ସଂପ୍ରଦାୟର ମହିଳାଙ୍କୁ ଦେଶର ରାଷ୍ଟ୍ରପତି କରି ନଥିଲା। କିନ୍ତୁ ପ୍ରଧାନମନ୍ତ୍ରୀ ମୋଦି ଏହାକୁ ବଦଳାଇଛନ୍ତି ଓ ଦ୍ରୌପଦୀ ମୁର୍ମୁ ଏବେ ଦେଶର ପ୍ରଥମ ନାଗରିକ।" ଆଦିବାସୀ ଅଞ୍ଚଳ ସଂପୂର୍ଣ୍ଣ ଭାବେ ୟୁସିସି ବାହାରେ ରହିବ ବୋଲି ମଧ୍ୟ ଶ୍ରୀ ଶାହ ନିଜ ଭାଷଣରେ ସ୍ପଷ୍ଟ କରିଛନ୍ତି।



ନିକଟରେ ମେଘାଳୟରେ ଦେଖାଯାଇଥିବା ହିଂସାର ଉଦାହରଣ ଦେଇ ସେ ଅଭିଯୋଗ କରିଛନ୍ତି ଯେ ଆଦିବାସୀ ମହିଳାମାନଙ୍କୁ ବାହା ହୋଇ ଅନୁପ୍ରବେଶକାରୀମାନେ ଗାରୋ ହିଲ୍ସ ସ୍ୱୟଂଶାସିତ ଜିଲ୍ଲା ପରିଷଦରେ ନିଜର ରାଜନୀତିକ ପ୍ରଭାବ ସୃଷ୍ଟି କରିବାକୁ ଉଦ୍ୟମ କରିଥିଲେ। ଏଥିଯୋଗୁ ଅଶାନ୍ତି ଦେଖିବାକୁ ମିଳିଥିଲା ।ଅନୁପ୍ରବେଶକାରୀ ଆଦିବାସୀ ମହିଳାଙ୍କୁ ଢାଲ କରି ଗାରୋ ପରିଷଦରେ କ୍ଷମତା ଅକ୍ତିଆର କରିବାକୁ ଚାହୁଁଛନ୍ତି। ହେଲେ ବିଜେପି ଅନୁପ୍ରବେଶ ବିରୋଧରେ ଦୃଢ଼ ଭାବେ ଛିଡା ହୋଇଛି। ଦଳ ଯଦି କ୍ଷମତାକୁ ଆସିବ, ତା'ହେଲେ ଅନୁପ୍ରବେଶକାରୀଙ୍କ ବିରୋଧରେ କଡା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବ।

ଆସାମରେ ବିଜେପିକୁ ଆଉ ୫ ବର୍ଷ ସୁଯୋଗ ଦିଆଯାଉ। ଆମେ ରାଜ୍ୟକୁ ଅନୁପ୍ରବେଶକାରୀଙ୍କ କବଳରୁ ମୁକ୍ତ କରିବୁ ଓ ସେମାନଙ୍କୁ ବିଦା କରିବୁ ବୋଲି ଶ୍ରୀ ଶାହ ପ୍ରତିଶ୍ରୁତି ଦେଇଛନ୍ତି। ଅମିତ ଶାହ ଦାବି କରିଛନ୍ତି ଯେ ବିଜେପି ଆସାମରେ ଶାନ୍ତି ପ୍ରତିଷ୍ଠା କରିଛି। ଯଦି କଂଗ୍ରେସ କ୍ଷମତାକୁ ଆସିବ, ତା'ହେଲେ ପୁଣି ଅସ୍ଥିରତା ଦେଖାଯିବ। କଂଗ୍ରେସ ଯଦି କିଛି ବି ଆସନ ଜିତିବ, ତା'ହେଲେ ଆସାମ ପୁଣି ଅସ୍ଥିର ମଧ୍ୟକୁ ଚାଲିଯିବ ବୋଲି ସେ କହିଛନ୍ତି। ଆସନ୍ତା ଏପ୍ରିଲ ୯ରେ ଆସାମରେ ବିଧାନସଭା ପାଇଁ ଭୋଟିଂ ହେବ। ମେ' ୪ରେ ଭୋଟ ଗଣତି ସହ ଫଳାଫଳ ପ୍ରକାଶ ପାଇବ।

# 'ପୁରୀ, ଉଜ୍ଜୟିନୀ ଏବଂ କାଶୀ ଭାରତୀୟ ଜ୍ଞାନ ପରମ୍ପରାର କେନ୍ଦ୍ର'

ଉଜ୍ଜୟିନୀ/ମଧ୍ୟପ୍ରଦେଶ,୩।୪(ମହାଭାରତ): ପୁରୀ, ଉଜ୍ଜୟିନୀ ଏବଂ କାଶୀ ଭାରତୀୟ ଜ୍ଞାନ ପରମ୍ପରାର ପ୍ରମୁଖ କେନ୍ଦ୍ର, ଯେଉଁଠାରେ ବିଜ୍ଞାନ ଓ ଆଧ୍ୟାତ୍ମିକତାର ଅଦ୍ଭୁତ ସମନ୍ୱୟ ଦେଖିବାକୁ ମିଳେ ବୋଲି ଆଜି ବାବା ମହାକାଳଙ୍କ ପବିତ୍ର ନଗରୀ ଉଜ୍ଜୟିନୀ (ଅବନ୍ତୀକା)ରେ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟକ୍ରମରେ ଯୋଗଦେବା ଅବସରରେ କହିଛନ୍ତି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଶ୍ରୀଯୁକ୍ତ ଧର୍ମେନ୍ଦ୍ର ପ୍ରଧାନ ।

ଏହି ଗସ୍ତକାଳରେ ଶ୍ରୀ ପ୍ରଧାନ ମଧ୍ୟପ୍ରଦେଶ ମୁଖ୍ୟମନ୍ତ୍ରୀ ଡା. ମୋହନ ଯାଦବ ଏବଂ ଆରଏସଏସର ଅଖିଳ ଭାରତୀୟ କାର୍ଯ୍ୟକାରିଣୀ ସଦସ୍ୟ ଶ୍ରୀ ସୁରେଶ ସୋନୀଙ୍କ ସହ ମିଳିତ ଭାବେ 'ମହାକାଳ: ଦ ମାଷ୍ଟର ଅଫ୍ ଟାଇମ୍' ଆନ୍ତର୍ଜାତୀୟ ସମ୍ମିଳନୀର ଶୁଭାରମ୍ଭ କରିଥିଲେ । ଏହି ଅବସରରେ ଶ୍ରୀ ପ୍ରଧାନ 'ବିଦ୍ୟାର୍ଥୀ ବିଜ୍ଞାନ ମନ୍ଥନ ୨୦୨୬-୨୭'ର ୱେବସାଇଟ୍ ଏବଂ ପୁସ୍ତିକା ଉନ୍ମୋଚନ କରିଛନ୍ତି । ସେ କହିଛନ୍ତି



ଯେ,ଉଜ୍ଜୟିନୀ କେବଳ ଏକ ସ୍ଥାନ ନୁହେଁ, ବରଂ ଏହା ସମୟ ଗଣନାର ଏକ ପ୍ରମୁଖ କେନ୍ଦ୍ର । ଉଜ୍ଜୟିନୀକୁ ପୁନର୍ବାର 'ଗ୍ଲୋବାଲ୍ ମେରିଡିଆନ୍' ବା ବିଶ୍ୱ ସମୟ ନିର୍ଦ୍ଧାରଣର ମାନକ ଭାବେ ପ୍ରତିଷ୍ଠା କରିବା ପାଇଁ ଚାଲିଥିବା ପ୍ରୟାସ ଆମର ପ୍ରାଚୀନ ବିଜ୍ଞାନକୁ ଆଧୁନିକ ଯୁଗ ସହ ଯୋଡ଼ିବ । ଅପରପକ୍ଷରେ ଜାତୀୟ ଶିକ୍ଷା ନୀତି -୨୦୨୦ ମାଧ୍ୟମରେ ଭାରତ ଆଜି ଟି.ବି ମାକାଉଲେଙ୍କ ପରାଧୀନ ଶିକ୍ଷା ମାନସିକତାରୁ ବାହାରି ନିଜର ମୂଳ ଜ୍ଞାନ ଓ ଭାଷା ସହିତ ଯୋଡ଼ି ହେଉଛି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ଭାରତ ଏକ ସ୍ୱାଭିମାନୀ ଓ ବିକଶିତ ରାଷ୍ଟ୍ର ଗଠନ ଦିଗରେ ଆଗେଇ ଚାଲିଛି ବୋଲି ସେ କହିଛନ୍ତି ।

ଏହି ଅବସରରେ ଶ୍ରୀ ପ୍ରଧାନ ଯୁବପିଢ଼ିଙ୍କ ମଧ୍ୟରେ ବୈଜ୍ଞାନିକ ମନୋଭାବ ବୃଦ୍ଧି କରିବା ଲକ୍ଷ୍ୟରେ ଏକ 'ଉଜ୍ଜୟିନୀ ସାଇନ୍ସ ସେଣ୍ଟର' ର ଲୋକାର୍ପଣ କରିଛନ୍ତି । ଏହି ବିଜ୍ଞାନ କେନ୍ଦ୍ର ଯୁବପିଢ଼ିଙ୍କ ମଧ୍ୟରେ ବୈଜ୍ଞାନିକ ଚିନ୍ତାଧାରା, ନୂତନ ଅନୁସନ୍ଧାନ ଏବଂ କିଛି ନୂଆ ଜାଣିବାର ଆଗ୍ରହ ବଢ଼ାଇବାରେ ଏକ ବଡ଼ ମାଧ୍ୟମ ହେବ । ଉଜ୍ଜୟିନୀର ଆଧ୍ୟାତ୍ମିକ ପରମ୍ପରା ସହ ଆଧୁନିକ ବିଜ୍ଞାନର ଏହି ମିଳନ ଯୁବପିଢ଼ିଙ୍କୁ ଜ୍ଞାନୀ ଏବଂ ସଂସ୍କାରୀ କରିବ ବୋଲି ସେ କହିଛନ୍ତି। ଗସ୍ତ କାଳରେ ଶ୍ରୀ ପ୍ରଧାନ ଶ୍ରୀ ଅଙ୍ଗାରେଶ୍ୱର ମହାଦେବ ମନ୍ଦିରରେ ଦର୍ଶନ କରିବା ସହ ଗୋ-ସେବା କରିଥିଲେ। ଗୋ-ସେବାକୁ ସେ ଭାରତୀୟ ସଂସ୍କୃତିର କରୁଣା ଓ ସଂବେଦନାର ଜୀବନ୍ତ ସ୍ୱରୂପ ବୋଲି ସେ ଅଭିହିତ କରିଛନ୍ତି ।

## ଦ୍ରୁତଗାମୀ ଥାର୍ ଧକ୍କାରେ ଶିଶୁ ମୃତ

ବାଲେଶ୍ୱର,୩।୪(ମହାଭାରତ): ଏକ ଦ୍ରୁତଗାମୀ ଥାର୍ ଧକ୍କାରେ ଜଣେ ଶିଶୁର ପ୍ରାଣ ଚାଲିଯାଇଛି । ଏହା ସହିତ ପରିବାରର ୫ ଜଣ ଗୁରୁତର ହୋଇଛନ୍ତି । ବାଲେଶ୍ୱର ଜିଲ୍ଲା ଖନ୍ତାପଡା ଖୁସି ହୋଟେଲ ନିକଟରେ ଶୁକ୍ରବାର ମର୍ମନ୍ତୁଦ ଦୁର୍ଘଟଣା ଘଟିଛି । ଚକଜଗନ୍ନାଥପୁର ପଞ୍ଚାୟତ ବାସୁବରହମପୁର ଗାଁର ଗୋଟିଏ ପରିବାର ଅଟୋରେ ଯାଉଥିଲେ । ୧୬ ନମ୍ବର ଜାତୀୟ ରାଜପଥ ଖନ୍ତାପଡ଼ା ବଜାର ଖୁସି ହୋଟେଲ ନିକଟରେ ଦ୍ରୁତଗତିରେ ଆସୁଥିବା ଥାର୍ ଗାଡି ଅଟୋକୁ ପଛପଟୁ ଧକ୍କା ଦେଇଥିଲା । ଫଳରେ ଅଟୋରେ ଥିବା ଗୋଟିଏ ପରିବାରର ୬ ଜଣ ଗୁରୁତର ହୋଇଥିଲେ ।

## ସବ୍-ଜୋନାଲ୍ ମାଓ କମାଣ୍ଡର ସୁରେନ୍ଦ୍ର ଲୋହାରଙ୍କ ଆତ୍ମସମର୍ପଣ

ବିଶ୍ରା,୩।୪(ମହାଭାରତ): ମାଓବାଦୀଙ୍କ ବିରୋଧରେ ପୁଲିସଙ୍କ ନିରନ୍ତର ଅଭିଯାନର ପ୍ରଭାବ ଦେଖିବାକୁ ମିଳିଛି। ଝାଡଖଣ୍ଡ ଜନମୁକ୍ତି ପରିଷଦ (ଜେଜେଏମପି)ର ସବ୍-ଜୋନାଲ କମାଣ୍ଡର ସୁରେନ୍ଦ୍ର ଲୋହରା ଓରଫ ଟାଇଗର ଗୁରୁବାର ପୁଲିସ ନିକଟରେ ଆତ୍ମସମର୍ପଣ କରିଛନ୍ତି। ୫ ଲକ୍ଷ ଟଙ୍କାର ପୁରସ୍କାର ଘୋଷିତ ଏହି ମାଓ କମାଣ୍ଡର ପାଲାମୁ ଆଇଜି ଶୈଳେନ୍ଦ୍ର ସିହ୍ନା ଏବଂ ଲାତେହାର ଏସପି କୁମାର ଗୌରବଙ୍କ ନିକଟରେ ଆତ୍ମସମର୍ପଣ କରିଛନ୍ତି ।ସୁରେନ୍ଦ୍ର ଲୋହରା ଲାତେହାର ସଦର ଥାନା ଅଞ୍ଚଳର ମାଞ୍ଚର ଗାଁର ବାସିନ୍ଦା ଓ ସେ ଗତ ୨୦ ବର୍ଷ ଧରି ବିଭିନ୍ନ ମାଓ ସଂଗଠନରେ ସକ୍ରିୟ ରହିଥିଲେ। ଲାତେହାର ଏସପି କୁମାର ଗୌରବଙ୍କ ନେତୃତ୍ୱରେ ଗତ କିଛି ଦିନ ଧରି ମାଓ ବିରୋଧରେ ବ୍ୟାପକ ଅଭିଯାନ ଚାଲିଥିଲା। ଏହି ଅଭିଯାନରେ ପୂର୍ବରୁ ଦୁର୍ବଳ ହୋଇପଡ଼ିଥିବା ମାଓବାଦୀମାନଙ୍କୁ ଆତ୍ମସମର୍ପଣ ପାଇଁ ଶେଷ ସୁଯୋଗ ଦିଆଯାଇଥିଲା।

## ଅଣ୍ଡା ଚିକେନ ଫ୍ରାଏ

ସାମଗ୍ରୀ: ଚିକେନ ,ଅଣ୍ଡା , ଲଙ୍କା ଗୁଣ୍ଡ, ହଳଦୀ ଗୁଣ୍ଡ, ଅଦା ରସୁଣ ବଟା , ଲୁଣ , ଜିରା ଗୁଣ୍ଡ, ଧନିଆ ଗୁଣ୍ଡ , ଗୋଟା ଗରମ ମସଲା , ଜିରା , କଟା ଟମାଟୋ ଓ ତେଲ।

ପ୍ରସ୍ତୁତି ପ୍ରଣାଳୀ: ପ୍ରଥମେ ଚିକନେକୁ ଭଲ ଭାବେ ଧୋଇ ସେଥିରେ ଲଙ୍କା ଗୁଣ୍ଡ , ହଳଦୀ ଗୁଣ୍ଡ , ଅଦା – ରସୁଣ ବଟା ଓ ଲୁଣ ପକାନ୍ତୁ। ଏବେ ସେଥିରେ ଜିରା ଗୁଣ୍ଡ , ଧନିଆ ଗୁଣ୍ଡ ଓ ଅଣ୍ଡା ପକାଇ ମ୍ୟାରିନେଟ କରି ରଖନ୍ତୁ।

କିଛି ସମୟ ପରେ କଡ଼େଇରେ ତେଲ ଗରମ କରି ଗୋଟା ଗରମ ମସଲା , ଜିରା , କଟା ଟମାଟୋ, ଅଣ୍ଡା , ଲୁଣ ଓ ହଳଦୀ ପକାଇ ଭଲ ଭାବେ କଷନ୍ତୁ। ଅଣ୍ଡା ମସଲା କଷି ହୋଇଗଲେ ସେଥିରେ ମ୍ୟାରିନେଟ ହୋଇଥିବା ଚିକେନ ପକାଇ କଷନ୍ତୁ। ଏବେ ଅଳ୍ପ ପାଣିଦେଇ ଘୋଡ଼େଇ ଦିଅନ୍ତୁ। ଏବେ ଚିକନେ୍‌କୁ ସିଝିବାକୁ ଛାଡ଼ି ଦିଅନ୍ତୁ। ତେବେ କିଛି ସମୟ ଅନ୍ତରରେ ଘୋଡ଼ଣୀ କାଢି ଦେଖି ଥାଆନ୍ତୁ। ନ ହେଲେ ଚିକେନ ଲାଗି ଯାଇପାରେ। ଚିକେନ ସିଝି ଗଲା ପରେ ଓ ପାଣି ପୂରା ମରିଗଲା ପରେ ସେଥିରେ ଟମାଟୋ ସସ୍ , ଚିଲି ସସ୍ ପକାଇ ଆଉ ଅଳ୍ପ ସମୟ ଚୁଲିରେ ବସାନ୍ତୁ। ଏହାପରେ କଡ଼େଇକୁ ଓହ୍ଲାଇ ଦିଅନ୍ତୁ। ପ୍ରସ୍ତୁତ ହୋଇଗଲା 'ଅଣ୍ଡା ଚିକେନ ଫ୍ରାଏ' ।



ଖବର

## ଜାଆଁଳା ସନ୍ତାନର ମା' ହେବେ ନାଗିନ୍ ଫେମ୍ ସୁରଭି ଜ୍ୟୋତି





ପ୍ରଭାସଙ୍କ ବହୁ ଜାଆଁଳା ସନ୍ତାନର ମା' ହେବାକୁ ଯାଉଛନ୍ତି। ଟିଭିର ଚର୍ଚ୍ଚିତ ନାଗିନ୍ ଫେମ୍ ସୁରଭି ଜ୍ୟୋତି । ସେ ଏହି ଖୁସି ଖବରକୁ ସୋସିଆଲ ମିଡିଆରେ ସେୟାର କରିଛନ୍ତି । ଏହି ଖବର ସାମ୍ନାକୁ ଆସିବା ପରେ ପ୍ରଶଂସକମାନେ ଉତ୍ସାହ ପ୍ରକାଶ କରିଛନ୍ତି ।ସୁରଭି ଜ୍ୟୋତି ତାଙ୍କ ପ୍ରେଗ୍ନେସିକୁ ନେଇ ଖୁବ୍ ଖୁସି ରହିଛନ୍ତି। ସେ ନିଜକୁ ସବୁବେଳେ ସୋସିଆଲ ମିଡିଆରେ ଅପଡେଟ୍ ରଖୁଛନ୍ତି ।ସେ ଏହି ସମୟରେ ନିଜର ଯତ୍ନ ନେଉଥିବାର ଦେଖିବାକୁ ମିଳୁଛି । ଏଥିସହ ସେ ତାଙ୍କ ବେବି ବମ୍ପକୁ ଫ୍ଲା କରୁଥିବାର ମଧ୍ୟ ଦେଖିବାକୁ ମିଳିଛି । ଆଉ ଏକ ଖବର ସାମ୍ନାକୁ ଆସିବା ପରେ ପ୍ରଶଂସକଙ୍କର ଉତ୍ସାହ ଦ୍ୱିଗୁଣିତ ହୋଇଯାଇଛି । ସୁରଭି ଗୋଟିଏ ଛୁଆ ନୁହେଁ ବରଂ ଜାଆଁଳା ସନ୍ତାନର ମା ହେବା ପାଇଁ ଆଶା ରଖିଥିବା ଜଣାପଡିଛି । ପ୍ରେଗ୍ନେସିର ୪ ମାସ ମଧ୍ୟରେ ସୁରଭି ତାଙ୍କର ଏହି ଖୁସି ଖବରକୁ ଫ୍ୟାନ୍ସଙ୍କ ସହ ସେୟାର କରିଛନ୍ତି । ବେବି ବମ୍ପକୁ ଦେଖି ପ୍ରଶଂସକମାନେ ଅନେକ କଥା ଅନୁମାନ କରୁଥିବାବେଳେ ସୁରଭି ତାଙ୍କ ପ୍ରେଗ୍ନେସିର ସ୍କାନର ଫଟୋ ସେୟାର କରିଛନ୍ତି । ଯେଉଁଥିରେ ସେ ଜାଆଁଳା ସନ୍ତାନର ମା ହେବାକୁ ଯାଉଛନ୍ତି ବୋଲି ସ୍ପଷ୍ଟ କରିଛନ୍ତି । ସୁରଭି ତାଙ୍କ ପ୍ରେଗ୍ନେସିକୁ ନେଇ ଖୁବ୍ ସତର୍କ ଥିବା ମଧ୍ୟ ଦେଖିବାକୁ ମିଳିଛି । ଏହି ସମୟରେ ଅଭିନେତ୍ରୀ ଅଧିକାଂଶ ନେଚର ସହିତ ସମୟ ବିତାଉଛନ୍ତି । ଯଦି ସୁରଭିଙ୍କ ବିବାହ କଥା କୁହାଯାଏ ତେବେ ସେ ସୁମିତ ସୁରୀଙ୍କୁ ୨୭ ଅକ୍ଟୋବର ୨୦୨୪ରେ ବିବାହ କରିଥିଲେ । ବିବାହର ଦୁଇ ବର୍ଷ ପରେ ସେ ମା ହେବାକୁ ଯାଉଛନ୍ତି ।

## ଚର୍ବି କମ କରେ ଲୁଣ




ଏକ ସହଜ ଉପାୟ ଯାହାକୁ ଉପଯୋଗ କରି ଆପଣ ନିଜର ପେଟରେ ଥିବା ଚର୍ବିକୁ କମାଇପାରିବେ। ସକାଳୁ ଏକ ଗିଲାସ ସାଧା ପାଣିରେ ବଡ଼ ଅନୁସାରେ ଲୁଣ ମିଶାଇକି ପିଅନ୍ତୁ। ଦେଖିବେ କିପରି ଭାବେ ଆପଣଙ୍କ ପେଟରେ ପରିବର୍ତ୍ତନ ଆସୁଛି ।

ଜାଣନ୍ତୁ କଣ ରହିଛି ଏହାର ଫାଇଦା:

ଫାଇଦା କଥା କହିଲେ ଲୁଣ ଏବଂ ପାଣି ପିଇବା ଦ୍ୱାରା ପାଚନ ପ୍ରକ୍ରିୟା ଠିକ୍ ଭାବେ ହୋଇଥାଏ । ଏହି ପାଣିକୁ ପିଇବା ଦ୍ୱାରା ଖାଦ୍ୟ ଶିଘ୍ର ହଜମ ହେବା ସହ ଲିଭର ଏବଂ ଇନଟେଷ୍ଟାଇନ୍ ଠିକ୍ ଭାବେ କାର୍ଯ୍ୟ କରିବାରେ ସାହାଯ୍ୟ କରିଥାଏ।

ଲୁଣ ପାଣିରେ ଅଧିକ ପରିମାଣରେ ମିନେରାଲସ୍ ମାତ୍ରା ରହିଥିବା ହେତୁ ଏହା ଆଣ୍ଟିବ୍ୟାକ୍ଟେରିଆ ପରି କାମ କରିଥାଏ। ଶରୀରରେ ହାନିକାରକ ବ୍ୟାକ୍ଟେରିଆକୁ ବିନାସ କରିବା ସହିତ ଶରୀରକୁ ଡେଟକ୍ସ କରିଥାଏ।

ଯଦି ନିଦ ନହେବାର ସମସ୍ୟାରେ ଆପଣ ଅଛନ୍ତି ତେବେ ପ୍ରତିଦିନ ଲୁଣ ପାଣି ପିଇବା ଉଚିତ। ଲୁଣ ଆଡ୍ରେନାଲାଇନ୍ ଏବଂ କରଟିସୋଲ୍ କମାଇଥାଏ ଯାହାଦ୍ୱାରା ରାତିରେ ଭଲ ନିଦ ହୋଇଥାଏ।

କଳା ଲୁଣର ପାଣି ପିଇବା ଦ୍ୱାରା ନା କେବଳ ଶରୀର ତାସହିତ ତ୍ୱଚା ସମ୍ବନ୍ଧୀୟ ସମସ୍ତ ସମସ୍ୟା ମଧ୍ୟ ଦୂର ହୋଇଥାଏ। ଏହା ତ୍ୱଚାକୁ ବ୍ରଣ ଏବଂ କୁଞ୍ଚନରୁ ରକ୍ଷା କରିଥାଏ । ଏହା ପାଚନ ଶକ୍ତିକୁ ତ୍ୱରାନ୍ୱିତ କରିବା ସହିତ ପୋଷଣ ଦେଇଥାଏ ଯାହା ମୋଟା ନହେବା ପାଇଁ ସାହାଯ୍ୟ କରିଥାଏ । ଏହା ଶରୀରର ସବୁ କୋଷିକା ପର୍ଯ୍ୟନ୍ତ ପୋଷଣ ପହଁଚାଇବା ସହିତ ଚର୍ବି କମ୍ କରିବାରେ ସାହାଯ୍ୟ କରିଥାଏ ।

## ବୁଲିବାକୁ ଯାଆନ୍ତୁ ସେଣ୍ଟ ଥୋମାସ ଦୁର୍ଗ

କେରଳର କୋଲ୍ଲାମ ସହର ଅନ୍ତର୍ଗତ ଏକ ତଟୀୟ ଅଞ୍ଚଳ ହେଉଛି ଥଙ୍ଗାସେରୀ । ଏଠାରେ ରହିଛି ଏକ ପ୍ରାଚୀନ ଦୁର୍ଗ,ଯାହାର ନାଁ ହେଲା ଥଙ୍ଗାସେରୀ ଦୁର୍ଗ । ସେଣ୍ଟ ଥୋମାସ ଦୁର୍ଗ ଭାବେ ବି ଏହା ପରିଚିତ ।

ଥଙ୍ଗାସେରୀ ହେଉଛି କେରଳର କୋଲ୍ଲାମ ସହର ଅନ୍ତର୍ଗତ ଏକ ତଟୀୟ ଅଞ୍ଚଳ,ଯେଉଁଠାରେ ରହିଛି ପ୍ରାଚୀନ ଥଙ୍ଗାସେରୀ ଦୁର୍ଗ । ଏହି ଦୁର୍ଗ ସେଣ୍ଟ ଥୋମାସ୍ ଦୁର୍ଗ ନାମରେ ବି ପରିଚିତ । କେରଳ ରାଜ୍ୟର ରାଜଧାନୀ ଥିରୁଭାନନ୍ଥପୁରମ ଠାରୁ ୭୧କି.ମି ଏବଂ କୋଲ୍ଲାମ୍ ସହରଠାରୁ ପ୍ରାୟ ୫କି.ମି ଦୂରରେ ଥିବା ଏହି ଦୁର୍ଗ ନିକଟକୁ ବୁଲିବାକୁ ଗଲେ ଅନେକ ଐତିହାସିକ ତଥ୍ୟ ଜାଣିବାର ସୁଯୋଗ ମିଳେ । ଖାସ ସେଥିପାଇଁ ଏଠାରେ ପର୍ଯ୍ୟଟକଙ୍କର ବେଶ ଭିଡ଼ ପରିଲକ୍ଷିତ ହୋଇଥାଏ ।

### କେବେ ଓ କେମିତି ଯିବେ



ଶୀତ ଦିନେ ବହୁ ସଂଖ୍ୟାରେ ପର୍ଯ୍ୟଟକ ଏଠାକୁ ବୁଲି ଯାଇଥାଆନ୍ତି । ଖାସ କରି ଅକ୍ଟୋବରରୁ ଫେବୃଆରୀ ଭିତରେ ଏଠାରେ ଆଗନ୍ତୁକଙ୍କର ବେଶ ଭିଡ଼ ଦେଖିବାକୁ ମିଳିଥାଏ । ସେହିପରି ଏଠାକୁ ଯିବା ପାଇଁ ପରିବହନର ତିନୋଟି ମାଧ୍ୟମର ସୁବିଧା ରହିଛି । ତ୍ରିବେନ୍ଦ୍ରମ୍ ଏୟାରପୋର୍ଟ ହେଉଛି ଏହାର ନିକଟତମ ବିମାନବନ୍ଦର । ଯାହା ଥଙ୍ଗାସେରୀ ଦୁର୍ଗଠାରୁ ପ୍ରାୟ ୭୦କି.ମି ଦୂରରେ ଅବସ୍ଥିତ। ଉକ୍ତ ବିମାନବନ୍ଦର ନିକଟରୁ ଥଙ୍ଗାସେରୀ ଦୁର୍ଗକୁ ଯିବା ପାଇଁ ଟ୍ୟାକ୍ସିର ସୁବିଧା ବି ରହିଛି । ଅନ୍ୟ ପଟେ କୋଲ୍ଲାମ୍ ଜଙ୍କସନ୍ ରେଲୱେ ଷ୍ଟେସନ ହେଉଛି ଥଙ୍ଗାସେରୀ ଦୁର୍ଗର ନିକଟତମ ତଥା ଏକ ପ୍ରମୁଖ ରେଳଷ୍ଟେସନ । ତା ଛଡ଼ା ଦେଶର ବିଭିନ୍ନ ସ୍ଥାନରୁ ଏଠାକୁ ଟୁରିଷ୍ଟ ବସ ବି ଯା ଆସ କରିଥାଏ ।

ଏଠାରେ ଥଙ୍ଗାସେରୀ ଦୁର୍ଗ ବ୍ୟତୀତ ଆହୁରି ଅନେକ ଦର୍ଶନୀୟ ସ୍ଥାନ ବି ବୁଲି ଦେଖିହୁଏ । ତନ୍ମଧ୍ୟରୁ ଥଙ୍ଗାସେରୀ ବିଚ,କୋଲ୍ଲାମ ବନ୍ଦର,ଇନଫାଣ୍ଟ ଜେସସ୍ କାଥେଡ୍ରାଲ,ଲାଇଟ ହାଉସ ଇତ୍ୟାଦି ଅନ୍ୟତମ । ତେଣୁ ଇତିହାସରେ ରୁଚି ରଖୁଥିବା ତଥା ପ୍ରକୃତିପ୍ରେମୀଙ୍କ ପାଇଁ ଏହା ଏକ ଖାସ ପର୍ଯ୍ୟଟନସ୍ଥଳୀ କହିଲେ ଆଦୌ ଭୁଲ ହେବନାହିଁ ।

## ଶିବଙ୍କୁ ସନ୍ତୁଷ୍ଟ କରିବା ଲାଗି ଶ୍ରୀକୃଷ୍ଣଙ୍କ ତପସ୍ୟା





ଥରେ ଭଗବାନ ଶ୍ରୀକୃଷ୍ଣ ପୁତ୍ର ପ୍ରାପ୍ତି ନିମନ୍ତେ ଇଚ୍ଛା କଲେ । ସେ ଜଣେ ମୁନିଙ୍କ ଆଶ୍ରମକୁ ଗଲେ । ମୁନି ତାଙ୍କୁ ସାଦରେ ସ୍ୱାଗତ ଜଣାଇବା ସହ ଆସିବାର କାରଣ ପଚାରିଲେ । ଶ୍ରୀକୃଷ୍ଣ ଏକ ପୁତ୍ର ଚାହୁଁଥିବା କହିଲେ । ଭଗବାନ ଶିବଙ୍କୁ ତପସ୍ୟା କରି ପୁତ୍ର ଲାଭ କରିବା ଲାଗି ମୁନିବର ଶ୍ରୀକୃଷ୍ଣଙ୍କୁ ପରାମର୍ଶ ଦେଲେ । ଶ୍ରୀକୃଷ୍ଣ ଜଙ୍ଗଲକୁ ଯାଇ ଘୋର ତପସ୍ୟା ଆରମ୍ଭ କଲେ । ବର୍ଷ ବର୍ଷ ଧରି ତାଙ୍କ ତପସ୍ୟା ଜାରି ରହିଲା । ମାତ୍ର ଶିବ ପ୍ରସନ୍ନ ହେଲେ ନାହିଁ । ଦେବୀ ପାର୍ବତୀ ଏହା ଜାଣିପାରି ମହାଦେବଙ୍କୁ କହିଲେ, ବହୁ ବର୍ଷ ଧରି ଶ୍ରୀକୃଷ୍ଣ ଆପଣଙ୍କ ଆରାଧନା କରୁଛନ୍ତି । ଆପଣ କାହିଁକି ତାଙ୍କୁ ଦର୍ଶନ ଦେଉନାହାନ୍ତି । ଏହାପରେ ଶିବ ଏବଂ ପାର୍ବତୀ ଭଗବାନ କୃଷ୍ଣଙ୍କ ସମ୍ମୁଖରେ ଉପସ୍ଥିତ ହେଲେ । ଶ୍ରୀକୃଷ୍ଣଙ୍କୁ ତପସ୍ୟାର କାରଣ ପଚାରିଲେ ମହାଦେବ । ମହାଦେବ କହିଲେ, ତୁମେ ସ୍ୱୟଂ ଏ ସଂସାରର ପାଳନକର୍ତ୍ତା । ବ୍ରହ୍ମସ୍ୱରୂପ ଭଗବାନ ବିଷ୍ଣୁ । ତୁମେ ପୁଣି କେଉଁ ଇଚ୍ଛା ନେଇ ମୋର ତପସ୍ୟା କରୁଛ । ଉତ୍ତରରେ ଶ୍ରୀକୃଷ୍ଣ କହିଲେ, ମହାଦେବ ମୁଁ ଆପଣଙ୍କ ଭଳି ଜଣେ ପୁତ୍ରର ପିତା ହେବାକୁ ଚାହୁଁଛି । ଏହାପରେ ମହାଦେବ ତଥାସ୍ତୁ କହି କୈଳାସ ଅଭିମୁଖେ ପ୍ରସ୍ଥାନ କଲେ । ଶ୍ରୀକୃଷ୍ଣ ଦ୍ୱାରିକା ଫେରିଲେ । କିଛିଦିନ ପରେ ତାଙ୍କ ପତ୍ନୀ ଜାମ୍ବବତୀଙ୍କ ଔରସରୁ ଶାମ୍ବ ଜନ୍ମ ନେଲେ । ଶାମ୍ବ ଥିଲେ ଭଗବାନ ମହାଦେବଙ୍କ ବରଦାନ ଫଳ । ମହାଦେବଙ୍କ ଭଳି ଜଣେ ପୁତ୍ର ଲାଭ କରିବା ପାଇଁ ଶ୍ରୀକୃଷ୍ଣ କାହିଁକି ଚାହିଁଥିଲେ ? କାରଣ, ଶ୍ରୀକୃଷ୍ଣ ଜାଣିଥିଲେ ଯେ ଶିବ ହେଉଛନ୍ତି ସଂହାରର ଦେବତା । ବିନା ସଂହାର ବା ଧ୍ୱଂସରେ ନୂତନ ସୃଷ୍ଟି ଆରମ୍ଭ ହେବା ସମ୍ଭବପର ନୁହେଁ । ଏଣୁ ସେ ଶିବଙ୍କ ଭଳି ଏକ ପୁତ୍ର ଚାହୁଁଥିଲେ । ଶେଷରେ ତାହା ହିଁ ହେଲା । ଶାମ୍ବଙ୍କ କାରଣରୁ ହିଁ ଯଦୁବଂଶର ଧ୍ୱଂସ ହୋଇଥିଲା । ଯାହା ଏକ ନୂଆ ଆରମ୍ଭ, ନୂଆ ଯୁଗର ସୃଷ୍ଟି ପାଇଁ ବାଟ ଫିଟାଇଥିଲା ।

## ଖଟରେ ବସି କରନ୍ତୁ ନାହିଁ ଭୋଜନ

ଆଧୁନିକ ଜୀବନଶୈଳୀରେ ଅନେକ ସମୟରେ ଆମେ ଖାଦ୍ୟ ଖାଇବା ନୀତିନିୟମରେ ପରିବର୍ତ୍ତନ କରିଥାଉ। ପ୍ରଥମେ ଲୋକେ ଚଟାଣରେ ଆସନ ପକାଇ ଭୋଜନ କରୁଥିଲେ। ଖାଦ୍ୟ ଖାଇବା ସମୟରେ



ଅନ୍ୟ କାହା ସହ କଥାବାର୍ତ୍ତା ମଧ୍ୟ କରୁନଥିଲେ। ଜ୍ୟୋତିଷଙ୍କ ମତାନୁଯାୟୀ, ଖାଦ୍ୟ ଖାଇବାର ଅଭ୍ୟାସ ଓ ପ୍ରଣାଳୀ ଆମ ଗ୍ରହଙ୍କ ଉପରେ ପ୍ରଭାବ ପକାଇଥାଏ। ଜାଣନ୍ତୁ.

- ଖଟରେ ବସି କଦାପି ଭୋଜନ କରନ୍ତୁ ନାହିଁ। ଏହାଦ୍ୱାରା ଅନ୍ନର ଅବମାନନା ହୋଇଥାଏ। ରାହୁଙ୍କ କୁପ୍ରଭାବ ପଡ଼ିଥାଏ।
- ଭୋଜନ କରିବା ସମୟରେ ଟିଭି ଦେଖନ୍ତୁ ନାହିଁ। ବହି ପଢନ୍ତୁ ନାହିଁ। ଏପରି କରିବା ଦ୍ୱାରା ଶ୍ୱାସନଳୀ ମଧ୍ୟରେ ଭୋଜନର ଅଂଶ ଯିବାର ଅଧିକ ସମ୍ଭାବନା ରହିଥାଏ।
- ଖାଦ୍ୟ ଖାଇବା ପୂର୍ବରୁ ହାତ ଓ ଗୋଡ଼ ଭଲ ଭାବେ ଧୁଅନ୍ତୁ। ଶୀଘ୍ର ଶୀଘ୍ର ଖାଦ୍ୟ ଖାଆନ୍ତୁ ନାହିଁ।
- ଖାଦ୍ୟ ଖାଇବାର ସଙ୍ଗେ ସଙ୍ଗେ ପାଣି ପିଅନ୍ତୁ ନାହିଁ। ଅତି ଆବଶ୍ୟକ ହେଲେ ସାମାନ୍ୟ ପିଇପାରିବେ।
- ସର୍ବଦା ବସିବା ଅବସ୍ଥାରେ ଭୋଜନ କରନ୍ତୁ। ଖାଦ୍ୟ ଖାଇବାର ୪୦ ମିନିଟ ପରେ ପାଣି ପିଅନ୍ତୁ।
- ଭୋଜନ କରିବା ପରେ କିଛି ଲୋକେ ଥାଳିରେ ହିଁ ହାତ ଧୋଇଦିଅନ୍ତି। ଏହାଦ୍ୱାରା ମା'ଲକ୍ଷ୍ମୀଙ୍କ ଅବମାନନା ହୋଇଥାଏ। ଚନ୍ଦ୍ର ଓ ଶୁକ୍ରଙ୍କର କୁପ୍ରଭାବ ପଡ଼ିଥାଏ। ଘରୁ ସୁଖ-ସମୃଦ୍ଧି ହ୍ରାସ ପାଇଥାଏ।
- ଖାଦ୍ୟ ଖାଇବା ପରେ ଥାଳିରେ ବଳକା ଖାଦ୍ୟ ଛାଡ଼ନ୍ତୁ ନାହିଁ। ଖାଦ୍ୟ ଖାଇବା ସମୟରେ ପ୍ରଥମେ ଏହାକୁ ମସ୍ତକରେ ଲଗାଇ ଭୋଜନ କରନ୍ତୁ।
- ଭୋଜନ କରିବା ସମୟରେ ପୂର୍ବ ଦିଗକୁ ମୁହଁ କରି ଭୋଜନ କରନ୍ତୁ।

# ଆଇଆଇଟି ଭୁବନେଶ୍ୱର ପକ୍ଷରୁ ଉତ୍କଳ ଦିବସ ପାଳିତ

ଭୁବନେଶ୍ୱର,୩।୪(ମହାଭାରତ): ଭାରତୀୟ ପ୍ରଯୁକ୍ତିବିଦ୍ୟା ପ୍ରତିଷ୍ଠାନ (ଆଇଆଇଟି) ଭୁବନେଶ୍ୱର ପକ୍ଷରୁ ଉତ୍କଳ ଦିବସ ମହାସମାରୋହରେ ପାଳିତ ହୋଇଛି। ଓଡ଼ିଶାର ପୂର୍ବତନ ମୁଖ୍ୟ ସଚିବ ଏବଂ ଜଣେ ପ୍ରଖ୍ୟାତ ଓଡ଼ିଆ ଲେଖକ ତରୁଣକାନ୍ତି ମିଶ୍ର, ଆଇଏଏସ୍ (ଅବସରପ୍ରାପ୍ତ) ଏହି ଅବସରରେ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇଥିଲେ। ଆଇଆଇଟି ଭୁବନେଶ୍ୱରର ନିର୍ଦ୍ଦେଶକ ପ୍ରଫେସର ଶ୍ରୀପାଦ କର୍ମାଲକର ଏବଂ ପ୍ରତିଷ୍ଠାନର ରେଜିଷ୍ଟ୍ରାର ଶ୍ରୀ ବାମଦେବ ଆଚାର୍ଯ୍ୟ ମଧ୍ୟ ଉପସ୍ଥିତ ଥିଲେ।



ପ୍ରଫେସର କରମାଲକର ତାଙ୍କ ଭାଷଣର କିଛି ଅଂଶ ଓଡ଼ିଆରେ ଦେଇଥିଲେ, ଯଦିଓ ତାଙ୍କ ମାତୃଭାଷା ଓଡ଼ିଆ ନୁହେଁ। ସେ ଓଡ଼ିଶାରେ ତାଙ୍କର ତିନି ବର୍ଷରୁ ଅଧିକ ସମୟର ଅଭିଜ୍ଞତା ବର୍ଣ୍ଣନା କରିଥିଲେ। ସେ କହିଥିଲେ ଯେ ଏହି ଦିନ 'କେବଳ ଏକ ରାଜ୍ୟ ଗଠନ ନୁହେଁ, ବରଂ ଏହା ଓଡ଼ିଶାର ଲୋକଙ୍କ ସାଂସ୍କୃତିକ ପରିଚୟ, ଭାଷାଗତ ଏକତା ଏବଂ ସାମୂହିକ ଆକାଂକ୍ଷାକୁ ପ୍ରତିଫଳିତ କରେ।' ସେ ଆଲୋକପାତ କରିଥିଲେ ଯେ ଏହି ପ୍ରତିଷ୍ଠାନ ସାଂସ୍କୃତିକ ପଦକ୍ଷେପ, ସ୍ୱଦେଶୀ ଜ୍ଞାନ ପ୍ରଣାଳୀ ଉପରେ ଗବେଷଣା ଏବଂ ସ୍ଥାନୀୟ କଳା ଏବଂ ଉଦ୍ୟୋଗ ପାଇଁ ସମର୍ଥନ ମାଧ୍ୟମରେ ରାଜ୍ୟର 'ସମୃଦ୍ଧ ସାଂସ୍କୃତିକ ଐତିହ୍ୟକୁ ସଂରକ୍ଷଣ ଏବଂ ପ୍ରୋତ୍ସାହିତ କରିବାରେ ସକ୍ରିୟ ଭାବରେ ନିୟୋଜିତ'। ଏହାର ଦୃଷ୍ଟିକୋଣକୁ ପୁନଃ ଦୃଢ଼ କରି ସେ ଉଲ୍ଲେଖ କରିଥିଲେ ଯେ ଆଇଆଇଟି ଭୁବନେଶ୍ୱର ଗବେଷଣା ଏବଂ ନବସୃଜନକୁ ଆଞ୍ଚଳିକ ପ୍ରାଥମିକତା ସହିତ ସମୃଦ୍ଧ କରିବା ଏବଂ ଓଡ଼ିଶା ଏବଂ ଦେଶ ପାଇଁ 'ପରିବର୍ତ୍ତନକାରୀ ପ୍ରଭାବର ଏକ ଆଲୋକବର୍ତ୍ତିକା' ଭାବରେ ଉଭା ହେବା ଲକ୍ଷ୍ୟ ରଖିଛି।

ସମାବେଶରେ ତାଙ୍କ ଭାଷଣରେ, ମୁଖ୍ୟ ଅତିଥି ଶ୍ରୀ ତରୁଣକାନ୍ତି ମିଶ୍ର ଏକ ସମ୍ପ୍ରଦାୟ ଏବଂ ଏକ ଜାତିର ଅସ୍ତିତ୍ୱ ପାଇଁ ଭାଷାର ଗୁରୁତ୍ୱ ଏବଂ ଭାଷାଗତ ବିବିଧତାର ସଂରକ୍ଷଣ ଉପରେ ଗୁରୁତ୍ୱାରୋପ କରିଥିଲେ। ସେ ବିଶ୍ୱର ବିଭିନ୍ନ ସ୍ଥାନରୁ ଅନେକ ଉଦାହରଣ ଦେଇ କହିଥିଲେ ଯେ ବିଭିନ୍ନ ଭାଷା କିପରି ବିକଶିତ ହୋଇଛି ଏବଂ ମାନବଜାତିର ଅଭିବୃଦ୍ଧିରେ ସେମାନେ କିପରି ଅବଦାନ ରଖିଛନ୍ତି। ସଂସ୍କୃତି, ପରିଚୟ ଏବଂ ଚିନ୍ତାଧାରାର ବାହକ ଭାବରେ ଭାଷାଗୁଡ଼ିକୁ ସଂରକ୍ଷଣ କରିବାର ଗୁରୁତ୍ୱପୂର୍ଣ୍ଣ ଗୁରୁତ୍ୱ ଉପରେ ଗୁରୁତ୍ୱାରୋପ କରିଥିଲେ। ବିଶ୍ୱବ୍ୟାପୀ ବିପଦଗ୍ରସ୍ତ ଭାଷାଗୁଡ଼ିକର ଉଦାହରଣ ଉପରେ ଆଲୋକପାତ କରି, ସେ ଭାଷାଗତ ଐତିହ୍ୟ କ୍ରମଶଃ ନଷ୍ଟ ହେବା ବିରୁଦ୍ଧରେ ସତର୍କ କରାଇଥିଲେ ଏବଂ ଗୁରୁତ୍ୱାରୋପ କରିଥିଲେ ଯେ 'ପ୍ରତ୍ୟେକ ଭାଷାର ଏକ କର୍ତ୍ତବ୍ୟ ଅଛି – ଏହା ଆମର ଚିନ୍ତାଧାରାକୁ ଯୋଗାଯୋଗ କରେ ଏବଂ ସେମାନଙ୍କୁ ସୁରକ୍ଷା ମଧ୍ୟ ଦିଏ।' ସେ ଯୁବ ପିଢ଼ିକୁ ସେମାନଙ୍କର ମୂଳ ଉପରେ ଗର୍ବ କରିବାକୁ ଆହ୍ୱାନ କରିଥିଲେ, ଉଲ୍ଲେଖ କରିଥିଲେ ଯେ 'ବିଶ୍ୱ ଭାଷା ଶିଖିବା ଏବଂ ନିଜ ମାତୃଭାଷାକୁ ଭଲ ପାଇବା ମଧ୍ୟରେ କୌଣସି ଦ୍ୱନ୍ଦ୍ୱ ନାହିଁ।' ଛାତ୍ରଛାତ୍ରୀମାନଙ୍କୁ ସେମାନଙ୍କର ଭାଷାଗତ ଐତିହ୍ୟକୁ ମୂଲ୍ୟ ଦେବା ପାଇଁ ଉତ୍ସାହିତ କରି, ସେ ଆହ୍ୱାନ କରିଥିଲେ, 'ନିଜର ମାତୃଭାଷାକୁ ଭଲ ପାଅ, ନିଜ ଭାଷାକୁ ଭଲ ପାଅ,' ଏହା ପରିଚୟ ଏବଂ ନିରନ୍ତରତାର କେନ୍ଦ୍ରବିନ୍ଦୁ ହୋଇ ରହିଛି।

ପ୍ରାରମ୍ଭରେ, ରେଜିଷ୍ଟ୍ରାର ଶ୍ରୀ ବାମାଦେବ ଆଚାର୍ଯ୍ୟ ସ୍ୱାଗତ ଭାଷଣ ଦେଇଥିଲେ ଏବଂ ଓଡ଼ିଶା ଭୂମିର ସମୃଦ୍ଧ ଐତିହ୍ୟ ଏବଂ ଐତିହ୍ୟକୁ ପ୍ରଶଂସା କରିଥିଲେ। ପ୍ରାଚୀନ ସାହିତ୍ୟ ଏବଂ ଓଡ଼ିଶାର ମହାନ ସାହିତ୍ୟିକଙ୍କ କାର୍ଯ୍ୟର ଉଦାହରଣ ଦେଇ, ସେ ଏକ ଭାଷା ଭାବରେ ଓଡ଼ିଆର ସମୃଦ୍ଧି ଉପରେ ଆଲୋକପାତ କରିଥିଲେ। ଆମ ମାତୃଭୂମିର ସୁଦୃଢ଼ ଭବିଷ୍ୟତ ପାଇଁ ଯୋଗଦାନ ଦେବା ପାଇଁ ସମସ୍ତଙ୍କୁ ନିଜ ମାତୃଭାଷାକୁ ସମ୍ମାନ ଦେବାକୁ ସେ ଆହ୍ୱାନ କରିଥିଲେ। ପ୍ରତିଷ୍ଠାନର ସଦସ୍ୟମାନଙ୍କ ଦ୍ୱାରା ଏକ ପ୍ରାଣବନ୍ତ ସାଂସ୍କୃତିକ କାର୍ଯ୍ୟକ୍ରମ ଏହି ଉତ୍ସବର ମନୋଭାବକୁ ପ୍ରଦର୍ଶିତ କରିଥିଲା ଏବଂ ଦର୍ଶକମାନଙ୍କୁ ବିମୋହିତ କରିଥିଲା।

## ବିଧାନସଭାକୁ ଜାଣିଶୁଣି ଉଭୟ ବିରୋଧୀ ବନ୍ଦ କରୁଥିଲେ : ବାବୁ ସିଂ

ଭୁବନେଶ୍ୱର, ୩।୪(ମହାଭାରତ): ବିଧାନସଭାକୁ ଜାଣିଶୁଣି ଉଭୟ ବିରୋଧୀ ବନ୍ଦ କରୁଥିଲେ। ପ୍ରାୟ ୧୨ କୋଟି ଟଙ୍କା ସାଧାରଣ ଜନତାଙ୍କର ନଷ୍ଟ ହେଲା। ଏ କଥା ଜାଣିବାପରେ ମଧ୍ୟ ବିରୋଧୀ ଶୁଣିନଥିଲେ। ପ୍ରଥମ ଦିନରୁ ଆମେ କହୁଥିଲୁ ଆଲୋଚନା ମାଧ୍ୟମରେ ଏହା ସମାଧାନ କରିବାପାଇଁ। ଆଜି ବିଜେଡି ବା କଂଗ୍ରେସ ଯାହା କହୁଛନ୍ତି ତାହା ଲୋକହସା କଥା। ଶାସକ ଦଳ ବିଧାନସଭା ବନ୍ଦ କରିବା କହିବା ମୂଲ୍ୟହୀନ କଥା ବୋଲି କହିଛନ୍ତି ବିଜେପି ବିଧାୟକ ବାବୁ ସିଂ।



ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କେନ୍ଦ୍ରାପଡ଼ାର ଓମ୍‌ପ୍ରକାଶ ରଥଙ୍କୁ ନିଜ ବାସ ଭବନରେ ସମ୍ବର୍ଦ୍ଧିତ କରୁଛନ୍ତି। ଶ୍ରୀ ରଥ ମହିଳା ସଶକ୍ତିକରଣ ଉପରେ ରଚନା ଲେଖି ପ୍ରଧାନମନ୍ତ୍ରୀଙ୍କ ଦୃଷ୍ଟିଆକର୍ଷଣ କରିଥିଲେ। ପ୍ରଧାନମନ୍ତ୍ରୀ ତାଙ୍କ ମନ୍ କି ବାତ୍ କାର୍ଯ୍ୟକ୍ରମରେ ଓମ୍‌ପ୍ରକାଶଙ୍କର ପ୍ରଶଂସା କରିଥିଲେ

# ସୂଚନା ଓ ଲୋକସମ୍ପର୍କ ବିଭାଗର କର୍ମଚାରୀଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା

ଭୁବନେଶ୍ୱର, ୩।୪(ମହାଭାରତ) ସୂଚନା ଓ ଲୋକସମ୍ପର୍କ ବିଭାଗର ପ୍ରୋଗ୍ରାମ କୋଅର୍ଡିନେଟର ଗଙ୍ଗାଧର ମଲ୍ଲିକ, ପେଷ୍ଟିଂ କ୍ଲର୍କ କବିରାଜ ପଣ୍ଡା ଓ ଡ୍ରାଇଭର ରମେଶ ମଲ୍ଲିକଙ୍କୁ ଗୁରୁବାର ବିଭାଗ ପକ୍ଷରୁ ବିଦାୟକାଳୀନ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି।

ବିଭାଗୀୟ ସମ୍ମିଳନୀ କକ୍ଷରେ ଆୟୋଜିତ ସଭାରେ ସୂଚନା ଓ ଲୋକସମ୍ପର୍କ ବିଭାଗ ନିର୍ଦ୍ଦେଶକ ଅନୁଜ କୁମାର ଦାସପଟ୍ଟନାୟକ ଅଧ୍ୟକ୍ଷତା କରି ଅବସରପ୍ରାପ୍ତ କର୍ମଚାରୀମାନଙ୍କ ସହ ତାଙ୍କର ଅନୁଭୂତିର ସ୍ମୃତିଚାରଣ କରିଥିଲେ। ସେମାନଙ୍କର କର୍ତ୍ତବ୍ୟନିଷ୍ଠା, ସମୟାନୁବର୍ତ୍ତିତା ଓ ଦାୟିତ୍ୱବୋଧକୁ ପ୍ରଶଂସା କରିବା ସହ ସେମାନେ ବିଭାଗ ପାଇଁ ଏକ ଆଦର୍ଶ ବୋଲି ଉଲ୍ଲେଖ କରିଥିଲେ। ସେ ସେବାନିବୃତ୍ତ କର୍ମଚାରୀମାନଙ୍କ ଦୀର୍ଘ ସୁସ୍ଥ ଓ ନିରାମୟ ଅବସରକାଳୀନ ଜୀବନ କାମନା କରିଥିଲେ।

ଉପଶାସନ ସଚିବ ପ୍ରଣବ କୁମାର ଦାସ ତାଙ୍କ ବକ୍ତବ୍ୟରେ ଅବସରପ୍ରାପ୍ତ କର୍ମଚାରୀମାନଙ୍କ ଦୀର୍ଘ ବର୍ଷର କାର୍ଯ୍ୟାନୁଭବ ଓ ବିଭାଗ ପ୍ରତି ସେମାନଙ୍କର ଅବଦାନକୁ ଉଲ୍ଲେଖ କରିଥିଲେ। ଉପନିର୍ଦ୍ଦେଶକ ସୁଚେତା ପ୍ରିୟଦର୍ଶିନୀ ସେମାନଙ୍କର ସହଯୋଗୀ ମନୋଭାବ, ଭାଇଚାରା ଓ ସମସ୍ତଙ୍କ ପ୍ରତି ସହାୟତାମୂଳକ ଭାବନାକୁ ପ୍ରଶଂସା କରିଥିଲେ। ଅନୁଶାସନ ସଚିବ ମୌସୁମୀ ଦାସ ଓ ଲୋକସମ୍ପର୍କ ଅଧିକାରୀ ସାଗରିକା ପ୍ରିୟଦର୍ଶିନୀ ସଂକ୍ଷିପ୍ତ ବକ୍ତବ୍ୟ ରଖିବା ସହ ସେବାନିବୃତ୍ତ କର୍ମଚାରୀମାନଙ୍କୁ ଶୁଭେଚ୍ଛା ଜଣାଇ ସୁଖମୟ ଅବସରଜୀବନ କାମନା କରିଥିଲେ। ଗଙ୍ଗାଧର ମଲ୍ଲିକ କବିରାଜ ପଣ୍ଡା ଓ ରମେଶ ମଲ୍ଲିକ ସେମାନଙ୍କର ଚାକିରି ଜୀବନର ସ୍ମୃତିଚାରଣ କରିଥିଲେ। ନିଜ ନିଜର ଅନୁଭବ ଓ ଅନୁଭୂତି ବଖାଣିବା ସହ ସେମାନେ ବିଭାଗର ସହକର୍ମୀମାନଙ୍କୁ ସେମାନଙ୍କର ସହଯୋଗୀ ମନୋଭାବ ଏବଂ ବନ୍ଧୁତା ପାଇଁ ଧନ୍ୟବାଦ ଜଣାଇଥିଲେ।

# ଉଚ୍ଚ ଶିକ୍ଷାନୁଷ୍ଠାନରେ ଦିବ୍ୟାଙ୍ଗ ଛାତ୍ରଛାତ୍ରୀଙ୍କୁ ସହାୟକ ଉପକରଣ ପ୍ରଦାନ କରିବା ପାଇଁ ଏସଓପି ଜାରି

ଭୁବନେଶ୍ୱର,୩।୪(ମହାଭାରତ) ରାଜ୍ୟର ଉଚ୍ଚଶିକ୍ଷାନୁଷ୍ଠାନରେ ଅଧ୍ୟୟନରତ ଦିବ୍ୟାଙ୍ଗ ଛାତ୍ରଛାତ୍ରୀମାନଙ୍କୁ ସହାୟକ ଉପକରଣ ପ୍ରଦାନ କରାଯିବ। ପ୍ରତ୍ୟେକ ଉଚ୍ଚ ଶିକ୍ଷାନୁଷ୍ଠାନକୁ ୩ଟି ହ୍ୱିଲ ଚେୟାର ପ୍ରଦାନ କରାଯିବ। ଏନେଇ ଏସଓପି ଜାରି କରାଯାଇଛି।

ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ଆଞ୍ଚଳିକ ଶିକ୍ଷା ନିର୍ଦ୍ଦେଶକ ଏବଂ ଆଞ୍ଚଳିକ ଶିକ୍ଷା ଉପ-ନିର୍ଦ୍ଦେଶକମାନଙ୍କୁ ଜିଲ୍ଲା ନୋଡ଼ାଲ ଅଧିକାରୀ ଭାବେ ଦାୟିତ୍ୱ ପ୍ରଦାନ କରାଯାଇଛି।

ଜିଲ୍ଲା ନୋଡ଼ାଲ ଅଧିକାରୀମାନେ ନିଜ ଜିଲ୍ଲାରେ ଥିବା ଉଚ୍ଚ ଶିକ୍ଷାନୁଷ୍ଠାନ ଏବଂ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀଙ୍କ ମଧ୍ୟରେ ସମନ୍ୱୟ ରକ୍ଷା କରି ଉଚ୍ଚ ଶିକ୍ଷାନୁଷ୍ଠାନମାନଙ୍କରେ ଅଧ୍ୟୟନରତ ଦିବ୍ୟାଙ୍ଗ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ସହାୟକ ଉପକରଣ ବଣ୍ଟନ କରିବେ ଏବଂ ଏହାର ରିପୋର୍ଟ ଉଚ୍ଚଶିକ୍ଷା ବିଭାଗକୁ ପ୍ରଦାନ କରିବେ।

ଏସଓପି ଅନୁଯାୟ, ଜିଲ୍ଲା ନୋଡ଼ାଲ ଅଧିକାରୀ ନିଜ ଜିଲ୍ଲାର ଉଚ୍ଚ ଶିକ୍ଷାନୁଷ୍ଠାନମାନଙ୍କରେ ଅଧ୍ୟୟନରତ ଦିବ୍ୟାଙ୍ଗ ଛାତ୍ରଛାତ୍ରୀମାନଙ୍କ ତଥ୍ୟ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀଙ୍କୁ ପ୍ରଦାନ କରିବେ। ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ଏହି ସମସ୍ତ ତଥ୍ୟକୁ ଯାଞ୍ଚ କରି ସାରିବା ପରେ ଦିବ୍ୟାଙ୍ଗ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ସହାୟକ ଉପକରଣ ବଣ୍ଟନ କରାଯିବ। ଏଥିସହ ପ୍ରତ୍ୟେକ ଉଚ୍ଚ ଶିକ୍ଷାନୁଷ୍ଠାନ ନିଜ ଶିକ୍ଷାନୁଷ୍ଠାନରେ ଅଧ୍ୟୟନରତ ସମସ୍ତ ଦିବ୍ୟାଙ୍ଗ ଛାତ୍ରଛାତ୍ରୀମାନଙ୍କ ତଥ୍ୟ, ସହାୟକ ଉପକରଣର ବିବରଣୀ ଏବଂ ଲାଭାର୍ଥୀ ଦିବ୍ୟାଙ୍ଗ ଛାତ୍ରଛାତ୍ରୀଙ୍କ ତଥ୍ୟ ରଖିବେ। ସହାୟକ ଉପକରଣ ଗୁଡ଼ିକର ବଣ୍ଟନ ପ୍ରକ୍ରିୟାକୁ ଯେପରି ସୁଚାରୁରୂପେ ପରିଚାଳନା କରାଯାଇପାରିବ, ସେନେଇ ଜିଲ୍ଲାପାଳଙ୍କ ଅଧ୍ୟକ୍ଷତାରେ ମହାବିଦ୍ୟାଳୟର ଅଧ୍ୟକ୍ଷ, ଜିଲ୍ଲା ନୋଡ଼ାଲ ଅଧିକାରୀ, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀଙ୍କୁ ନେଇ ବୈଠକର ଆୟୋଜନ କରାଯିବ। ଦିବ୍ୟାଙ୍ଗ ଛାତ୍ରଛାତ୍ରୀଙ୍କୁ ସହାୟକ ଉପକରଣ ପ୍ରଦାନ କରିବାର ସମ୍ପୂର୍ଣ୍ଣ ପ୍ରକ୍ରିୟାର ମନିଟରିଙ୍ଗ ଉଚ୍ଚଶିକ୍ଷା ବିଭାଗ ଏବଂ ସମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ଦ୍ୱାରା କରାଯିବ।

## ଓଡ଼ିଶା ଦିବସରେ ରାଜ୍ୟବାସୀଙ୍କୁ ଶୁଭେଚ୍ଛା ଜଣାଇଲେ ରାଷ୍ଟ୍ରପତି

ନୂଆଦିଲ୍ଲୀ,୩।୪(ମହାଭାରତ): ଆଜି ହେଉଛି ଓଡ଼ିଶା ଦିବସ। ଏହି ଅବସରରେ ରାଜ୍ୟବାସୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ। ଏନେଇ ସୋସିଆଲ ମିଡିଆ ଏକ୍ସରେ ରାଷ୍ଟ୍ରପତି କହିଛନ୍ତି ଯେ, ଓଡ଼ିଶା ଦିବସ ଉପଲକ୍ଷେ ଓଡ଼ିଶାବାସୀ ଭାଇଭଉଣୀମାନଙ୍କୁ ମୋର ଆନ୍ତରିକ ଶୁଭେଚ୍ଛା। ଓଡ଼ିଶାର ସମୃଦ୍ଧ ସାଂସ୍କୃତିକ ଐତିହ୍ୟ, ସୁପ୍ରାଚୀନ ପରମ୍ପରା ତଥା ଓଡ଼ିଶାବାସୀଙ୍କ ଧୈର୍ଯ୍ୟ ଓ ସହନଶୀଳତାର ସ୍ୱାକ୍ଷର ବହନ କରେ ଏହି ଦିବସ। ଦେଶର ସ୍ୱାଧୀନତା ସଂଗ୍ରାମ ଏବଂ ରାଷ୍ଟ୍ରଗଠନରେ ଓଡ଼ିଶାର ଅମୂଲ୍ୟ ଯୋଗଦାନ ଆମ ସମସ୍ତଙ୍କୁ ସବୁବେଳେ ପ୍ରେରଣା ଦେଇଆସିଛି। ବିକଶିତ ଭାରତ ନିର୍ମାଣରେ କୁଶଳ ଏବଂ କର୍ମଠ ଓଡ଼ିଶାବାସୀଙ୍କ ଭୂମିକା ବେଶ୍ ଉଲ୍ଲେଖନୀୟ। ଆଜିର ଏହି ଶୁଭ ଅବସରରେ ଓଡ଼ିଶାବାସୀଙ୍କ ସୁଖ-ସମୃଦ୍ଧି ଓ ମଙ୍ଗଳ ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ମୁଁ ପ୍ରାର୍ଥନା କରୁଅଛି।

# ହସ୍ତତନ୍ତ ପିନ୍ଧି ଓଡ଼ିଶା ବାସୀ ପାଳିଲେ 'ଆମ ପୋଷାକ ଆମ ପରିଚୟ' ଦିବସ

ଭୁବନେଶ୍ୱର, ୩।୪(ମହାଭାରତ) ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଆନୁକୂଲ୍ୟରେ ଏପ୍ରିଲ ୧ରୁ ୧୪ ତାରିଖ ପର୍ଯ୍ୟନ୍ତ ପାଳନ ହେଉଛି ଓଡ଼ିଆ ପକ୍ଷ। ଆଜି ଓଡ଼ିଆ ପକ୍ଷ ପାଳନର ଦ୍ୱିତୀୟ ଦିବସରେ ଓଡ଼ିଶା ବାସୀ ପାରମ୍ପରିକ ପୋଷାକ ପରିଧାନ କରି 'ଆମ ପୋଷାକ ଆମ ପରିଚୟ' ଅଭିଯାନରେ ସାମିଲ ହୋଇଛନ୍ତି।

ହସ୍ତତନ୍ତ ଆମ ସାଂସ୍କୃତିକ ବିବିଧତା ଓ ଗୌରବମୟ ଐତିହ୍ୟର ପ୍ରତୀକ। ଓଡ଼ିଆ ଅସ୍ମିତାର ନିଚ୍ଛକ ନିଦର୍ଶନ। ଓଡ଼ିଶାର ପୁରପଲ୍ଲୀ ଠାରୁ ଆରମ୍ଭ କରି ରାଜଧାନୀ ଭୁବନେଶ୍ୱର ପର୍ଯ୍ୟନ୍ତ ସମସ୍ତ ଜନସାଧାରଣ ଆଜି ପାରମ୍ପରିକ ପୋଷାକ ପରିଧାନ କରି ବୟନ ଅସ୍ମିତାର ଏହି ମହାପର୍ବରେ ନିଜକୁ ସାମିଲ କରିଛନ୍ତି।

ରାଜ୍ୟ ସରକାରଙ୍କ ଲୋକସେବା ଭବନ ଏବଂ ବିଭିନ୍ନ ବିଭାଗର ମୁଖ୍ୟାଳୟରେ କାର୍ଯ୍ୟ କରୁଥିବା ଅଧିକାରୀ ଓ କର୍ମଚାରୀମାନେ ଆଜି ହସ୍ତତନ୍ତ ଓ ପାରମ୍ପରିକ ପୋଷାକ ପରିଧାନ କରିଥିଲେ। ବିଭିନ୍ନ ଜିଲ୍ଲାରେ ଆଜି 'ଓଡ଼ିଶାର ହସ୍ତତନ୍ତ ଓ ବୟନ ଶିଳ୍ପ' ଶୀର୍ଷକକୁ ନେଇ ଆଲୋଚନା ଚକ୍ରର ଆୟୋଜନ କରାଯାଇଥିଲା। ହସ୍ତଶିଳ୍ପ ସାମଗ୍ରୀ ଏବଂ ପଟ୍ଟଚିତ୍ର ପ୍ରଦର୍ଶନୀ ଆୟୋଜନ କରାଯାଇ ଯୁବପିଢ଼ିଙ୍କୁ ଆମ ସମୃଦ୍ଧ ହସ୍ତତନ୍ତ, ବୟନଶିଳ୍ପ, ହସ୍ତଶିଳ୍ପ ଏବଂ ଚିତ୍ରକଳା ସମ୍ବନ୍ଧରେ ଅବଗତ କରାଯାଇଥିଲା। ଓଡ଼ିଶାର ହସ୍ତତନ୍ତକୁ ଝୋଟି, ଚିତା, ମୁରୁଜ ଆଦିରେ ଖୁବ ସୁନ୍ଦର ଭାବେ ପ୍ରଦର୍ଶିତ କରାଯାଇଥିଲା। ବୁଣାକାର ଏବଂ ତନ୍ତୁବାୟ ସହଯୋଗ ସମିତିର ସଦସ୍ୟ ଓ ସଦସ୍ୟାମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

ଏଥିସହ ଯୁବବର୍ଗ, ଛାତ୍ରଛାତ୍ରୀ, ବିଭିନ୍ନ ସ୍ୱେଚ୍ଛାସେବୀ ଅନୁଷ୍ଠାନର ସଦସ୍ୟ ଓ ସଦସ୍ୟାମାନେ ପାରମ୍ପରିକ ପୋଷାକ ପରିଧାନ କରି ନିଜର ସେଲ୍ଫି ଉଠାଇ ଏହାକୁ ଓଡ଼ିଆ ପକ୍ଷ ୱେବ୍‌ସାଇଟରେ ଅପଲୋଡ଼ କରିବା ସହ ନିଜର ଡିଜିଟାଲ ସାର୍ଟିଫିକେଟ ମଧ୍ୟ ଡାଉନଲୋଡ଼ କରିଥିଲେ। ପାରମ୍ପରିକ ପୋଷାକ ପରିଧାନ କରି ନିଜକୁ 'ଆମ ପୋଷାକ ଆମ ପରିଚୟ' ଅଭିଯାନରେ ସାମିଲ କରିବା ପାଇଁ ସମସ୍ତଙ୍କ ମଧ୍ୟରେ ଉତ୍ସାହ ପରିଲକ୍ଷିତ ହୋଇଥିଲା। ସୂଚନାଯୋଗ୍ୟ ଯେ, ଆସନ୍ତାକାଲି ଅର୍ଥାତ ଏପ୍ରିଲ ୩ ତାରିଖକୁ ମଧ୍ୟ 'ଆମ ପୋଷାକ ଆମ ପରିଚୟ' ଦିବସ ଭାବେ ପାଳନ କରାଯିବ। ଏପ୍ରିଲ ୪ ତାରିଖ ଦିନ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ 'ଖଡ଼ିଛୁଆଁ ଓ ପ୍ରବେଶ ଉତ୍ସବ' ଏବଂ ଶ୍ରମ ଓ କର୍ମଚାରୀ ରାଜ୍ୟ ବୀମା ବିଭାଗ ପକ୍ଷରୁ 'ଓଡ଼ିଆରେ ନାମ ଫଳକ ଲେଖା ଅଭିଯାନ'ର ଆୟୋଜନ କରାଯିବ।

# ସର୍ବୋଚ୍ଚ ସ୍ତରରେ ଗୃହନିର୍ମାଣ ଓ ନଗରଉନ୍ନୟନ ବିଭାଗ ବିକାଶ ଖର୍ଚ୍ଚ

ଭୁବନେଶ୍ୱର, ୩।୪(ମହାଭାରତ) ଓଡ଼ିଶାର ସହରାଂଚଳ ରୂପାନ୍ତରକୁ ତ୍ୱରାନ୍ୱିତ କରିବା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ସ୍ୱରୂପ, ଗୃହନିର୍ମାଣ ଓ ନଗରଉନ୍ନୟନ ବିଭାଗ ଗତ ପାଂଚ ବର୍ଷ ମଧ୍ୟରେ ଏହାର ସର୍ବୋଚ୍ଚ ବିକାଶ ଖର୍ଚ୍ଚ ରେକର୍ଡ କରିଛି, ଯାହା ୩୧ ମାର୍ଚ୍ଚ ୨୦୨୬ ସୁଦ୍ଧା ୮୫୭୫.୬୧ କୋଟି ଟଙ୍କାରେ ପହଂଚିଛି। ଏହା ୨୦୨୨-୨୩ ରେ ୬୯୯୬.୯୨ କୋଟି ଟଙ୍କାରୁ ଏକ ସ୍ଥିର ଏବଂ ଉତ୍ସାହଜନକ ବୃଦ୍ଧିକୁ ଚିହ୍ନିତ କରେ, ଯାହା ସମଗ୍ର ରାଜ୍ୟରେ ସହରାଂଚଳ ଭିତିଭୂମି ଏବଂ ନାଗରିକ ସେବାକୁ ସୁଦୃଢ଼ କରିବା ପାଇଁ ଏକ ନିରନ୍ତର ପ୍ରତିବଦ୍ଧତାକୁ ଦର୍ଶାଏ।



ଏହି ଉଲ୍ଲେଖନୀୟ ସଫଳତା "ଟିମ୍ ଅର୍ବନ୍"ର ସମନ୍ୱିତ ପ୍ରୟାସର ପରିଣାମ, ଯାହା ମାନ୍ୟବର ଗୃହନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ଡା. କୃଷ୍ଣଚନ୍ଦ୍ର ମହାପାତ୍ରଙ୍କ ଦୃଢ଼ ନୀତିଗତ ନେତୃତ୍ୱରେ ପ୍ରେରିତ। ତାଙ୍କର ଫଳାଧାରିତ ପ୍ରଶାସନ ଓ ନାଗରିକ-କେନ୍ଦ୍ରିକ ସେବା ପ୍ରଦାନ ଉପରେ ଗୁରୁତ୍ୱାରୋପ ବିଭାଗକୁ ସ୍ପଷ୍ଟ ଦିଗନିର୍ଦ୍ଦେଶ ଯୋଗାଇଛି। ଏହା ସାଙ୍ଗକୁ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶ୍ରୀମତୀ ଉଷା ପାଢ଼ୀଙ୍କ ସୁଦୃଢ଼ ପ୍ରଶାସନିକ ନେତୃତ୍ୱ, କଟକଣା ନିରୀକ୍ଷଣ ଓ କାର୍ଯ୍ୟନିଷ୍ପାଦନମୂଳକ ଆଭିଗମ ବିଭାଗୀୟ ପ୍ରାଥମିକତାମାନଙ୍କୁ ଭୂମିସ୍ତରରେ ପ୍ରତ୍ୟକ୍ଷ ଫଳାଫଳରେ ପରିଣତ କରିବାରେ ସଫଳ ହୋଇଛି।

ବିଭାଗ ଆର୍ଥିକ ଦକ୍ଷତାରେ ଉଲ୍ଲେଖନୀୟ ଉନ୍ନତି ପ୍ରଦର୍ଶନ କରି ସାମଗ୍ରିକ ଉପଯୋଗ ହାର ୮୬.୫୦% ହାସଲ କରିଛି, ଯାହା ପୂର୍ବ ଆର୍ଥିକ ବର୍ଷରେ ୭୩.୪୭% ଠାରୁ ଉଲ୍ଲେଖନୀୟ ବୃଦ୍ଧି ପାଇଛି। ବଜେଟ୍ ଆବଂଟନକୁ ପ୍ରଭାବଶାଳୀ ଢଙ୍ଗରେ ବାସ୍ତବ ଫଳାଫଳରେ ପରିଣତ କରିବା ଦିଗରେ ଏହା ଏକ ସ୍ପଷ୍ଟ ପରିବର୍ତ୍ତନକୁ ପ୍ରତିଫଳିତ କରୁଛି। ଏହି ପ୍ରଦର୍ଶନର ଏକ ପ୍ରମୁଖ ବାହକ ହେଉଛି ରାଜ୍ୟ କ୍ଷେତ୍ର ଯୋଜନା ଅଧୀନରେ ଉଲ୍ଲେଖନୀୟ ଅଗ୍ରଗତି। ଏହି ଯୋଜନାଗୁଡିକ ଅଧୀନରେ ଖର୍ଚ୍ଚ ୨୦୨୨-୨୩ ରେ ୨୬୭୬. ୧୫ କୋଟି ଟଙ୍କାରୁ ଚଳିତ ଆର୍ଥିକ ବର୍ଷରେ ୪୨୮୫.୪୫ କୋଟି ଟଙ୍କାକୁ ବୃଦ୍ଧି ପାଇଛି, ଯାହାର ପ୍ରଭାବଶାଳୀ ଉପଯୋଗ ହାର ୯୮.୧୮% ରହିଛି। ବିଗତବର୍ଷ ଯାହାକି ୯୨.୮୨% ଥିଲା। ଏହି ବୃଦ୍ଧି ବିଭାଗର ଆଭ୍ୟନ୍ତରୀଣ ପ୍ରକଳ୍ପ କାର୍ଯ୍ୟକାରିତା ବ୍ୟବସ୍ଥାର ବଢୁଥିବା ଶକ୍ତିକୁ ଆଲୋକିତ କରେ, ଯାହା ସର୍ବୋଚ୍ଚ ପ୍ରଶାସନିକ ସ୍ତରରେ ନିରନ୍ତର ସମୀକ୍ଷା ଏବଂ ମାର୍ଗଦର୍ଶନ ଦ୍ୱାରା ଆହୁରି ସୁଦୃଢ଼ ହୋଇପାରିଛି।

ସହରାଂଚଳ ସ୍ଥାନୀୟ ସଂସ୍ଥା ଗୁଡ଼ିକୁ ପାଣ୍ଠି ବଂଟନ କରିବାରେ ମଧ୍ୟ ବିଭାଗ ଅନୁକରଣୀୟ ପ୍ରଦର୍ଶନ କରିଛି। ରାଜ୍ୟ ଅର୍ଥ ଆୟୋଗଙ୍କ ଆବଂଟନ କ୍ରମାଗତ ଚତୁର୍ଥ ବର୍ଷ ପାଇଁ ୯୯.୭୦% ସମୁଦାୟ ଉପଯୋଗ ହାସଲ କରିଛି, ଯାହା ୧୪୮୯.୫୧ କୋଟି ଟଙ୍କା ଅଟେ। ଯାହା ସୁନିଶ୍ଚିତ କରେ ଯେ ଅତ୍ୟାବଶ୍ୟକ ସହରାଂଚଳ ସେବା ଯୋଗାଇବା ପାଇଁ ସ୍ଥାନୀୟ ସଂସ୍ଥାଗୁଡ଼ିକ ପର୍ଯ୍ୟାପ୍ତ ସଶକ୍ତ ଅଟନ୍ତି।

କେନ୍ଦ୍ରୀୟ ପ୍ରାୟୋଜିତ ଯୋଜନାରେ ବିଭାଗ ଦୃଢ଼ ପୁନରୁଦ୍ଧାର ପ୍ରଦର୍ଶନ କରିଛି, ଯେଉଁଥିରେ ଖର୍ଚ୍ଚ ପୂର୍ବ ବର୍ଷ ୫୯୫.୯୫ କୋଟି ଟଙ୍କା ତୁଳନାରେ ୧୧୫୪ କୋଟି ଟଙ୍କାକୁ ବୃଦ୍ଧି ପାଇଛି। ଏହି ପରିବର୍ତ୍ତନ ଓଡ଼ିଶାର ସହରାଞ୍ଚଳ ବିକାଶ ଏଜେଣ୍ଡାକୁ ଆଗକୁ ବଢାଇବା ପାଇଁ କେନ୍ଦ୍ରୀୟ ଭାଗିଦାରୀର ଲାଭ ଉଠାଇବା ଦିଗରେ ନୂତନ ଗତିକୁ ସୂଚାଇଥାଏ। ଭବିଷ୍ୟତରେ, ବିଭାଗ ଆହୁରି ଅଧିକ ମହତ୍ୱାକାଂକ୍ଷୀ ପର୍ଯ୍ୟାୟ ପାଇଁ ପ୍ରସ୍ତୁତ, ଯାହାର ବଜେଟ୍ ଆକଳନ ୨୦୨୬-୨୭ ପାଇଁ ୧୦୭୬୨.୮୭ କୋଟି ଟଙ୍କା-ଯାହା ଗତ ପାଂଚ ବର୍ଷ ମଧ୍ୟରେ ସର୍ବାଧିକ। ଏହି ଦୂରଦର୍ଶୀ ଆବଣ୍ଟନ କେବଳ ସମଗ୍ର ରାଜ୍ୟରେ ସହରାଂଚଳ ଭିତିଭୂମି ଏବଂ ସେବା ବିତରଣକୁ ବଜାୟ ରଖିବା ନୁହେଁ ବରଂ ଉଲ୍ଲେଖନୀୟ ଭାବରେ ବିସ୍ତାର କରିବା ପାଇଁ ଏକ ସ୍ପଷ୍ଟ ଦୃଷ୍ଟିକୋଣକୁ ପ୍ରତିଫଳିତ କରେ।

ଏକ ସନ୍ତୁଳିତ ଆଭିମୁଖ୍ୟ ସହିତ ଯାହା ଉଚ୍ଚ ପ୍ରଭାବ ବିକାଶମୂଳକ ଖର୍ଚ୍ଚ, ଦକ୍ଷ ଆର୍ଥିକ ପରିଚାଳନାକୁ ସମନ୍ୱିତ କରେ ଏବଂ ଶ୍ରୀମତୀ ପାଢ଼ୀଙ୍କ ସ୍ଥିର ନେତୃତ୍ୱରେ ବିଭାଗ ସହରାଂଚଳ ଅଭିବୃଦ୍ଧି ପାଇଁ ଏକ ନମନୀୟ ଏବଂ ଭବିଷ୍ୟତ ପାଇଁ ପ୍ରସ୍ତୁତ ପଥ ପ୍ରସ୍ତୁତ କରିବା ଜାରି ରଖିଛି – ଏକ ବିକଶିତ ଓଡ଼ିଶାର ଦୃଷ୍ଟିକୋଣ ସହିତ ଦୃଢ ଭାବରେ ଜଡିତ।

# ଯୁବ କଂଗ୍ରେସ ପକ୍ଷରୁ ଯୁବକ୍ରାନ୍ତି ସମାବେଶ ଅନୁଷ୍ଠିତ

ଭୁବନେଶ୍ୱର, ୩।୪(ମହାଭାରତ) : ୫ ଦଫା ଦାବି ନେଇ ପ୍ରଦେଶ ଯୁବ କଂଗ୍ରେସ ପକ୍ଷରୁ ଅଗୁରୁବାର ଦିନ ଭୁବନେଶ୍ୱର ମାଷ୍ଟରକ୍ୟାଂଟିନ ଛକ ଠାରେ ସଭାପତି ରଞ୍ଜିତ ପାତ୍ରଙ୍କ ଅଧ୍ୟକ୍ଷତାରେ "ଯୁବକ୍ରାନ୍ତି ସମାବେଶ" ଅନୁଷ୍ଠିତ ହୋଇଥିଲା। ସଚିବାଳୟ ଘେରାଉ କରିବା ସମୟରେ ପୋଲିସ ସହ ଧସ୍ତାଧସ୍ତି ହୋଇ ବହୁ ଯୁବ କଂଗ୍ରେସ କର୍ମୀ ଗିରଫ ହୋଇଥିଲେ।

ପ୍ରଥମେ ଯୁବ କଂଗ୍ରେସ ରାଷ୍ଟ୍ରୀୟ ସଭାପତି ଶ୍ରୀ ଉଦୟଭାନୁ ଚିବଙ୍କୁ ଶ୍ରୀରାମ ମନ୍ଦିର ଛକ ଠାରୁ ମାଷ୍ଟରକ୍ୟାଂଟିନ ସମାବେଶ ପର୍ଯ୍ୟନ୍ତ ଏକ ବିଶାଳ ବାଇକ ରାଲି ଯୋଗେ ଯୁବ କଂଗ୍ରେସର କର୍ମକତମାନେ ପାଛୋଟି ଆଣିଥିଲେ। ଶ୍ରୀ ଚିବ ଉପସ୍ଥିତ ଯୁବ କଂଗ୍ରେସ କର୍ମୀଙ୍କୁ ଉଦ୍‌ବୋଧନ ଦେଇ କହିଥିଲେ ଯେ ଆମ ପ୍ରଧାନମନ୍ତ୍ରୀ ଆମେରିକା ରାଷ୍ଟ୍ରପତିଙ୍କୁ ଜି ହଜୁରୀ କରିବାରେ ବ୍ୟସ୍ତ। ସେ ଟ୍ରମ୍ପଙ୍କର ଜଣେ ବଚସ୍କର ଭାବରେ ପରିଚୟ ସୃଷ୍ଟି କରିଛନ୍ତି। ନେହେରୁ ପ୍ରଧାନମନ୍ତ୍ରୀ ଥିବା ବେଳେ ରଷିଆ ଓ ଆମେରିକା କାହାକୁ ଖାତିର ନକରି ଗୋଷ୍ଠି ନିରପେକ୍ଷ ଆନ୍ଦୋଳନ ଆରମ୍ଭ କରିଥିଲେ। ଯେଉଁଥିରେ ୨୦୦ ରୁ ଅଧିକ ଦେଶ ସଦସ୍ୟ ଥିଲେ ଏବଂ ଭାରତ ଏହାର ନେତୃତ୍ୱ ନେଉଥିଲା। କିନ୍ତୁ ବର୍ତ୍ତମାନର ପ୍ରଧାନମନ୍ତ୍ରୀ ସଂପୂର୍ଣ୍ଣରୂପେ ଆମେରିକା ରାଷ୍ଟ୍ରପତି ଟ୍ରମ୍ପଙ୍କ ଆଗରେ ଆତ୍ମସମର୍ପଣ କରିଯାଇଛନ୍ତି। ଓଡ଼ିଶାରେ ଏକ ଅଦଭୁତ ସରକାର ଅଛି। ବିନା ଦାୟିତ୍ୱବୋଧରେ ଶାସନ ଚାଲିଛି।



କଟକ ବଡ଼ ଡାକ୍ତରଖାନାରେ ରୋଗୀ ହତ୍ୟା ଘଟଣା ଓଡ଼ିଶାର ସ୍ୱାସ୍ଥ୍ୟ ସେବାର ଦୁରାବସ୍ଥାକୁ ସ୍ପଷ୍ଟ କରିଛି। ଏପର୍ଯ୍ୟନ୍ତ ସ୍ୱାସ୍ଥ୍ୟମନ୍ତ୍ରୀ ଇସ୍ତଫା ଦେଇନାହାନ୍ତି ଏବଂ ଏହି ବ୍ୟବସ୍ଥାକୃତ ଅଘଟଣ ପାଇଁ ଦାୟିତ୍ୱରେ ଥିବା କର୍ତୃପକ୍ଷଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ନିଆଯାଇ ନାହିଁ। ମଣ୍ଡିରେ ଚାଷୀଙ୍କୁ ଖୋଲାଖୋଲି ଶୋଷଣ କରାଯାଉଛି। ନାରୀ ଅତ୍ୟାଚାରର ସୀମା ଲଙ୍ଘିଛି। ପ୍ରତ୍ୟେକ ଦିନ ଓଡ଼ିଶାର ନାରୀ ଦୁଷ୍କର୍ମର ଶିକାର ହେଉଛି। ନାରୀ ସୁରକ୍ଷା ସ୍ଥିତି ରାଜ୍ୟରେ ଅତି ଗମ୍ଭିର। ଏହି ଡବଲ ଇଞ୍ଜିନ ସରକାର ବିରୁଦ୍ଧରେ ଯୁବ କଂଗ୍ରେସକୁ ଲଢ଼େଇ କରିବାକୁ ପଡ଼ିବ। ଏମାନଙ୍କୁ ଗାଦିଚ୍ୟୁତ ନକଲା ପର୍ଯ୍ୟନ୍ତ ଲଢ଼େଇ ଜାରି ରହିବ ବୋଲି ଶ୍ରୀ ଚିବ କହିଥିଲେ।

ପିସିସି ସଭାପତି ଭକ୍ତ ଚରଣ ଦାସ ଉପସ୍ଥିତ ଯୁବ କଂଗ୍ରେସ ସଦସ୍ୟଙ୍କୁ କହିଥିଲେ ଯେ ବିଜେପି ସରକାରରେ ଦେଶ ଏବଂ ରାଜ୍ୟ ସଂପୂର୍ଣ୍ଣ ରସାତଳଗାମୀ ହେଲାଣି। ପ୍ରତ୍ୟେକ କ୍ଷେତ୍ରରେ ଏମାନେ ଫେଲ ମାରିଛନ୍ତି। ନା ଦେଶକୁ ସୁରକ୍ଷା ଦେଇପାରୁଛନ୍ତି ନା ନାରୀ, ଯୁବକ, କୃଷକ ଓ ସାଧାରଣ ନାଗରିକଙ୍କୁ ସୁରକ୍ଷା ଦେଉପାରୁଛନ୍ତି। ଦଳିତ, ଆଦିବାସୀ ଓ ସଂଖ୍ୟାଲଘୁଙ୍କ ପ୍ରତି ଅତ୍ୟାଚାର ବୃଦ୍ଧି ପାଇବାରେ ଲାଗିଛି। ଓଡ଼ିଶାର ଯୁବକମାନଙ୍କ ଉପରେ ମୋର ଗଭୀର ଆସ୍ଥା ରହିଛି ଏବଂ ନିକଟ ଭବିଷ୍ୟତରେ ସେମାନେହିଁ ହେବେ ପରିବର୍ତ୍ତନର ସୂତ୍ରଧର। ଯୁବ ନ୍ୟାୟ ଓ ନାରୀ ନ୍ୟାୟ ପାଇଁ କଂଗ୍ରେସ ବେସାଲିସ ସଂଗ୍ରାମ କରୁଛି। କଂଗ୍ରେସହିଁ ଓଡ଼ିଶାର ଉପେକ୍ଷିତ ଓ ଅବହେଳିତ ଯୁବକ, ମହିଳା ଓ କୃଷକଙ୍କର ଶାଣିତ ସ୍ୱର। ଉପସ୍ଥିତ ଥିବା ହଜାର ହଜାର ଯୁବ କଂଗ୍ରେସ କର୍ମକର୍ତ୍ତା ଓ ରାଜ୍ୟର ଯୁବ ବର୍ଗଙ୍କୁ ଆହ୍ୱାନ ଦେଇ ଶ୍ରୀ ଦାସ କହିଲେ ଆସନ୍ତୁ ସମସ୍ତେ ମିଶି ରାଜରାସ୍ତାରେ ଲଢ଼େଇ କରିବା। ନ୍ୟାୟ ଏବଂ ଅଧିକାର ପାଇଁ ସରକାରଙ୍କୁ ବାଧ କରିବା। ଏହି କାର୍ଯ୍ୟକ୍ରମରେ ଅଖିଳ ଭାରତ ଯୁବ କଂଗ୍ରେସର ସମ୍ପାଦକ ତଥା ଓଡ଼ିଶା ପ୍ରଭାରୀ ଶ୍ରୀ ମହେଶ ଦେଶମୁଖ, ସହ ପ୍ରଭାରୀ ରିଆନା ରାଜୁ, ସହ ପ୍ରଭାରୀ ଖୁସି ଟିଗା, ସୁରେଶ କୁମାର ରାଉତରାୟ, ଶିବାନନ୍ଦ ରାୟ, ମହିଳା କଂଗ୍ରେସ ସଭାନେତ୍ରୀ ମିନାକ୍ଷୀ ବାହିନୀପତି, ଯାସିର ନୱାଜ, କୃଷ୍ଣ ମହାନ୍ତି ପ୍ରମୁଖ ରାଜ୍ୟ ସରକାରଙ୍କର ଯୁବ ବିରୋଧି, କୃଷକ ବିରୋଧି ଓ ମହିଳା ବିରୋଧି ନୀତିର କଡ଼ା ସମାଲୋଚନା କରିଥିଲେ। ପ୍ରଦେଶ ଯୁବ କଂଗ୍ରେସ ସଭାପତ

## 'ଓଡ଼ିଶା ଦିବସ' କେବଳ ଏକ ଉତ୍ସବ ନୁହେଁ, ଏହା ହେଉଛି ଆବେଗ- ନବୀନ ପଟ୍ଟନାୟକ

ଭୁବନେଶ୍ୱର, ୩।୪(ମହାଭାରତ): ଓଡ଼ିଶା ଦିବସର ଶୁଭେଚ୍ଛା ଜଣାଇଛନ୍ତି ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ। ଏନେଇ ସୋସିଆଲ ମିଡିଆ ଏକ୍ସରେ ନବୀନ କହିଛନ୍ତି ଯେ, 'ଓଡ଼ିଶା ଦିବସ' କେବଳ ଏକ ଉତ୍ସବ ନୁହେଁ, ଏହା ହେଉଛି ଆବେଗ। ପ୍ରତିଟି ଓଡ଼ିଆଙ୍କ ସ୍ୱାଭିମାନ ଓ ପ୍ରଗତିର ପରିଚୟ। ଭାଷା ଭିତ୍ତିରେ ଦେଶର ପ୍ରଥମ ରାଜ୍ୟ ଭାବେ ଆଜିର ଦିନରେ ଓଡ଼ିଶା ସ୍ୱତନ୍ତ୍ର ରାଜ୍ୟର ମାନ୍ୟତା ପାଇଥିଲା। ଏହି ଅବସରରେ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନର ବରେଣ୍ୟ ସାଧକମାନଙ୍କ ପ୍ରତି ମୋର ସମ୍ମାନ ଜଣାଉଛି। ଆସନ୍ତୁ ସମସ୍ତେ ଆମ ମାତୃଭାଷାର ଗୌରବକୁ ବଜାୟ ରଖି, ସଭିଙ୍କୁ ସାଥିରେ ନେଇ ବିକାଶର ସବୁ କ୍ଷେତ୍ରରେ ଆଗକୁ ବଢ଼ିବା।

## ଖରିଫରେ ୧୮ ଲକ୍ଷ ୬୪ ହଜାର ଚାଷୀ ଧାନ ବିକ୍ରି

ଭୁବନେଶ୍ୱର, ୩।୪(ମହାଭାରତ): ଚଳିତ ଖରିଫରେ ରେକର୍ଡ ସଂଖ୍ୟକ ଧାନ ସଂଗ୍ରହ ହୋଇଛି। ୧୮ ଲକ୍ଷ ୬୪ ହଜାର ଚାଷୀ ଧାନ ବିକ୍ରି କରିଛନ୍ତି। ଏଯାବତ୍ ୭୭ ଲକ୍ଷ ମେଟ୍ରିକ୍ ଟନ ଧାନ କିଣା ସରିଛି। ଏନେଇ ସମବାୟ ମନ୍ତ୍ରୀ ପ୍ରଦୀପ ବଳ ସାମନ୍ତ ସୂଚନା ଦେଇଛନ୍ତି। ବାକି ବଳକା ଧାନ କିଣିବାକୁ ୭ ଦିନ ଅବଧି ବୃଦ୍ଧି କରିଛନ୍ତି ସରକାର।

ଯେଉଁ ଚାଷୀ ଧାନ ବିକି ପାରିନାହାନ୍ତି, ସେମାନେ ଏହି ୭ ଦିନ ଭିତରେ ଧାନ ବିକ୍ରି କରିପାରିବେ। ମିଲରେ ଜାଗାର ଅଭାବ ପାଇଁ ଧାନ କିଣା ପ୍ରକ୍ରିୟା ଟିକେ ବିଳମ୍ବ ହୋଇଥିଲା। ଜଣେ ବି ଚାଷୀର ଧାନ ରହିବ ନାହିଁ। ସରକାର ସମସ୍ତ ଧନ ଉଠାଇବେ। ଆସନ୍ତାବର୍ଷକୁ ଏପରି ସମସ୍ୟା ଯେପରି ନହେବ ସେନେଇ ସରକାର ବ୍ୟବସ୍ଥା କରୁଛନ୍ତି ବୋଲି ମନ୍ତ୍ରୀ କହିଛନ୍ତି। ସମବାୟ ମନ୍ତ୍ରୀ ପ୍ରଦୀପ ବଳ ସାମନ୍ତ ଏହା ସମ୍ପର୍କରେ କହିଛନ୍ତି ଯେ, ମିଲ୍ ?ଗୁଡ଼ିକରେ ଜାଗା ଅଭାବ ହେତୁ ଧାନ କ୍ରୟ ପ୍ରକ୍ରିୟାରେ କିଛି ବିଳମ୍ବ ଘଟିଥିଲା। କିନ୍ତୁ ସରକାର ଏହାକୁ ଗମ୍ଭୀରତାର ସହିତ ନେଇ ଅତିରିକ୍ତ ସମୟ ଦେଇଛନ୍ତି, ଯାହାଦ୍ୱାରା ଜଣେ ବି ଚାଷୀ ଅସୁବିଧାରେ ପଡ଼ିବେ ନାହିଁ। ମନ୍ତ୍ରୀ ଆହୁରି ନିଶ୍ଚିତ କରିଛନ୍ତି ଯେ, ରାଜ୍ୟରେ ଯେତେ ଧାନ ରହିଛି, ସରକାର ସମସ୍ତ ଧାନ କ୍ରୟ କରିବେ। କୌଣସି ଚାଷୀଙ୍କ ଧାନ ଏଥିରୁ ବଞ୍ଚିତ ହେବ ନାହିଁ ବୋଲି ସରକାର ପ୍ରତିବଦ୍ଧ ଅଛନ୍ତି।

# ଲକ୍ଷ୍ୟହୀନ ନୂତନ ଅବକାରୀ ନୀତି !

ରାଜ୍ୟରେ ରାଜ୍ୟ ସରକାର ପ୍ରଥମ ଥର ପାଇଁ ୩ବର୍ଷିଆ ନୂତନ ଅବକାରୀ ନୀତି ଘୋଷଣା କରିଛନ୍ତି, ଯେଉଁଥିରେ ଆଉ ନୂତନ ମଦଦୋକାନ ଖୋଲିବାକୁ ଅନୁମତି ନଦେବା ପାଇଁ ପ୍ରସ୍ତାବ ଦେଇଥିବାବେଳେ ନିଲାମ ଜରିଆରେ କେବଳ ହୋଟେଲ ଓ ବାର ପାଇଁ ଅନୁମତି ଦିଆଯିବ, ପ୍ରତିବର୍ଷ ଅବକାରୀ ଲାଇସେନ୍ସ ଦେୟ ୧୦ ପ୍ରତିଶତରୁ ୨୦ପ୍ରତିଶତ ବୃଦ୍ଧି ସହ ଏଣିକି ଅବକାରୀ ଟିକସ ସହ ୫ ପ୍ରତିଶତ ଅତିରିକ୍ତ ଦେୟ ଆଦାୟ କରାଯାଇ ଉନ୍ନତମାନର ନିଶାମୁକ୍ତି କେନ୍ଦ୍ର ପ୍ରତିଷ୍ଠା କରାଯିବ ଏବଂ ଘରକୁ ମଦ ଯୋଗାଣ ବନ୍ଦ କରିବା ପ୍ରସ୍ତାବ ରହିଛି। କହିବା ବାହୁଲ୍ୟ ଯେ, ନୂତନ ଅବକାରୀ ନୀତିରେ ରାଜ୍ୟକୁ ମଦମୁକ୍ତ ବା ନିଶାମୁକ୍ତ କରିବାର କୌଣସି ପ୍ରସ୍ତାବ ନଥିବାବେଳେ କେତେକ ଆଶ୍ୱସ୍ତି ରହିଛି ସତ ମାତ୍ର ସରକାର ନିଜର ପ୍ରତିଶ୍ରୁତିରୁ ଓହରି ଯାଇଛନ୍ତି ବୋଲି କୁହାଯାଇପାରିବ। ସୂଚନାଯୋଗ୍ୟ ଯେ, ୨୦୨୪ ରାଜ୍ୟ ବିଧାନସଭା ଓ ସାଧାରଣ ନିର୍ବାଚନ ସମୟରେ ବିଜେପି ତାର ନିର୍ବାଚନ ଇସ୍ତାହାରରେ ଓଡିଶାକୁ ନିଶାମୁକ୍ତ ରାଜ୍ୟରେ ପରିଣତ କରିବାକୁ ପ୍ରତିଶ୍ରୁତି ଦେଇଥିଲା। କେବଳ ଏତିକି ନୁହେଁ, ରାଜ୍ୟରେ ନୂତନ ବିଜେପି ସରକାର କ୍ଷମତାସୀନ ହେବା ପରେ ଜଣେ କ୍ୟାବିନେଟ ମନ୍ତ୍ରୀ ଗଣମାଧ୍ୟମ ନିକଟରେ ଓଡିଶାରେ ମଦ ନିଷେଧ କରାଯିବ ବୋଲି ଘୋଷଣା କରିଥିଲେ। ସେହିପରି ଆଉ ଜଣେ କ୍ୟାବିନେଟ ମନ୍ତ୍ରୀ ମଧ୍ୟ ଓଡିଶାକୁ ମଦମୁକ୍ତ ରାଜ୍ୟ କରିବା ପାଇଁ ଖୁବଶୀଘ୍ର କ୍ୟାବିନେଟ ନିଷ୍ପତି ନିଆଯିବା ସମ୍ପର୍କରେ ବୟାନ ଦେଇଥିଲେ। କିନ୍ତୁ ଏଭଳି ବୟାନ ବାଜି ମଧ୍ୟରେ ରାଜ୍ୟ ସରକାର ରାଜ୍ୟରେ ୮୦ଟି ନୂତନ ମଦ ଦୋକାନ ଖୋଲିବାକୁ ଅନୁମତି ଦେଇଥିବାବେଳେ 'ମଦ କୁଡିଆ' ଯୋଜନାକୁ କାର୍ଯ୍ୟକାରୀ କରିଥିଲେ କିନ୍ତୁ ନୂତନ ଅବକାରୀ ନୀତିରେ ସରକାର ରାଜ୍ୟକୁ ମଦମୁକ୍ତ କରିବା ପାଇଁ ପଦକ୍ଷେପ ନେଇପାରନ୍ତି ବୋଲି ଆଶା କରାଯାଉଥିଲା। ମାତ୍ର ସଦ୍ୟ ଘୋଷିତ ନୂତନ ଅବକାରୀ ନୀତିରେ ସେଭଳି କୌଣସି ପଦକ୍ଷେପ ନିଆଯାଇନାହିଁ। ଅନ୍ୟପକ୍ଷରେ ୩ବର୍ଷିଆ ଅର୍ଥାତ ଆସନ୍ତା ୨୦୨୯ ମାର୍ଚ୍ଚ ୩୧ ତାରିଖ ପର୍ଯ୍ୟନ୍ତ ନୂତନ ଅବକାରୀ ନୀତି ବଳବତର ରହିଥିବାରୁ ସରକାର ତାଙ୍କ କାର୍ଯ୍ୟକାଳ ମଧ୍ୟରେ ଓଡିଶାକୁ ସମ୍ପୂର୍ଣ୍ଣ ମଦମୁକ୍ତ କରିବା ସମ୍ଭାବନା ନାହିଁ ବୋଲି କୁହାଯାଇପାରେ। ଉଲ୍ଲେଖଯୋଗ୍ୟ ଯେ, ସରକାରୀ ତଥ୍ୟରୁ ମିଳିଥିବା ସୂଚନା ଅନୁଯାୟୀ ରାଜ୍ୟରେ ଏବେ ୨୧୦୦ରୁ ଅଧିକ ଲାଇସେନ୍ସ ପ୍ରାପ୍ତ ଦେଶୀ, ବିଦେଶୀ ମଦ ଦୋକାନ ରହିଛି। ଏପରିକି ପୂର୍ବବର୍ଷରୁ ବନ୍ଦ ହୋଇଯାଇଥିବା ୭୦ଟି ମଦ ଦୋକାନକୁ ଖୋଲିବାକୁ ସରକାର ଅନୁମତି ଦେଇଛନ୍ତି। ସେହିପରି ସହରାଂଚଳରେ ପ୍ରିମିୟମ ମଦ ଦୋକାନ ଖୋଲିବାକୁ ମଧ୍ୟ ଅନୁମତି ଦିଆଯାଇଥିବା କୁହାଯାଏ। ରାଜ୍ୟରେ ସହରାଂଚଳଠାରୁ ଆରମ୍ଭ କରି ଗ୍ରାମାଂଚଳ ପର୍ଯ୍ୟନ୍ତ ମଦ ବ୍ୟବହାର ଏପରି ବୃଦ୍ଧି ପାଇଛି ଯେ, ମଦ ଏକ କୁଟୀର ଶିଳ୍ପରେ ପରିଣତ ହୋଇଥିବା କହିଲେ ଅତିରଂଜିତ ହେବ ନାହିଁ। ଏକ ରିପୋର୍ଟରୁ ଜଣାଯାଏ ଯେ, ରାଜ୍ୟରେ ମଦ ବ୍ୟବହାର ଜାତୀୟ ହାରଠାରୁ ଅଧିକ ରହିଛି। ୧୫ବର୍ଷରୁ ଉର୍ଦ୍ଧ୍ୱ ବୟସଙ୍କ ମଦ ପାନ କ୍ଷେତ୍ରରେ ଜାତୀୟ ହାର ୯.୯୧ ପ୍ରତିଶତ ରହିଥିବାବେଳେ ଓଡିଶାରେ ୧୬.୧୩ ପ୍ରତିଶତ ରହିଛି। ସେହିପରି ସହରାଂଚଳ ତୁଳନାରେ ଗ୍ରାମାଂଚଳରେ ମଦ୍ୟପଙ୍କ ସଂଖ୍ୟା ଅଧିକ ରହିଛି। ସହରାଂଚଳରେ ମଦ ବ୍ୟବହାର ହାର ୨୨.୭ ପ୍ରତିଶତ ଥିବା ବେଳେ ଗ୍ରାମାଂଚଳରେ ୩୦.୨ ପ୍ରତିଶତ ରହିଛି। ଜିଲ୍ଲା ମଧ୍ୟରେ ସୁନ୍ଦରଗଡରେ ମଦ ବ୍ୟବହାର ହାର ସର୍ବାଧିକ ୪୫.୯ ପ୍ରତଶତ ଥିବାବେଳେ ମୟୂରଭଞ୍ଜରେ ୪୫.୬ ପ୍ରତିଶତ ଏବଂ ଦେବଗଡରେ ୪୪.୨ ପ୍ରତିଶତ ରହିଛି। ଗ୍ରାମାଂଚଳରେ ଦେଶୀ ମଦ ବ୍ୟବହାରକାରୀଙ୍କ ସଂଖ୍ୟା ଦିନକୁ ଦିନ ବଢିବାରେ ଲାଗିଛି। ବିଶେଷକରି ଦୁର୍ଗମ ପାହାଡିଆ ଆଦିବାସୀ ବହୁଳ ଅଂଚଳରେ ଦେଶୀମଦ ତିଆରି ଓ ବ୍ୟବହାରକରୀଙ୍କ ସଂଖ୍ୟା ଅଧିକ ରହିଛି। ଏକ ରିପୋର୍ଟରେ କୁହାଯାଇଛି ଯେ, ୨୦୨୪-୨୫ ଆର୍ଥିକ ବର୍ଷରେ ରାଜ୍ୟରେ ୫.୪୪ କୋଟି ଲିଟର ବିଦେଶୀ ମଦ ବ୍ୟବହାର ହୋଇଥିବାବେଳେ ୯୫.୪୩ ଲକ୍ଷ ଲିଟର ଦେଶୀ ମଦ ବ୍ୟବହାର ହୋଇଥିଲା। ବିଶେଷ କରି ପର୍ବ ପର୍ବାଣୀ ଗୁଡିକରେ ମଦର ସୁଅ ଛୁଟିବା ଏବେ ଏକ ପରମ୍ପରାରେ ପରିଣତ ହୋଇଛି। ମଦ ପ୍ରତି ଲୋକଙ୍କ ଆଶକ୍ତି ଏତେ ମାତ୍ରାରେ ବଢିଚାଲିଛି ଯେ, ଏବେ ଶବଦାହ, ଶୁଦ୍ଧି ଘର, ବିବାହ ଉତ୍ସବ ଏବଂ ବ୍ରତ ଉତ୍ସବରେ ମଦ ନହେଲେ କୌଣସି କାମ ହୁଏ ନାହିଁ। ଖୋଦ ରାଜଧାନୀ ଭୁବନେଶ୍ୱରରେ ନୂତନ ବର୍ଷ ପାଳନ ଅବସରରେ ଗୋଟିଏ ସପ୍ତାହରେ ଅର୍ଥାତ ଡିସେମ୍ବର ୨୫ରୁ ୩୧ ତାରିଖ ମଧ୍ୟରେ ୩୨କୋଟି ୩୫ଲକ୍ଷ ଟଙ୍କାର ମଦ ପିଇଥିଲେ। ଯେଉଁଥିରେ ୩୫ହଜାର ଲିଟରରୁ ଅଧିକ ବିଦେଶୀ ମଦ, ୨୫ ହଜାର ଲିଟରରୁ ଅଧିକ ବିୟର, ୨୧ହଜାର ଲିଟରରୁ ଅଧିକ ଦେଶୀ ମଦ ପାନ କରିଥିବା କୁହାଯାଏ। ଏହି ସମୟରେ ସାରା ରାଜ୍ୟରେ ୩ଲକ୍ଷ ଲିଟରରୁ ଅଧିକ ମଦ କାରବାର ହୋଇଥିବା କୁହାଯାଏ। ମଦ ମଧ୍ୟ ରାଜ୍ୟ ସରକାରଙ୍କ, ଏକ ମୁଖ୍ୟ ରାଜସ୍ୱ ଆୟର ଉତ୍ସ ଭାବେ ଜଣାଶୁଣା। ୨୦୨୪-୨୫ ଆର୍ଥିକ ବର୍ଷରେ ବିଜେପି ସରକାରଙ୍କ ଅମଳରେ ମଦରୁ ୧୪୨୯ କୋଟି ଟଙ୍କା ରାଜସ୍ୱ ଆୟ ହୋଇଥିଲା। ଯାହାକି ପୂର୍ବ ଚାରିବର୍ଷ ତୁଳନାରେ ୧୧୨ ପ୍ରତିଶତ ଅଧିକ ବୋଲି କୁହାଯାଇଛି। ଉଲ୍ଲେଖଯୋଗ୍ୟ ଯେ, ଏକଦା ଜଣେ ବରିଷ୍ଠ ରାଜନେତା କହିଥିଲେ ଯେ, ଯେଉଁ ସରକାର ମଦ ବନ୍ଦ କରିବ, ସେହି ସରକାର ହାରିବା ନିଶ୍ଚିତ। ଏଇଥିପାଇଁ ବୋଧହୁଏ କୌଣସି ସରକାର ମଦ ନିଷେଧ କରିବାକୁ ଚାହୁଁନାହାଁନ୍ତି। ଏହା ନିଶ୍ଚିତ ଯେ, ମଦ୍ୟପାନ କ୍ଷତିକାରକ। ଏହା କେବଳ ସ୍ୱାସ୍ଥ୍ୟ ଉପରେ ନୁହେଁ, ପରିବାର, ସଂଚୟ, ଶିକ୍ଷା ଉପରେ କୁପ୍ରଭାବ ପକାଏ। ରାଜ୍ୟକୁ ମଦମୁକ୍ତ କରିବା ପାଇଁ ଦାବି ଯେତିକି ଯୋରଦାର ହେଉଛି, ମଦ୍ୟପଙ୍କ ସଂଖ୍ୟା ତା'ଠାରୁ ବଢିଚାଲିଛି। ସରକାର ମଦ ନିଷିଦ୍ଧ କରିବାକୁ ଚାହୁଁନଥିବା ବେଳେ ମଦ୍ୟପ ନିଜେ ନ ଚେତିଲେ, ନିଶାମୁକ୍ତ ବା ନିଶା ନିବାରଣ ସମ୍ଭବ ନୁହେଁ।

# ଆଚ୍ଛାଦନ-ଆଚରଣ

**ପଣ୍ଡିତ ସୋମନାଥ ଦାଶ**

କେତେକ ଲୋକ କହନ୍ତି – ମନୁଷ୍ୟ ତା'ର ପୋଷାକ ପରିଚ୍ଛଦରୁ ଜଣାପଡ଼େ ସେ କେତେ ସମ୍ମାନସ୍ପଦ : କିନ୍ତୁ ଆଚ୍ଛାଦନ ପ୍ରକୃତ ମଣିଷକୁ ଚିହ୍ନାଏ ନାହିଁ, ଆଚରଣ ହିଁ ମଣିଷର ପ୍ରକୃତ ସ୍ୱରୂପକୁ ଉନ୍ମୋଚନ କରେ । ଅବଶ୍ୟ ପୋଷାକର ମଧ୍ୟ ଗୁରୁତ୍ୱ ରହିଛି । ତେଣୁ କୁହାଯାଏ – 'ଭେକ ଥିଲେ ଭିକ ମିଳେ' । ବାହ୍ୟ ଆଚ୍ଛାଦନ ପୋଷାକ ହୋଇଥିବା ସ୍ଥଳେ ଅନ୍ତ ଆଚ୍ଛାଦନ ଆନ୍ତରିକତାପୂର୍ଣ୍ଣ ଆଚରଣ । ମନୁଷ୍ୟ ନିଜ ଆଚରଣରୁ ହିଁ ବାରି ହୋଇଯାଏ ସେ ସମସ୍ତଙ୍କର କେତେ ଆଦରଣୀୟ, ସ୍ନେହସ୍ପଦ ବା ନମସ୍ୟ । ସବୁବେଳେ ଯେଉଁ ପୋଷାକ ପିନ୍ଧିଲେ ମଧ୍ୟ ପରିଷ୍କାର, ପରିଚ୍ଛନ୍ନ ପୋଷାକ ପିନ୍ଧିବା ଉଚିତ, କାରଣ ତା'ର ମନ ଉପରେ ପ୍ରଭାବ ପଡ଼େ । ଅତିରିକ୍ତ ପୋଷାକ ପିନ୍ଧି, ଅତିମାତ୍ରାରେ ସଜେଇ ହେବା, ଅଳଙ୍କାର ମଣ୍ଡିତ ହେବା ଆଦୌ ସ୍ପୃହଣୀୟ ନୁହେଁ । ଯେତିକି ସରଳ, ସ୍ୱଚ୍ଛ, ନିର୍ମଳ ଓ ସାଧାସିଧା ପୋଷାକ ପରିଚ୍ଛଦ ହେବ, ବ୍ୟକ୍ତିର ବ୍ୟକ୍ତିତ୍ୱ ସେତିକି ଅଧିକ ପୋଷାକ ଭିତରୁ ଝଟକି ଉଠିବ । ଭଲ ବ୍ୟବହାର ହେଲେ ବ୍ୟକ୍ତିର ବ୍ୟକ୍ତିତ୍ୱ ଆକର୍ଷିତ ହୋଇଥାଏ । ଜଣେ ଦେଖିବାକୁ ସୁନ୍ଦର ହୋଇନପାରେ; କିନ୍ତୁ ତା'ର ଆଚରଣ ଓ ବ୍ୟବହାର ଭଲ ହେଲେ ସେ ଅନ୍ୟକୁ ଅନାୟାସରେ ଆକୃଷ୍ଟ କରିପାରେ । ରୂପର ଅଭାବକୁ ସୁନ୍ଦର, ସ୍ୱଚ୍ଛ, ଆନ୍ତରିକତାପୂର୍ଣ୍ଣ ବ୍ୟବହାର ପୂରଣ କରିଦିଏ, କାରଣ ଭଲ ବ୍ୟବହାର କରିବା ଅଭ୍ୟାସରେ ପଡ଼ିଗଲେ ମନୁଷ୍ୟ ଅନ୍ୟକୁ ଆଘାତ ଦେବାକୁ ଚେଷ୍ଟା କରେନାହିଁ ଓ ତା'ର ଅନ୍ତର୍ନିହିତ ସଦ୍‌ଗୁଣଗୁଡ଼ିକ ସହଜ ଭାବରେ ବ୍ୟବହାର ମଧ୍ୟରେ ପ୍ରସ୍ଫୁଟିତ ହୋଇଯାଏ ଓ ସୁରଭି ବିତରଣ କରି ପରିବେଶକୁ ମଧୁମୟ କରିପାରେ । ସେତେବେଳେ ସେ କେଉଁ ପୋଷାକ ପିନ୍ଧିଛି ତାହା ନଜରକୁ ଆସେନାହିଁ । ଅତି ଦାମିକା, ଝଲମଲ ହେଉଥିବା ପୋଷାକ ପିନ୍ଧିଥିବା ବ୍ୟକ୍ତିଠାରୁ ଆନ୍ତରିକତା ପୂର୍ଣ୍ଣ ବ୍ୟବହାର ଓ ସାରଲ୍ୟ ଥିବା ବ୍ୟକ୍ତି ସହଜରେ ପାଖ ପଡ଼ୋଶୀମାନଙ୍କୁ ଆକୃଷ୍ଟ କରିପାରନ୍ତି । କାରଣ ଆନ୍ତରିକତାର ଏକ ନିଆରା ମହତ୍ତ୍ୱ ଅଛି, ବାସ୍ନା ଅଛି, ଯାହା ପାଠଶାଠ ନପଢ଼ିଥିବା ବ୍ୟକ୍ତି ବାରି ନିଏ, ଚିହ୍ନି ନିଏ, ସମ୍ପର୍କ ଗଢ଼ି ଉଠେ ଆପେ ଆପେ । ସେଭଳି ମଣିଷକୁ ଦେଖିଲା ମାତ୍ରେ ଓଠରେ ହସ ଫୁଟିଉଠେ, ମନ ପ୍ରସନ୍ନ ହୁଏ, ଲାଗେ ସତେ ଯେମିତି ସେ ଖୁବ୍ ଆପରାର, ବହୁଦିନରୁ ପରିଚିତ ମଣିଷଟିଏ । ଆଚରଣ ହିଁ ବ୍ୟକ୍ତିତ୍ୱକୁ ଆକର୍ଷଣୀୟ କରିଥାଏ, ପୋଷାକ ନୁହେଁ । ମହାତ୍ମା ଗାନ୍ଧି ପ୍ରମାଣିତ କରି ଦେଇଥିଲେ ଯେ ପୋଷାକ ମଣିଷକୁ ତିଆରି କରେନା, ତ୍ରୁଟିକୁ ପୂରଣ କରି ଦେଇ ବ୍ୟକ୍ତିକୁ ଅଲଗା ମହତ୍ତ୍ୱରେ ପରିପ୍ଲୁତ କରିଦିଏ । ମହାତ୍ମା ଗାନ୍ଧି ଅତି ସାଧାରଣ ଖଦଡ଼ ଧୋତି ଖଣ୍ଡେ ପିନ୍ଧୁଥିଲେ; କିନ୍ତୁ ତାଙ୍କ ବ୍ୟକ୍ତିତ୍ୱ, ମଣିଷପଣିଆ, ମହାତ୍ମ୍ୟ ବିଶ୍ୱକୁ ଚମତ୍କୃତ କରିଦେଇଛି । ଇଂରେଜ ଶାସକଙ୍କ ପାଖକୁ ଗଲାବେଳେ ସେ ସେହି ପୋଷାକ ପିନ୍ଧିଥିଲେ । ପ୍ରଚଳିତ ରୀତି ଅନୁସାରେ ଦ୍ୱାରପାଳ ତାଙ୍କୁ ଭିତରକୁ ଛାଡ଼ିଲା ନାହିଁ । ପେଣ୍ଟ, କୋଟ, ସୁଟ୍, ଟାଇ ପିନ୍ଧିଥିଲେ ସେ ଉତ୍ସବକୁ ଯାଇପାରିଥାନ୍ତେ । ତାଙ୍କର ବ୍ୟକ୍ତିତ୍ୱ ଏତେ ମହାନ୍ ତାଙ୍କର ଆଦର୍ଶ ଏତେ ଉଚ୍ଚକୋଟୀର ଯେ ତାଙ୍କ ପାଇଁ କୌଣସି ପୋଷାକ ବା ବାହ୍ୟ ଆଡ଼ମ୍ବର ତିଳେମାତ୍ର ପ୍ରୟୋଜନ ନଥିଲା । ସେ ସର୍ବଶ୍ରେଷ୍ଠ ମହାନ୍ ମଣିଷ ଭାବରେ, ଅନ୍ତର୍ନିହିତ ଶୁଦ୍ଧ ଗୁଣାବଳୀରେ ବିଭୂଷିତ ଦେବୋପମ ବ୍ୟକ୍ତିତ୍ୱ ।

କର୍ମକାଣ୍ଡ ବିଶାରଦ ଓ ଜ୍ୟୋତିଷ ପରାମର୍ଶଦାତା, 'ମା ଶାରଳା ଆଷ୍ଟ୍ରୋ ପଏଣ୍ଟ'
ସେକ୍ଟର-୭, ସିଡିଏ, କଟକ, ଦୂରଭାଷ : ୭୦୦୮୦୦୦୮୯

# ମଧ୍ୟପ୍ରାଚ୍ୟ ଯୁଦ୍ଧ : ଆପଦରେ ଅବସର ଖୋଜୁଛନ୍ତି ରୁଷିଆ ଓ ଇସ୍ରାଏଲ

**ଡକ୍ଟର ପ୍ରମୋଦ କୁମାର ପଣ୍ଡା ■**

ଫେବୃଆରୀ ଅଠେଇଶରେ ଆରମ୍ଭ ହୋଇଥିବା ମଧ୍ୟପ୍ରାଚ୍ୟ ଯୁଦ୍ଧକୁ ଆଜି ମାସେ ପୁରିଲା। ଏବେ କଡା ସର୍ତ୍ତରେ ଲଟକିଛି ଯୁଦ୍ଧବିରତି। ନା ଇରାନ ଆମେରିକାର ସର୍ତ୍ତ ମାନିବ ନା ଆମେରିକା ଇରାନର। ଏଭଳି ଅନିଶ୍ଚିତ ସ୍ଥିତିରେ ଯୁଦ୍ଧରେ ବିରାମ ପଡ଼ିବ ନା ପୁଣି ଚାଲିବ ତାହା ସମସ୍ତଙ୍କ ପାଇଁ ମୁଣ୍ଡବ୍ୟଥାର କାରଣ ପାଲଟିଛି। ସର୍ତ୍ତମୂଳକ ଯୁଦ୍ଧବିରତି ପ୍ରସ୍ତାବ ଏବଂ ପ୍ରତିପ୍ରସ୍ତାବ ପରେ ମଧ ପକ୍ଷ ଓ ପ୍ରତିପକ୍ଷ ଚୁପ ବସିନାହାନ୍ତି। ଆମେରିକା ହର୍ମୁଜ ପ୍ରଣାଳୀ ଓ ଖାର୍ଗ ଦ୍ୱୀପ ଦଖଲ କରିବାର ଯୋଜନା ପ୍ରସ୍ତୁତ କରୁଛି। ଇରାନ ଆମେରିକାର ଆକ୍ରମଣକୁ କିପରି ପ୍ରତିହତ ଓ ନିଷ୍ଫଳ କରିବ ସେଦିଗରେ ଆପ୍ରାଣ ଉଦ୍ୟମ ଜାରି ରଖିଛି। ଏପ୍ରକାର ଏକ ଘଡ଼ିସନ୍ଧି ଓ ଗୁରୁତ୍ୱପୂର୍ଣ୍ଣ ସମୟରେ ମଧ୍ୟ ପ୍ରାଚ୍ୟ ଯୁଦ୍ଧର ଅପଦାକୁ କିଛି ଦେଶ ଅବସର ରୂପେ ଚିନ୍ତା କରୁଛନ୍ତି। ବ୍ୟବହାର କରୁଛନ୍ତି। ଅଧିକ ଦିନ ଯୁଦ୍ଧ ଚାଲିଲେ ତାଙ୍କର ଆହୁରି ଅଧିକ ଲାଭ ହେବ ଭାବୁଛନ୍ତି। ଏପରି ଦେଶମାନଙ୍କ ମଧ୍ୟରେ ରୁଷିଆ ଓ ଇସ୍ରାଏଲ ସବୁଠୁ ଆଗରେ ଅଛନ୍ତି।



ଇରାନ ଓ ରୁଷିଆ ଆମେରିକାର ଶତୃ ରାଷ୍ଟ୍ର। ଶତୃର ଶତୃ ମିତ୍ର। ସେହି ନୀତିରେ ଇରାନ ଓ ରୁଷିଆ ପରସ୍ପର ମିତ୍ର ଦେଶ। ଅଧିକ ଦିନ ଧରି ଯୁଦ୍ଧ ଅବ୍ୟାହତ ରହିଲେ ଇରାନର କୋଠାବାଡି, କଳକାରଖାନା ଆଦି ବିଭିନ୍ନ ସଂରଚନା ଧ୍ୱଂସ ହେବ। ଧନଜୀବନ ନଷ୍ଟ ହେବ। ବିପୁଳ କ୍ଷୟକ୍ଷତି ଘଟିବ।ଇରାନ ସମେତ ସମଗ୍ର ବିଶ୍ୱରେ ଆର୍ଥିକ ମାନ୍ଦାବସ୍ଥା ସୃଷ୍ଟି ହେବ। ଲୋକେ ରୋଜଗାର ହରେଇବେ। ଭୋକଉପାସରେ ମରିବେ। ଅନ୍ୟ ଦେଶ ଅପେକ୍ଷା ଯୁଦ୍ଧ ଲଢୁଥିବା ଦେଶର ଅର୍ଥ ବ୍ୟବସ୍ଥା ବେଶୀ ପ୍ରଭାବିତ ହେବ। ଆର୍ଥିକ ମେରୁଦଣ୍ଡ ଅଧିକରୁ ଅଧିକ ଦୁର୍ବଳ ହେବାକୁ ଲାଗିବ। କିନ୍ତୁ ଶତୃ ହୁଅନ୍ତୁ କିମ୍ବା ମିତ୍ର ବିପଦ ସମୟରେ ସାଥୀରେ ରହିବେନାହିଁ। ଆପଦକୁ ଅବସର ଭାବିବେ। ନିଜ ସ୍ୱାର୍ଥ ଆଗେ ଦେଖିବେ। ମଉକା ଦେଖି ଚଉକା ମାରିବେ।

ଆମେରିକା ତେଲ, ଗ୍ୟାସ, ଦୁର୍ଲଭ ଖଣିଜ ସୁନା, ଡ଼ଲାର ଇତ୍ୟାଦି ପାଇଁ ବ୍ୟସ୍ତବିବ୍ରତ, ବ୍ୟାକୁଳ। ବିଶ୍ୱର ସର୍ବକାଳୀନ ସର୍ବଶ୍ରେଷ୍ଠ ସମୃଦ୍ଧଶାଳୀ ଓ ପରମାଣୁ ଶକ୍ତି ସମ୍ପନ୍ନ ଦେଶ ହେବା ପାଇଁ ଲାଳାୟିତ। ଅନ୍ୟ ଦେଶ ଉପରେ ବଳ ଓ ଚାପ ପ୍ରୟୋଗ କରି ନିଜ ଅଧୀନରେ ରଖିବାକୁ ତାକୁ ଭଲ ଲାଗେ। ସମ୍ପର୍କର ମୂଳକୁ ବ୍ୟବସାୟ ରୂପକ ତରାଜୁରେ ତଉଲେ। ଆତଙ୍କବାଦକୁ ସଂରକ୍ଷଣ ପ୍ରଦାନ କରୁଥିବା ପାକିସ୍ତାନ ଭଳି ରାଷ୍ଟ୍ର ତାର ପରମ ମିତ୍ର। ମାଧପ୍ରାଚ୍ୟ ଯୁଦ୍ଧ ବିରତି ପ୍ରସ୍ତାବ ପାଇଁ ସେ ପାକିସ୍ତାନକୁ ବିଶ୍ୱର ଯୋଗ୍ୟତମ ରାଷ୍ଟ୍ର ଭାବେ ଯଦିଓ ପାକିସ୍ତାନରୁ ପରମାଣୁ ଶକ୍ତି ପ୍ରସ୍ତୁତି ଆମେରିକା ପାଇଁ ବିପଜ୍ଜନକ ବୋଲି ଖୋଦ ଆମେରିକା କୁହେ, ବୟାନ ଦିଏ, ସ୍ୱୀକାର କରେ। ରୁଷ ଉପରେ ୨୬୦୦ ପ୍ରତବନ୍ଧ ଲାଗିଛି। ତୈଳ ଉତ୍ପାଦନରେ ସେ ବିଶ୍ୱର ଦ୍ୱିତୀୟ ବୃହତ୍ତମ ଦେଶ। ଯୁଦ୍ଧରେ ଇରାନ ହର୍ମୁଜ ପ୍ରଣାଳୀକୁ ଏକ ବଡ ଅସ୍ତ୍ର ଭାବେ ବ୍ୟବହୃତ କଲା।ଏହି ଜଳପଥ ଦେଇ ପୃଥିବୀର ୨୦% ଅଶୋଧିତ ତେଲ ଅନ୍ୟ ଦେଶମାନଙ୍କୁ ରପ୍ତାନି ହୋଇଥାଏ। ହର୍ମୁଜ ସାମୁଦ୍ରିକ ଜଳ ପଥ ଅବରୁଦ୍ଧ ହେବା ହେତୁ ଖାଡ଼ି ଦେଶରୁ ବିଶ୍ୱର ଅନ୍ୟ ପ୍ରାନ୍ତକୁ ତେଲ ଯୋଗାଣ ପ୍ରକ୍ରିୟା ବାଧିତ ହେଲା। କ୍ରୁଡ଼ ଅଏଲ ଆବଶ୍ୟକ କରୁଥିବା ଦେଶମାନଙ୍କୁ ପହ ଞ୍ଚିପାରିଲା ନାହିଁ। ଏହାର ପ୍ରଭାବ କେବଳ ତେଲ ନୁହେଁ, ତେଲରୁ ପ୍ରସ୍ତୁତ ହେଉଥିବା ସାମଗ୍ରୀ ଉପରେ ପଡିଲା। ରନ୍ଧନ ଗ୍ୟାସ, ପେଟ୍ରୋଲ, ଡିଜେଲ, ସାର, ପ୍ଲାଷ୍ଟିକ, ପିଚୁ ଉପରେ ପଡିଲା। ଉତ୍ପାଦନରେ ଅଧିକ ନିବେଶ ଲାଗିଲା। ମୁଦ୍ରାସ୍ଫିତି ଦେଖାଦେଲା। ବିଭିନ୍ନ ସାମଗ୍ରୀ, ଜିନିଷପତ୍ର, ବିମାନ ଉଡାଣ, ବିଦେଶ ଯାତ୍ରା ଇତ୍ୟାଦି ମହଙ୍ଗା ହେଲା। କିନ୍ତୁ ସେପଟେ ରୁଷିଆ ତେଲ ବିକ୍ରି କରି ମାଲାମାଲ ହେବାକୁ ଲାଗିଲା। ତେଲ ଓ ଗ୍ୟାସର ଚାହିଦା ବଢିଲା। ଯୁଦ୍ଧ ପୂର୍ବରୁ ରୁଷିଆ ଗୋଟିଏ ମାସରେ ୧.୧୨ ଲକ୍ଷ କୋଟି ଟଙ୍କାର ତେଲ ଓ ଗ୍ୟାସ ବିକ୍ରୟ କରୁଥିଲା। ଯୁଦ୍ଧ ପରେ ଏହା ବୃଦ୍ଧି ପାଇଁ ୨.୨୫ ଲକ୍ଷ କୋଟିରେ ପହ ଞ୍ଚିଲା। ବିକ୍ରୟ ହାର ଦୁଇଗୁଣ ବଢିଗଲା। ରୁଷିଆ ପ୍ରତିଦିନ ୭୧୪୬ କୋଟି ଟଙ୍କାର କ ଞ୍ଚା ତେଲ ଓ ଗ୍ୟାସ ବିକେ। ଚଳିତ ବର୍ଷ ସେ ୨୦.୫୪ ଲକ୍ଷ କୋଟିର ବ୍ୟବସାୟ କରି ୭.୮୯ ଲକ୍ଷ କୋଟି ଟଙ୍କାର ଅତିରିକ୍ତ ରାଜସ୍ୱ ରୋଜଗାର କରିଛି। ଆଉ ଛଅ ମାସ ପର୍ଯ୍ୟନ୍ତ ଯୁଦ୍ଧ ଚାଲିଲେ ରୁଷିଆ ତେଲ ଓ ଗ୍ୟାସରୁ ୧୮୮% ଅଧିକ ଆୟ କରିବ। ୩୬.୩୭ ଲକ୍ଷ କୋଟିର ରାଜସ୍ୱ ଆଦାୟ କରିବ। ଏପରି ସ୍ଥିତିରେ ରୁଷିଆ କାହିଁକି ଇଚ୍ଛା କରିବ ଯେ ମଧ୍ୟପ୍ରାଚ୍ୟ ଯୁଦ୍ଧ ସମାପ୍ତ ହେଉ ? ଜାଣିଜାଣି କଣ କିଏ କେବେ ନିଜ ଗୋଡ଼ରେ ଟାଙ୍ଗିଆ ଚୋଟ ମାରେ ?

ରୁଷିଆ ଭଳି ଇସ୍ରାଏଲ ମଧ୍ୟ ଇରାନ ଯୁଦ୍ଧ ଶୀଘ୍ର ସମାପ୍ତ ହେଉ ବୋଲି ଚାହିଁବନି। ଲେବାନନ ଓ ଇସ୍ରାଏଲ ପଡୋଶୀ ରାଷ୍ଟ୍ର। ଲେବାନାନରେ ହିଜବୁଲ୍ଲାହ ନାମକ ଏକ ବିଦ୍ରୋହୀ ସଂଗଠନ ଖୁବ୍ ସକ୍ରିୟ। ଏହି ସଂଗଠନ ଲେବାନନରେ ଇରାନର ପ୍ରକ୍ସି ଭଳି କାମ କରେ। ଇରାନ ଇସଲାମିକ ସରକାର ଦ୍ୱାରା ଏହି ସଂଗଠନ ପରିଚାଳିତ। ଇହୁଦି ବହୁଳ ଇସ୍ରାଏଲ ସିଆ ମୁସଲମାନ ବହୁଳ ଲେବାନନର ବଡ଼ ଶତୃ। ଦୁଇ ଦେଶ ମଧ୍ୟରେ ବହୁ ପୁରୁଣା ଦିନର ଶତ୍ରୁତା ରହିଛି। ସେମାନଙ୍କ ମଧ୍ୟରେ ଦୀର୍ଘ ଦିନ ଧରି ଯୁଦ୍ଧ ମଧ୍ୟ ଲାଗିଛି। ଏହି ଯୁଦ୍ଧରେ ଇରାନର ପ୍ରକ୍ସି ହିଜବୁଲ୍ଲାହର ଗୁରୁତ୍ୱପୂର୍ଣ୍ଣ ଭୂମିକା ରୁହେ। ଇରାନ ତାଙ୍କୁ ସମର୍ଥନ କରେ। ଆର୍ଥିକ ସହାୟତା ପ୍ରଦାନ କରେ। ଆଇଆରଜିସି ଜବାନ ତାଙ୍କୁ ସୈନ୍ୟ ତାଲିମ ଦିଅନ୍ତି। ହିଜବୁଲ୍ଲାହ ଆତଙ୍କୀ ସଂଗଠନ ଯୋଗୁଁ ଇସ୍ରାଏଲ ଏବେ ମଧ୍ୟ ଚିନ୍ତିତ। ୧୯୮୦ ଦଶକରେ ସିଆ ମୁସଲମାନ ଆତଙ୍କୀ ସଂଗଠନ ଓ ଇହୁଦିଙ୍କ ମଧ୍ୟରେ ଖୁବ୍ ଜୋର ଲଢେଇ ହୋଇଥିଲା ଏବଂ ହିଜବୁଲ୍ଲାହ ଲେବାନନ ପାଇଁ ହିରୋ ପାଲଟିଯାଇଥିଲା। ୨୦୦୬ ମସିହା ଇସ୍ରାଏଲ - ଲେବାନନ ଯୁଦ୍ଧ ପରେ ସେଠାରେ ଜାତିସଙ୍ଘର ୧୭୦୧ ରିଜୋଲ୍ୟୁସନ ଲାଗୁ କରାଯାଇଅଛି। କିନ୍ତୁ ତାହା ପୂର୍ଣ୍ଣତଃ କାର୍ଯ୍ୟକାରୀ ହୋଇପାରିନାହିଁ। ୨୦୨୪ ମସିହାରେ ଆମେରିକା ଓ ଫ୍ରାନ୍ସର ମଧ୍ୟସ୍ଥତାରେ ଲେବାନନ - ଇସ୍ରାଏଲ ମଧ୍ୟରେ ଯୁଦ୍ଧବିରତି ହୋଇଥିଲା। ହିଜବୁଲ୍ଲାହ ଆତଙ୍କୀ ସଂଗଠନ ନିକଟରୁ ସମସ୍ତ ଅସ୍ତ୍ରଶସ୍ତ୍ର ଲେବାନନ ସରକାର ନିଜ ହାତକୁ ନେବା ନିଷ୍ପତ୍ତି ମଧ୍ୟ ହୋଇଥିଲା। ଲେବାନନ ସରକାର ମଧ୍ୟ ଚାହୁଁଥିଲା ହିଜବୁଲ୍ଲାହକୁ ନିଜ ନିୟନ୍ତ୍ରଣରେ ରଖିବାକୁ। ଇଚ୍ଛା ତ ଥିଲା କିନ୍ତୁ କ୍ଷମତା ନଥିଲା। କାରଣ ହିଜବୁଲ୍ଲାହ କେବଳ ଏକ ବିଦ୍ରୋହୀ ସଂଗଠନ ନଥିଲା। ଲେବାନନର ରାଜନୀତିରେ ମଧ୍ୟ ଏହାର ଦବଦବା ଥିଲା। ଆତଙ୍କୀ ସଂଗଠନ ହେବା ସତ୍ତ୍ୱେ ୧୯୯୨ ମସିହା ନିର୍ବାଚନରେ ଏହି ସଂଗଠନ ଲେବାନନ ସଂସଦର ଆଠଟି ସିଟ ଦଖଲ କରିବାରେ ସମର୍ଥ ହୋଇଥିଲା। ତାଙ୍କ ପ୍ରତି ଜନସମର୍ଥନ ମଧ୍ୟ ଥିଲା। ଧିରେ ଧିରେ ସେମାନେ ସ୍କୁଲ, କଲେଜ, ହସ୍ପିଟାଲ ଇତ୍ୟାଦି ସ୍ଥାପନ କରି ଅଧିକ ମାତ୍ରାରେ ସାଧାରଣ ଲୋକଙ୍କ ବିଶ୍ୱାସଭାଜନ ହେବାକୁ ଲାଗିଲେ।

ବର୍ତ୍ତମାନ ଇରାନ ସମର୍ଥିତ ହିଜବୁଲ୍ଲାହ ଇସ୍ରାଏଲ ବିରୁଦ୍ଧରେ ଛଦ୍ମ ଯୁଦ୍ଧ ଜାରି ରଖିଛି। ଇରାନର ନିର୍ଦ୍ଦେଶ ମୁତାବକ କାମ କରୁଛି। ଲେବାନନ ଉପରେ ଇସ୍ରାଏଲ ଭୀଷଣ ହମଲା କରୁଛି। ଏହି ଯୁଦ୍ଧରେ ଲେବାନନର ୧୦୦୦ ଲୋକ ମଲେଣି। ୧୦,୦୦୦ ରୁ ଅଧିକ ବିସ୍ଥାପିତ। ଏପରିକି ଇସ୍ରାଏଲର ଘାତକ ହମଲା ଯୋଗୁଁ ଲେବାନନ ଇରାନର ରାଜଦୂତଙ୍କୁ ଦେଶ ଛାଡିବାକୁ କହିଛି। ଏବେ ହିଜବୁଲ୍ଲାହର ଲେବାନନ ସଂସଦରେ ୧୩ ଜଣ ସାଂସଦ ଅଛନ୍ତି। ଇରାନ ଯୁଦ୍ଧକୁ ଇସ୍ରାଏଲ ଏକ ଅବସର ରୂପେ ଦେଖୁଛି। ଯୁଦ୍ଧ ଆଳରେ ଲେବାନନ ଉପରେ ସାଂଘାତିକ ଆକ୍ରମଣ କରି ହିଜବୁଲ୍ଲାହ ବିଦ୍ରୋହୀ ସଂଗଠନର ମୁଳୋତ୍ପାଟନ କରିବାକୁ ଚାହୁଁଛି। ଦକ୍ଷିଣ ଲେବାନନ ହିଜବୁଲ୍ଲାହ ସଂଗଠନର ଗଡ଼। ତାଙ୍କ ନିୟନ୍ତ୍ରଣରେ। ତେଣୁ ଇସ୍ରାଏଲ ଦକ୍ଷିଣୀ ଲେବାନନ କବଜା କରି ୩୦ କିଲୋମିଟର ଦୂର ଲିଦାନି ନଦୀ ପର୍ଯ୍ୟନ୍ତ ବଫର ଜୋନ ନିର୍ମାଣ କରିବା ଯୋଜନାରେ ରହିଛି। ବଫର ଜୋନ ନିର୍ମିତ ହୋଇଗଲେ ସେହି କ୍ଷେତ୍ରରେ ବିଦ୍ରୋହୀ ସଂଗଠନର ନିୟନ୍ତ୍ରଣ ରହିବନାହିଁ। କେବଳ ସରକାରୀ ଅଧିକାରୀ ସେହି କ୍ଷେତ୍ରରେ ଅସ୍ତ୍ରଶସ୍ତ୍ର ରଖିପାରିବେ। ଇସ୍ରାଏଲ ଉପରେ ହିଜବୁଲ୍ଲାହ ହମଲା ସମ୍ପୂର୍ଣ୍ଣ ବନ୍ଦ ହୋଇଯିବ। ଅପିତୁ ହିଜବୁଲ୍ଲାହ ସଂଗଠନର ରାଜନୈତିକ ସକ୍ରିୟତା ଇସ୍ରାଏଲର ଏହି ସ୍ୱପ୍ନକୁ ସାକାର କରିବାରେ ପାହାଡ଼ ଭଳି ପ୍ରତିବନ୍ଧକ ସୃଷ୍ଟି କରିପାରେ। ତେବେ ଇସ୍ରାଏଲ ତାର ସ୍ୱାର୍ଥ ପୂରଣ ସକାଶେ ଇରାନ ଯୁଦ୍ଧକୁ ଶୀଘ୍ର ସମାପ୍ତ କରିବାକୁ ଚାହିଁବନି। ମଧ୍ୟପ୍ରାଚ୍ୟ ଯୁଦ୍ଧ ଆପଦରେ ଅବସର ଖୋଜୁଛନ୍ତି ରୁଷିଆ ଓ ଇସ୍ରାଏଲ।

ପ୍ରାକ୍ତନ ଜିଲ୍ଲା ଶିକ୍ଷା ଅଧିକାରୀ, ସମ୍ବଲପୁର
୭୯୭୮୨ ୮୩୧୯୦

# ମଧ୍ୟପ୍ରାଚ୍ୟ ସଂଗ୍ରାମ ପରିପ୍ରେକ୍ଷୀରେ ଭାରତର ଶକ୍ତି ସଙ୍କଟ

**ଡାକ୍ତର ରାଜକିଶୋର ପଣ୍ଡା**

ଗଣମାଧ୍ୟମରୁ ଏବେ ଏକ ଖବର ଜାଣିବାକୁ ମିଳିଲା କି ଭୁବନେଶ୍ୱରର ସଂଭ୍ରାନ୍ତ ଅଞ୍ଚଳ ଭାବେ ଜଣାଶୁଣା ପଟିଆରେ ରନ୍ଧନ ଗ୍ୟାସ୍‌ର ଅଭାବରୁ ଅଧିକାଂଶ ହୋଟେଲ ବନ୍ଦ ହୋଇଯାଇଛି, ଯେଉଁଠି ବା ଖୋଲା ଅଛି ଖାଦ୍ୟ ଦରରେ ଅହେତୁକ ବୃଦ୍ଧି ଘଟିଛି। ଆମେରିକାର ଇରାନ ଉପରେ ଆକ୍ରମଣ କରିବା ପୂର୍ବରୁ କେହି ବି ଭାବିନଥିଲେ ଯେ, ଏହି ଯୁଦ୍ଧର ନିଆଁ ଏତେ ଶୀଘ୍ର ବିଶ୍ୱର ଏତେ ବ୍ୟାପକ ଅଞ୍ଚଳକୁ ବ୍ୟାପୀ ଯିବ ବୋଲି। ବର୍ତ୍ତମାନ ୟୁରୋପଠାରୁ ଆରମ୍ଭ କରି ଏସିଆ ପର୍ଯ୍ୟନ୍ତ ଏହି ନିଆଁରେ ଦହଗଞ୍ଜ ହେଉଛନ୍ତି। କେଉଁଠି ଗ୍ୟାସର ସଙ୍କଟ ତ ଆଉ କେଉଁଠାରେ ତୈଳ ଅଭାବ ଓ ଦରବୃଦ୍ଧି ଲୋକଙ୍କୁ ଭୀତତ୍ରସ୍ତ କରିସାରିଲାଣି। ଭାରତ ପାଇଁ ଏହା ମହାବିପଦ ସୃଷ୍ଟି କରିଛି। କାରଣ ହେଉଛି ଷ୍ଟ୍ରେଟ୍ ଅଫ୍ ହୋରମୁଜ୍‌ର ଅବରୋଧ। ଯଦିଓ ତୈଳ ଓ ଗ୍ୟାସ ବହନକାରୀ ଭାରତୀୟ ଜାହାଜକୁ ଉପରୋକ୍ତ ଜଳପଥ ଦେଇ ଯିବା ପାଇଁ ଇରାନ ଅନୁମତି ଦେଇଛି, ଏହା ସତ୍ତ୍ୱେ କିନ୍ତୁ ପୂର୍ବ ପରି ସାବଲୀଳ ଗମନାଗମନର ଅଭାବରୁ ବର୍ତ୍ତମାନ ଦେଶରେ ତୈଳ ଓ ଗ୍ୟାସର ମୂଲ୍ୟ ବୃଦ୍ଧି ପରିଲକ୍ଷିତ ହୋଇଅଛି। ଷ୍ଟ୍ରେଟ୍ ଅଫ୍ ହୋରମୁଜ୍‌କୁ ବିଶ୍ୱର ଶକ୍ତି ବ୍ୟବସ୍ଥାର ଜୀବନରେଖା କହିଲେ ମଧ୍ୟ ଅତ୍ୟୁକ୍ତି ହେବ ନାହିଁ। ଏହା ଦେଇ ପ୍ରତ୍ୟେକ ଦିନ ଏକକୋଟି ଚାଳିଶଲକ୍ଷ ବ୍ୟାରେଲ୍ ଅଶୋଧିତ ତୈଳ ଓ ଅଣତିରିଶ କୋଟି ଘନମିଟର ତରଳ ପ୍ରାକୃତିକ ଗ୍ୟାସ (ଏଲ୍.ଏନ.ଜି) ର ରପ୍ତାନୀ କରାଯାଇଥାଏ। ତେଣୁ ହୋରମୁଜ୍ ଦୀର୍ଘ ସମୟ ପାଇଁ ବାଧାପ୍ରାପ୍ତ ରହିଲେ ସମଗ୍ର ବିଶ୍ୱ ତୈଳ ଓ ଗ୍ୟାସ୍ ସଙ୍କଟ ମଧ୍ୟକୁ ଠେଲି ହୋଇଯିବ, ଏଥିରେ ସନ୍ଦେହ ନାହିଁ। ତେବେ ଆମର ଏହି ପ୍ରବନ୍ଧର ଲକ୍ଷ୍ୟ ହେଉଛି ଭାରତରେ ଏଲ୍.ପି.ଜି.ର ଆବଶ୍ୟକତାକୁ ପୁଙ୍ଖାନୁପୁଙ୍ଖ ଭାବେ ଆଲୋଚନା କରିବା। ଇତିମଧ୍ୟରେ ସରକାର ଦେଶର ଜନସାଧାରଣଙ୍କୁ ନିର୍ଦ୍ଦେଶ ଦେଇଛନ୍ତି, ଯେଉଁଠାରେ ବ୍ୟବସ୍ଥା ଅଛି ସେଠାରେ ସିଲିଣ୍ଡର ମାଧ୍ୟମରୁ ପି.ଏନ.ଜି ମାଧ୍ୟମକୁ ରନ୍ଧନଗ୍ୟାସ୍‌ର ପରିବର୍ତ୍ତନ କରାଯାଉ। ଏହି ଏଲ.ପି.ଜି, ଏଲ.ଏନ.ଜି ଓ ପି.ଏନ.ଜି ଭଳି ନାମକରଣଦ୍ୱାରା ଦେଶର ସାଧାରଣ ଜନତା ସନ୍ଦେହର ଘେରରେ ପଡୁଛନ୍ତି। ସେଗୁଡ଼ିକୁ ସରଳ ଭାବରେ ବୁଝାଇବା ମଧ୍ୟ ଆମର ଏହି ନିବନ୍ଧଟିର ଆଲୋଚ୍ୟ।

ପ୍ରଥମେ ଆସିବା ଏଲ.ଏନ.ଜି କୁ। ଏହାର ପୂରା ନାମ ଲିକ୍ୟୁଇଫାଇଡ୍ ନାଚୁରାଲ୍ ଗ୍ୟାସ୍। ମୁଖ୍ୟତଃ ଏହା ହେଉଛି ମିଥେନ୍। ମିଥେନ୍‌ର ରାସାୟନିକ ସଙ୍କେତ ଉଐ୪। ଏଲ.ଏନ.ଜି ହିଁ ପ୍ରାକୃତିକ ଗ୍ୟାସ ଅଟେ। ଏହାକୁ ଅତ୍ୟନ୍ତ ନିମ୍ନ ତାପମାତ୍ରାରେ (-୧୬୦୦ ଉ ତଳକୁ) ଶୀତଳୀକରଣ କରାଯାଇଥାଏ। ଏପରି କରିବାଦ୍ୱାରା ଏହା ତରଳ ପଦାର୍ଥରେ ପରିଣତ ହୋଇଥାଏ ଓ ସହଜରେ ଏହାକୁ ଦୂର ସ୍ଥାନକୁ ନିଆଯାଇ ପାରିଥାଏ। ସୂଚନାଯୋଗ୍ୟ ଗ୍ୟାସ୍ ପାଇପ୍ ଲାଇନର ବ୍ୟବସ୍ଥା ଥିଲେ ଏଲ.ଏନ.ଜି କୁ ପି.ଏନ.ଜି (ପାଇପଡ୍ ନାଚୁରାଲ୍ ଗ୍ୟାସ୍)ରେ ମଧ୍ୟ ରୂପାନ୍ତରିତ କରାଯାଇପାରେ। ସାର, ପେଟ୍ରୋ କେମିକାଲ୍, ଇସ୍ପାତ ଓ ବିଦ୍ୟୁତ୍ ଉତ୍ପାଦନରେ ଏଲ.ଏନ.ଜି ର ଯଥେଷ୍ଟ ଆବଶ୍ୟକତା ରହିଅଛି। ଜାହାଜ ଇତ୍ୟାଦିରେ ଇନ୍ଧନ ଭାବେ ମଧ୍ୟ ଏଲ.ଏନ.ଜି କୁ ବ୍ୟବହାର କରାଯାଇଥାଏ।

ବେଳେବେଳେ ଆମ୍ଭେମାନେ ପେଟ୍ରୋଲ ଟାଙ୍କିମାନଙ୍କରେ ଦେଖିବାକୁ ପାଇଥାଉ ସି.ଏନ୍.ଜି (ଉଘଏ) ଲେଖା ହୋଇଥିବାର। ଉଭୟ ଏଲ.ଏନ.ଜି ଓ ସି.ଏନ.ଜି ମିଥେନ୍ କିନ୍ତୁ ଏଲ.ଏନ.ଜି କୁ -୧୬୨୦ଉ ରେ ଶୀତଳୀକରଣ କରାଯାଇ ତରଳୀକୃତ କରି ପ୍ରସ୍ତୁତ କରାଯାଇଥିବା ବେଳେ, ସି.ଏନ.ଜି କୁ ୨୦୦ - ୨୫୦ ବାର ମାତ୍ରାରେ ଚାପ ଦିଆଯାଇ ପ୍ରସ୍ତୁତ କରାଯାଇଥାଏ ଓ ସିଲିଣ୍ଡର ମାନଙ୍କରେ ରଖାଯାଇଥାଏ। ସି.ଏନ.ଜି ମୁଖ୍ୟତଃ ଆଜିକାଲି ଯାନବାହନ ମାନଙ୍କରେ ପେଟ୍ରୋଲର ବିକଳ୍ପ ଭାବେ ବ୍ୟବହୃତ ହେଉଛି। ଭାରତର ବର୍ତ୍ତମାନ ଶକ୍ତି ସଙ୍କଟ ମୁଖ୍ୟତଃ ଏଲ.ଏନ.ଜି ର ଆମଦାନୀରେ ଅସୁବିଧା ହେତୁ ହେଉଅଛି କାରଣ ଏଲ.ଏନ.ଜି କୁ ନ୍ୟାସ୍‌ନାଲ ଗ୍ରୀଡ୍‌ରେ ବାଷ୍ପୀକୃତ କରି ପି.ଏନ.ଜି ଓ ସି.ଏନ.ଜି ରେ ରୂପାନ୍ତରିତ କରାଯାଇଥାଏ। ଏବେ ଆସିବା ଏଲ.ପି.ଜି କୁ। ପୂରା ନାମ ଲିକ୍ୟୁଇଫାଇଡ୍ ପେଟ୍ରୋଲିୟମ୍ ଗ୍ୟାସ୍। ଏହା ହାଇଡ୍ରୋକାର୍ବନ୍ ଗ୍ୟାସ୍‌ଗୁଡ଼ିକର ଏକ ମିଶ୍ରଣ ଯେଉଁଥିରେ ପ୍ରମୁଖ ହେଉଛନ୍ତି ପ୍ରୋପେନ୍ ଓ ବ୍ୟୁଟେନ୍। ଅଶୋଧିତ ତୈଳ ଓ ପ୍ରାକୃତିକ ଗ୍ୟାସର ପ୍ରକ୍ରିୟାକରଣରେ, ଏଲ.ପି.ଜି ଗୋଟିଏ ଉପଜାତ ପଦାର୍ଥ। ମଧ୍ୟମ ଧରଣର ଚାପରେ ଏହା ତରଳୀକୃତ ହୋଇ ପାରୁଥିବାରୁ ଏହାକୁ ସିଲିଣ୍ଡର ମାଧ୍ୟମରେ ଅତି ସହଜରେ ନେବା ଆଣିବା କରାଯାଇପାରିଥାଏ। ଆମେ ରୋଷେଇ ଘରେ ବ୍ୟବହାର କରୁଥିବା ସିଲିଣ୍ଡରରେ, ଏଲ.ପି.ଜି ହିଁ ଥାଏ। ଏଲ.ଏନ.ଜି ଠାରୁ କିନ୍ତୁ ଏଲ.ପି.ଜି ଦହନଶୀଳତା ଦୃଷ୍ଟିରୁ ଅଧିକ ବିପଜ୍ଜନକ।

ଅଶୋଧିତ ତୈଳ ସକାଶେ ଭାରତ ରୁଷ୍ ଉପରେ ଭବିଷ୍ୟତରେ ସମ୍ପୂର୍ଣ୍ଣ ନିର୍ଭରଶୀଳ ହୋଇପାରିବ କିନ୍ତୁ ଏଲ.ପି.ଜି ଓ ଏଲ.ଏନ.ଜି ମୁଖ୍ୟତଃ ଆସୁଛି ମଧ୍ୟପ୍ରାଚ୍ୟରୁ ଯାହାକି ଏବେ ଯୁଦ୍ଧ ଜର୍ଜରିତ। ତେଣୁ ଏହି ପରିସ୍ଥିତିରେ ଭାରତର ଚଉବନ ପ୍ରତିଶତ ଏଲ.ପି.ଜି ଓ ତିରିଶ ପ୍ରତିଶତ ଏଲ.ଏନ.ଜି ଆମଦାନୀରେ ବାଧା ସୃଷ୍ଟି ହୋଇଛି।

୨୦୨୫ ରେ କେନ୍ଦ୍ର ସରକାର, ଦେଶର ତିନି ରାଷ୍ଟ୍ରାୟତ୍ତ ଉଦ୍ୟୋଗ ଇଣ୍ଡିଆନ ଅଏଲ କର୍ପୋରେସନ, ଭାରତ ପେଟ୍ରୋଲିୟମ ଓ ହିନ୍ଦୁସ୍ଥାନ ପେଟ୍ରୋଲିୟମକୁ ତିରିଶହଜାର କୋଟି ଟଙ୍କା ସବ୍‌ସିଡି ଦେଇଛନ୍ତି, ସେମାନଙ୍କର କ୍ଷତିକୁ ଭରଣା କରିବା ସକାଶେ ଯାହାକି ଶସ୍ତାରେ ଏଲ.ପି.ଜି ଯୋଗାଇବା ହେତୁ ହୋଇଛି। ଗତ ମାର୍ଚ୍ଚ ସାତ ତାରିଖରେ ଘରୋଇ ଏଲ.ପି.ଜି ର ମୂଲ୍ୟ ସିଲିଣ୍ଡର ପିଛା ଷାଠିଏ ଟଙ୍କା ବୃଦ୍ଧି ପାଇଛି। ଏ ମଧ୍ୟରେ ଅଶୋଧିତ ତୈଳର ମୂଲ୍ୟ ବ୍ୟାରେଲ୍ ପିଛା ୧୨୦ ଡଲାର ହୋଇଛି ଯାହାକି ୨୦୨୨ ରେ ୟୁକ୍ରେନ୍ ଯୁଦ୍ଧ ପରେ ପ୍ରଥମ। ମାର୍ଚ୍ଚ ୯ ତାରିଖରେ ପେଟ୍ରୋଲିୟମ ମନ୍ତ୍ରାଳୟ ଦେଶର ତୈଳ ବିଶୋଧନକାରୀ କମ୍ପାନୀମାନଙ୍କ ପାଇଁ ଏକ ନିର୍ଦ୍ଦେଶନାମା ଜାରି କରିଛନ୍ତି। ଏହି ନିର୍ଦ୍ଦେଶନାମା ମୁତାବକ କମ୍ପାନୀମାନେ ଅଧିକରୁ ଅଧିକ ଏଲ.ପି.ଜି ର ଉତ୍ପାଦନ କରନ୍ତୁ ଓ ଏହାକୁ ଉପରୋକ୍ତ ତିନୋଟି ରାଷ୍ଟ୍ରାୟତ୍ତ ଉଦ୍ୟୋଗଙ୍କୁ ଯୋଗାଇ ଦିଅନ୍ତୁ, ଜନତାଙ୍କର ଘରୋଇ ବ୍ୟବହାର ନିମନ୍ତେ। ଏଲ.ପି.ଜି ଛଡ଼ା ଅନ୍ୟ କୌଣସି ପେଟ୍ରୋକେମିକାଲ୍ ଦ୍ରବ୍ୟର ଉତ୍ପାଦନ କରିବା ପାଇଁ ମଧ୍ୟ କମ୍ପାନୀମାନଙ୍କୁ ସରକାର ବାରଣ କରିଛନ୍ତି। ଭାରତ ଏହାର ସମ୍ପୂର୍ଣ୍ଣ ଆବଶ୍ୟକତାର ମାତ୍ର ଚାଳିଶ ପ୍ରତିଶତ ଏଲ.ପି.ଜି ହିଁ ଦେଶରେ ଉତ୍ପାଦନ କରିପାରୁଛି। ବାକି ଚାହିଦା ପୂରଣ ଦେଉଛି ମଧ୍ୟପ୍ରାଚ୍ୟରୁ ଯାହା ବର୍ତ୍ତମାନ ଅଶାନ୍ତ।

ଭାରତରେ ଏଲ.ପି.ଜି ର ବ୍ୟବହାରରେ ମଧ୍ୟ ଯଥେଷ୍ଟ ବୃଦ୍ଧି ହୋଇଛି କାରଣ ଜନସାଧାରଣ ସ୍ୱଚ୍ଛ ଇନ୍ଧନକୁ ବେଶି ପସନ୍ଦ କରୁଛନ୍ତି। ପେଟ୍ରୋଲିୟମ ମନ୍ତ୍ରାଳୟ ତରଫରୁ ପ୍ରକାଶିତ ରିପୋର୍ଟ ଅନୁଯାୟୀ ୨୦୧୫ ରୁ ୨୦୨୫ ମଧ୍ୟରେ ଘରୋଇ ଏଲ.ପି.ଜି ଗ୍ରାହକଙ୍କ ସଂଖ୍ୟା ୧୪୮୬ ଲକ୍ଷରୁ ୩୩୦୫ ଲକ୍ଷକୁ ବୃଦ୍ଧି ପାଇଛି, ଯାହାକି ଦଶବର୍ଷରେ ଏକଶହ କୋଡ଼ିଏ ପ୍ରତିଶତ। ଭାରତର ଏଲ.ପି.ଜି ଆମଦାନୀ ୨୦୨୦-୨୧ ରେ ୧୬.୪୮ ମିଲିଅନ୍ ମେଟ୍ରିକ୍ ଟନ୍‌ରୁ ୨୦୨୫-୨୬ ରେ ୧୮ ମିଲିଅନ ମେଟ୍ରିକ୍ ଟନ୍‌କୁ ବୃଦ୍ଧି ପାଇଛି। ଚିନ୍ତାଜନକ ଭାବେ ଭାରତକୁ ଏଲ.ପି.ଜି ରପ୍ତାନୀ କରୁଥିବା ଅଧିକାଂଶ ଦେଶ ମଧ୍ୟପ୍ରାଚ୍ୟ ଅନ୍ତର୍ଗତ। ସର୍ବବୃହତ୍ ରପ୍ତାନୀକାରୀ ଦେଶ ୨୦୨୫ ରେ ହେଉଛି କାତାର (୩୪%)। ଏହା ପଛରେ ଅଛନ୍ତି ୟୁଏଇ (୨୬%), କୁଏତ୍ (୮.୩%)। ସେହିପରି ଭାବରେ ଏଲ.ଏନ.ଜି ଚାହିଦାର ଅଧା କାତାରରୁ ହିଁ ପୂରଣ ହୋଇଥାଏ। ୨୦୧୧-୧୨ ଭାରତକୁ ଆମଦାନୀ ହେଉଥିବା ଏଲ.ଏନ.ଜି ର ପରିମାଣ ଥିଲା ୧୩.୫ ମିଲିଅନ ମେଟ୍ରିକ ଟନ୍ ଯାହାକି ୨୦୨୪-୨୫ ରେ ଦୁଇଗୁଣା ହୋଇ ୨୭ ମିଲିଅନ ମେଟ୍ରିକ୍ ଟନ୍‌ରେ ପହଞ୍ଚିଛି। ତେଣୁ ହୋରମୁଜ୍ ଜଳପଥ ବାଧାପ୍ରାପ୍ତ ହେବା ଦେଶରେ ଏଲ.ପି.ଜି ଓ ଏଲ.ଏନ.ଜି ର ଅଭାବକୁ ଉଜ୍ଜୀବିତ କରିଛି। ଇତିମଧ୍ୟରେ ଖବର ଆସି ପହଞ୍ଚିଛି କି ହୋରମୁଜ୍‌କୁ ଜଗୁଥିବା ଆଇ.ଆର.ଜି.ସି ନାଭାଲ୍ କମାଣ୍ଡର "ଆଲିରେଜା ଟାଙ୍ଗ୍‌ସିରି" ଇସ୍ରାଏଲ ଆକ୍ରମଣରେ ମୃତ୍ୟୁବରଣ କରିଛନ୍ତି।

ଶେଷରେ ଆମେ ଆସିବା ପି.ଏନ.ଜି କୁ। ଏହି ବ୍ୟବସ୍ଥାଟିର ଗଠନ ଭିନ୍ନ ପ୍ରକାରର ଅଟେ। ପ୍ରାକୃତିକ ଗ୍ୟାସକୁ ଏଲ.ଏନ.ଜି ରେ ରୂପାନ୍ତରିତ କରାଯାଇ ସମୁଦ୍ର ମାର୍ଗରେ ନିଆଯାଇଥାଏ। ଭାରତରେ କିଛି ନିର୍ଦ୍ଦିଷ୍ଟ ଗ୍ୟାସ୍ ଟର୍ମିନାଲ୍‌ରେ ଏହି ତରଳ ପଦାର୍ଥକୁ ପୁଣି ଗ୍ୟାସ୍‌ରେ ପରିବର୍ତ୍ତିତ କରାଯାଇ, ନ୍ୟାସ୍‌ନାଲ ଗ୍ରୀଡ୍ ଯୋଗେଁ ଉପଭୋକ୍ତାମାନଙ୍କୁ ପାଇପ ଲାଇନ ମାଧ୍ୟମରେ ଯୋଗାଇ ଦିଆଯାଇଥାଏ। ଏହି ଗ୍ୟାସ ପାଇପଲାଇନ୍ ବିଛାଇବା କେନ୍ଦ୍ର ସରକାରଙ୍କର ଗୋଟିଏ ସଂସ୍ଥାର ତଦାରଖରେ କରାଯାଉଛି। ତାହା ହେଉଛି - ପେଟ୍ରୋଲିୟମ ଓ ପ୍ରାକୃତିକ ଗ୍ୟାସ୍ ନିୟନ୍ତ୍ରଣ ବୋର୍ଡ଼ (ପି.ଏନ.ଜି.ଆର.ବି)। ସୁରକ୍ଷା ଦୃଷ୍ଟିରୁ ଦେଖିଲେ ଯେହେତୁ ପି.ଏନ.ଜି ହାଲୁକା, କୌଣସି ଲିକ୍ ହେଲେ ଏହା ସହଜରେ ଖେଳାଇ ହୋଇଯାଇଥାଏ ଓ ଦୁର୍ଘଟଣାର ସମ୍ଭାବନା କମିଯାଇଥାଏ। ଅନ୍ୟ ପକ୍ଷରେ ଏଲ.ପି.ଜି ଓଜନିଆ ହୋଇଥିବାରୁ ପରିବେଶରେ ଜମା ହୋଇ ରହିଥାଏ ଓ ଦୁର୍ଘଟଣାର ଆଶଙ୍କା ଥାଏ।

ଆର୍ଥିକ ଦୃଷ୍ଟିରୁ ଦେଖିଲେ ଏଲ.ପି.ଜି ଠାରୁ ପି.ଏନ.ଜି ଶସ୍ତା, କାରଣ ଏଥିରେ ବିଦ୍ୟୁତ୍ ବିଲ୍ ଭଳି ଦେୟ ଦେବାପାଇଁ ହୋଇଥାଏ, କୌଣସି ଡିଲରକୁ ମୂଲ୍ୟ ଦେବା ପାଇଁ ପଡ଼ିନଥାଏ ଏବଂ ସର୍ବଶେଷରେ ଚୋରିର ମଧ୍ୟ ଭୟ ନଥାଏ। ଏଲ.ପି.ଜି କିନ୍ତୁ ଗାଁ ଠାରୁ ସହର ପର୍ଯ୍ୟନ୍ତ ସବୁଠାରେ ସହଜରେ ଉପଲବ୍ଧ ହୋଇଥାଏ। ପି.ଏନ.ଜି ପାଇଁ ପାଇପ୍‌ଲାଇନ ବ୍ୟବସ୍ଥା ଆବଶ୍ୟକ ହୋଇଥାଏ। ସରକାର ବର୍ତ୍ତମାନ ଗ୍ୟାସ୍ ପାଇପ୍‌ଲାଇନ ବିଛାଇବା କାମ ଦ୍ରୁତଗତିରେ କରୁଛନ୍ତି। ଯେଉଁଠାରେ ପି.ଏନ.ଜି ର ଭିତ୍ତିଭୂମି ଅଛି ସେଠାରେ ଗ୍ରାହକମାନଙ୍କୁ ଏଲ.ପି.ଜି ରୁ ପି.ଏନ.ଜି କୁ ପରିବର୍ତ୍ତିତ କରିବା ପାଇଁ ସରକାରଙ୍କ ତରଫରୁ ନିର୍ଦ୍ଦେଶ ଦିଆଯାଇଛି। ଏହା ନ କଲେ ନିର୍ଦ୍ଦେଶର ତିନିମାସ ପରେ ସଂପୃକ୍ତ ଗ୍ରାହକଙ୍କୁ ଏଲ.ପି.ଜି ମଧ୍ୟ ଯୋଗାଇ ଦିଆଯିବନାହିଁ ବୋଲି ମାର୍ଚ୍ଚ ୨୪ ରେ ପେଟ୍ରୋଲିୟମ ମନ୍ତ୍ରାଳୟର ନିର୍ଦ୍ଦେଶନାମାରେ ସ୍ପଷ୍ଟ ଉଲ୍ଲେଖ ରହିଛି।

ଟ୍ରମ୍ପ ଏପ୍ରିଲ୍ ୬ ପର୍ଯ୍ୟନ୍ତ ଯୁଦ୍ଧବିରତି ଘୋଷଣା କରିଛନ୍ତି। ଏହା ସତ୍ତ୍ୱେ କିନ୍ତୁ ଆକ୍ରମଣ ଚାଲିଛି। ଲାଗୁଛି ଏ ଯୁଦ୍ଧ ଲମ୍ବା ସମୟ ପର୍ଯ୍ୟନ୍ତ ଯିବ। ଭାରତ ଶକ୍ତି କ୍ଷେତ୍ରରେ ପର୍ଯ୍ୟାୟକ୍ରମେ ନିଜକୁ ସ୍ୱାବଲମ୍ବୀ କରୁ ଓ ବାୟୋଗ୍ୟାସ୍‌କୁ ପ୍ରାଧାନ୍ୟ ଦେଉ।

ଓଡ଼ିଶା ସ୍ୱାସ୍ଥ୍ୟ ସେବା
ଭୁବନେଶ୍ୱର
ମୋବାଇଲ ନଂ- ୮୧୪୪୦୪୨୯୯୭

# ଗୋଚର ଓ ପତିତ ଜମିକୁ ହଡ଼ପ ପାଇଁ ଚକ୍ରାନ୍ତ

- ଘରୋଇ ଶିକ୍ଷାନୁଷ୍ଠାନ ନାମରେ ଏକର ଏକର ସରକାରୀ ଜମି ମାଡ଼ିବସିଛନ୍ତି ଜବରଦଖଲକାରୀ
- ପ୍ରଶାସନିକ ଅଧିକାରୀଙ୍କ ଉପରେ ଚାପ ପ୍ରୟୋଗ ପାଇଁ ସାମ୍ବାଦିକଙ୍କୁ କାର ସହିତ ଲକ୍ଷାଧିକ ଟଙ୍କା



ଖୋର୍ଦ୍ଧା, (ମହାଭାରତ): ସରକାରୀ ନିୟମ ଅନୁଯାୟୀ ଗୋଟିଏ ମୌଜାରେ ଯଦି ଏକ ହଜାର ଏକର ସମୁଦାୟ ଜମି ରହିଥାଏ, ତେବେ ଉକ୍ତ ମୌଜାରେ ଅତିକମରେ ୪୪ ଏକର ଗୋଚର ଜମି ରହିବା ବାଧ୍ୟତାମୂଳକ । କେବଳ ଆବଶ୍ୟକ ସ୍ଥଳରେ ରେଳବାଇ ଉନ୍ନତି ନଚେତ ସରକାରୀ ସ୍ତରରେ କୌଣସି ସାମୂହିକ ସ୍ୱାର୍ଥ ନିମନ୍ତେ ଗୋଚର ଜମି ବ୍ୟବହୃତ ଉପରେ ରାଜସ୍ୱ ବିଭାଗ ଅନୁମତି ଦେଉଥିଲା । ଆଜି ମଧ୍ୟ ରାଜସ୍ୱ ବିଭାଗରେ ଏ ନିୟମ କାଏମ ରହିଛି । ହେଲେ ବାସ୍ତବରେ ନିୟମ କେବଳ କାଗଜ ପତ୍ର ଭିତରେ ସୀମିତ ହୋଇ ରହିଯାଇଛି । ଯାହା ଫଳରେ ଜନସଂଖ୍ୟା ଦ୍ରୁତ ଗତିରେ ବଢ଼ିବାରେ ଲାଗିଥିବା ବେଳେ ଗୋଚର ଜମି ଅଭାବରୁ ଗୋ-ପାଳନକାରୀ ଓ ଗୋ-ସମ୍ପଦ ସଂଖ୍ୟା କମୁଛି ଓ ଗୋଚର ଜମି ଜବର ଦଖଲ ହେବାରେ ଲାଗିଛି । ତାର ପରିସଂଖ୍ୟାନକୁ ଭବିଷ୍ୟତରେ ଗୋ-ପାଳିତ ଜୀବଜନ୍ତୁ ଚାରଣ ନିମନ୍ତେ ଗୋଚର ଜମି ପାଇବା କଷ୍ଟକର ହୋଇପଡ଼ିବ । ଆଜି ମଧ୍ୟ ଗୋଚରଜମି ଅଭାବରୁ ବହୁ ଗୃହପାଳିତ ଜୀବଜନ୍ତୁ ଦୁର୍ଘଟଣାର ସମ୍ମୁଖୀନ ହେଉଛନ୍ତି । ଏକର ଏକର ଗୋଚର ଓ ପତିତ ଜମି ପ୍ରଶାସନ ଜ୍ଞାତ ସାରରେ କେତକ ଅସାଧୁ ଜମିମାଫିଆ ଓ ଅସାମାଜିକ ଲୋକଙ୍କ କବ୍‌ଜାରେ ରହିଛି । କିଛି ସ୍ଥାନରେ ମୁଷ୍ଟିମେୟ ନେତା, ବିଲଡର ଗୋଚର ଜମିକୁ ଦୀର୍ଘବର୍ଷ ଧରି ଭୋଗ ଦଖଲ କରି ଆସୁଥିବା ବେଳେ ଜବର ଦଖଲ ଗୋଚର ଜମି ଉପରେ ପକ୍କାଘର, ରାସ୍ତା, ଶିଳ୍ପ, ଅଟ୍ଟାଳିକା ନିର୍ମାଣ କରି ଏହାର ବେଶ ଫାଇଦା ଉଠାଉଛନ୍ତି । ଜିଲ୍ଲା ପ୍ରଶାସନ ସବୁ ଜାଣି ନ ଜାଣିବା ଭଳି ଅଭିନୟ କରୁଥିବା ବେଳେ ସାଧାରଣ ଲୋକଙ୍କଠାରୁ ଗୋ ପାଳିତ ଜୀବଜନ୍ତୁ ଚାରଣଜମି ଅଭାବରୁ ବେଶୀ ହଇରାଣ ହରକତ ହେଉଛନ୍ତି । ସେହିପରି ସବୁଜ ବିପ୍ଳବ ତୁଳନାରେ ଗୋଚର ଜମି ହାତେଇବାରେ ଜମି ମାଫିଆଙ୍କ ସଂଖ୍ୟା ବଢ଼ିବାରେ ଲାଗିବା ଦ୍ୱାରା ବେଳକୁ ବେଳ ପରିବେଶ ଉପରେ ଏହାର କୁପ୍ରଭାବ ପଡ଼ିବା ଦେଖାଯାଇଛି । ଗୋଚର ଜମି ଜବର ଦଖଲକୁ ନେଇ କେଉଁ ଠାରେ ଆଇନ ଶୃଙ୍ଖଳା ପରିସ୍ଥିତି ସୃଷ୍ଟି ହେଉଛି ତ ଆଉ କେଉଁ ଗ୍ରାମରେ ଜବର ଦଖଲକୁ ନେଇ ସ୍ଥାନୀୟ ଅଞ୍ଚଳରେ ଅସନ୍ତୋଷ ବଢ଼ିବାରେ ଲାଗିଛି । ଏହିଭଳି ଏକ ଅଭିଯୋଗ ଖୋର୍ଦ୍ଧା ତହସିଲ୍ ଅନ୍ତର୍ଗତ ବରସାହି ମୌଜା ଅଞ୍ଚଳରେ ହୋଇଛି । ଏଠାରେ ଜଣେ ପ୍ରଭାବଶାଳୀ ବ୍ୟକ୍ତି ନିଜକୁ ପ୍ରକୃତିପ୍ରେମୀ କହି ପ୍ରାୟ ତିନି ଏକରରୁ ଉର୍ଦ୍ଧ ଜବରଦଖଲ କରି ହଡପ କରିବାକୁ ଉଦ୍ୟମ କରୁଥିବା ନେଇ ଅଭିଯୋଗ ହୋଇଛି ।

ସୂଚନା ଅନୁସାରେ, ଖୋର୍ଦ୍ଧା ତହସିଲ୍ ଅନ୍ତର୍ଗତ ବରସାହି ମୌଜା ଅଞ୍ଚଳରେ ଥିବା ଖାତା ନଂ.୫୬୧ର ପ୍ଲଟ୍ ନଂ.୧୭୫୬, ପ୍ଲଟ୍ ନଂ.୧୭୩୨ ଓ ଖାତା ନଂ.୫୬୩ର ପ୍ଲଟ୍ ନଂ.୧୬୯୬ ଅଧୀନରେ ଥିବା ପ୍ରାୟ ତିନି ଏକରରୁ ଉର୍ଦ୍ଧ ସରକାରୀ ଜମିକୁ ଭୁବନେଶ୍ୱର ଅଞ୍ଚଳର ଏକ ଘରୋଇ ଶିକ୍ଷାନୁଷ୍ଠାନରେ କାର୍ଯ୍ୟରତ କର୍ମଚାରୀ ମହେନ୍ଦ୍ର ପ୍ରସାଦ ଜବରଦଖଲ କରିଛନ୍ତି । ଉକ୍ତ ଜମିରେ ବିଶାଳକାୟ ଫାର୍ମ ହାଉସ ତିଆରି କରିଥିବା ବେଳେ ନିଜକୁ ପ୍ରକୃତିପ୍ରେମୀ ବୋଲି କହି ସ୍ଥାନୀୟ ଅଞ୍ଚଳର କିଛି ଅସାମାଜିକ ଯୁବକଙ୍କୁ ହାତବାରିସ କରି ନିଜ ଅକ୍ତିଆରରେ ରଖିବା ସହ ଚାଷ ଜମିକୁ ଯିବା ପାଇଁ ସର୍ବସାଧାରଣ ରାସ୍ତାକୁ ମଧ୍ୟ ଅବରୋଧ କରିଥିବା ଅଭିଯୋଗ ହୋଇଛି । ଏପରିକି ଉକ୍ତ ଫାର୍ମ ହାଉସ ମଧ୍ୟରେ ଦୁଇଟି ଶିକାରୀ କୁକୁର ରଖାଯାଇ ପ୍ରତିବାଦ କରୁଥିବା ଲୋକଙ୍କୁ ଭୟଭୀତ କରାଯାଉଥିବା ଅଭିଯୋଗ ହୋଇଛି । ନିଜକୁ ଏକ ଘରୋଇ ଶିକ୍ଷାନୁଷ୍ଠାନ ସୋଆର ବରିଷ୍ଠ ଅଧିକାରୀ କହିବା ସହ ଅନୁଷ୍ଠାନ ନାଁରେ ଜମି କିଣା ହେଉଥିବା ଏବଂ ବିଭ୍ରାନ୍ତକର ମନ୍ତବ୍ୟ ଦେଇ ଲୋକଙ୍କୁ ଭୟଭୀତ କରାଉଛନ୍ତି । ଏହା ସହିତ ସ୍ଥାନୀୟ ଅଞ୍ଚଳର ଜନୈକ ସାମ୍ବାଦିକଙ୍କୁ ଏକ କାର ସହିତ ଲକ୍ଷାଧିକ ଟଙ୍କା ଦେଇ ପ୍ରଶାସନିକ ଅଧିକାରୀଙ୍କୁ ଜବରଦଖଲ ଉଚ୍ଛେଦ ନ କରିବା ପାଇଁ ଚାପ ପ୍ରୟୋଗ କରାଯାଉଛି ।

ତେବେ ଗ୍ରାମବାସୀଙ୍କ ବିରୋଧ ପରେ ଖୋର୍ଦ୍ଧା ତହସିଲଦାର ଗତ ୨୦ ଅଗଷ୍ଟ ୨୦୨୪ରେ ଏହି ବେଆଇନ୍ ଜବରଦଖଲକୁ ଉଚ୍ଛେଦ କରିବା ପାଇଁ ଫାର୍ମ ହାଉସ ମାଲିକ ମହେନ୍ଦ୍ରଙ୍କୁ ନୋଟିସ୍ କରିବା ସହ କିଛି ଜମି ଉଚ୍ଛେଦ କରିଥିଲେ । ଏହି ଉଚ୍ଛେଦକୁ ଚ୍ୟାଲେଞ୍ଜ କରି ମହେନ୍ଦ୍ର ପ୍ରସାଦଙ୍କ ପକ୍ଷରୁ ହାଇକୋର୍ଟରେ କରାଯାଇଥିବା ଆବେଦନ ପିଟିସନକୁ ଖାରଜ କରାଯାଇ ଖୋର୍ଦ୍ଧା ଉପ-ଜିଲ୍ଲାପାଳଙ୍କୁ ବିଦ୍ଧିବଦ୍ଧ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଗତ ୦୬ ସେପ୍ଟେମ୍ବର ୨୦୨୪ରେ ମାନ୍ୟବର ହାଇକୋର୍ଟଙ୍କ ନିର୍ଦ୍ଦେଶ ଜାରି କରିଥିଲେ । ପୁନର୍ବାର ସେ କୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ ମଧ୍ୟ ତାଙ୍କ ଆବେଦନକୁ ଖାରଜ କରାଯାଇ ସମୂହ ସ୍ୱାର୍ଥ ଦୃଷ୍ଟିରୁ ଗତ ଫେବୃୟାରୀ ୧୦ ତାରିଖରେ ମାନ୍ୟବର ଉଚ୍ଚ ନ୍ୟାୟାଳୟଙ୍କ ତରଫରୁ ଉପ-ଜିଲ୍ଲାପାଳଙ୍କୁ ତ୍ୱରିତ ଜବରଦଖଲ ଉଚ୍ଛେଦ କରିବାକୁ ନିର୍ଦ୍ଦେଶ ଦିଆଯାଇଛି । ମାତ୍ର ଉଚ୍ଚନ୍ୟାୟାଳଙ୍କ ନିର୍ଦ୍ଦେଶକୁ ଦୁଇ ମାସ ପୂରଣ ହେବାକୁ ବସିଥିବାବେଳେ ଉପ-ଜିଲ୍ଲାପାଳଙ୍କ ନୀରବତା ଓ ଶିଥିଳତା ସ୍ଥାନୀୟ ବୁଦ୍ଧିଜୀବୀ ମହଲରେ ଏକ ବଡ଼ ପ୍ରଶ୍ନବାଚୀ ସୃଷ୍ଟି କରିଛି । ଜବରଦଖଲ ଥିବା ସରକାରୀ ଜମିକୁ ଉଚ୍ଛେଦ କରି ବରସାହି ଅଞ୍ଚଳର ଚାଷୀଙ୍କୁ ତ୍ୱରିତ ନ୍ୟାୟ ପ୍ରଦାନ କରିବାକୁ ସାଧାରଣରେ ଦାବୀ ହେଉଛି ।

ଅନ୍ୟପକ୍ଷରେ ଏ ସମ୍ପର୍କରେ ଖୋର୍ଦ୍ଧା ତହସିଲଦାର ବିଭାସ ପାଣିଗ୍ରାହୀଙ୍କ କହିବା କଥା, ୨୦୨୪ରେ ଅଭିଯୋଗ ପରେ ଫାର୍ମହାଉସ ଜମି ମାପଚୁପ କରାଯାଇଥିଲା । ୪ଏକରରୁ ଉର୍ଦ୍ଧ ଜମି ଜବରଦଖଲ କରା ଯାଇଥିବା ଜଣାପଡିଥିଲା । ଉକ୍ତ ସମୟରେ ପ୍ରଶାସନ ପକ୍ଷରୁ ୪ଏକର ଜମି ଉଚ୍ଛେଦ କରାଯାଇଥିଲା । ଉଚ୍ଛେଦକୁ ଚ୍ୟାଲେଞ୍ଜ କରି ଫାର୍ମ ହାଉସ କର୍ତ୍ତୃପକ୍ଷ ଉଚ୍ଚ ନ୍ୟାୟାଳୟ ଦ୍ୱାରସ୍ଥ ହୋଇଥିଲେ । ତେବେ ଜବରଦଖଲରେ ଥିବା ଅବଶିଷ୍ଟ ଜମିକୁ ଶୀଘ୍ର ଉଚ୍ଛେଦ ପାଇଁ ଗତ ଫେବୃୟାରୀ ମାସରେ ନିର୍ଦ୍ଦେଶ ଆସିଛି । ଏନେଇ ଫାର୍ମ ହାଉସ ମାଲିକଙ୍କୁ ନୋଟିସ କରାଯାଇଛି । ଉଚ୍ଚ ନ୍ୟାୟାଳୟଙ୍କ ନିର୍ଦ୍ଦେଶ ମୁତାବକ ବାକିଥିବା ଜବରଦଖଲ ଜମିକୁ ଖୁବଶୀଘ୍ର ଉଚ୍ଛେଦ କରାଯିବ ।ଯେଉଁ ଜମିରେ ଗଛ ଲାଗିଛି ତାହାକୁ ପରିବେଶ ପାଇଁ ରଖାଯିବ ଏବଂ ଅବଶିଷ୍ଟ ଉଚ୍ଛେଦ ଜମି ଗୁଡିକୁ ଇଡକୋ କୁ ହସ୍ତାନ୍ତର କରାଯିବ ବୋଲି ତହସିଲଦାର ପାଣିଗ୍ରାହୀ କହିଛନ୍ତି । ଅପରପକ୍ଷରେ ଏନେଇ ସୋଆ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ପଚାରିବାରେ ମହେନ୍ଦ୍ର ପ୍ରସାଦ ତାଙ୍କର ବ୍ୟକ୍ତିଗତ ଫାର୍ମ ହାଉସ କରିଥାଇ ପାରନ୍ତି, ସେଥିରେ ଅନୁଷ୍ଠାନର କୌଣସି ସମ୍ପୃକ୍ତି ନାହିଁ ଏବଂ ଉକ୍ତ ମୌଜାରେ ଅନୁଷ୍ଠାନ ପକ୍ଷରୁ କୌଣସି ଜମି କିଣା ଯାଇନଥିବା ସେ ସୂଚନା ଦେଇଛନ୍ତି ।

## ଉଦଳା ଏନ୍‌ଏସିରେ ଲକ୍ଷ ଲକ୍ଷ ଟଙ୍କାର ଶୌଚାଳୟ ଖତ ଖାଉଛି

କପ୍ତିପଦା /ଉଦଳା, (ମହାଭାରତ) : ପାଣି ଭଳି ହୋଇଛି ଖର୍ଚ୍ଚ । ସ୍ଥାନୀୟ ବାସିନ୍ଦାଙ୍କ ଉଦ୍ଦେଶ୍ୟରେ ହୋଇଥିଲା ନିର୍ମାଣ । ହେଲେ ୫ ବର୍ଷରେ ୫ ଜଣ ମଧ୍ୟ କରି ନାହାନ୍ତି ବ୍ୟବହାର । ପାଇଖାନା ନିର୍ମାଣ ନାମରେ କେବଳ ଅର୍ଥ ହରିଲୁଟର ବାସ୍ତବତାକୁ ନେଇ ଦେଖନ୍ତୁ ଆମର ଏହି ରିପୋର୍ଟ ।ଆଜକୁ ୫ ବର୍ଷ ପୂର୍ବେ ହୋଇଥିଲା ନିର୍ମାଣ । ବାହାରେ କେହି ମଳତ୍ୟାଗ କରିବେ ନାହିଁ ଏବଂ ସ୍ଥାନୀୟ ଅଞ୍ଚଳ ବାସିନ୍ଦାଙ୍କୁ ଶୌଚାଳୟ ସୁବିଧା କରାଇବା ପାଇଁ ଲକ୍ଷ ଲକ୍ଷ ଟଙ୍କା ବିନିଯୋଗରେ ତିଆରି କରିଥିଲେ ଶୌଚାଳୟ । କିନ୍ତୁ ଥରୁଟିଏ ମଧ୍ୟ ହୋଇପାରିଲା ନାହିଁ ବ୍ୟବହାର । ଆମେ କହୁଛୁ ଉଦଳା ଏନଏସିର ବିଭିନ୍ନ ୱାର୍ଡରେ ନିର୍ମାଣ ହୋଇଥିବା ଗୋଷ୍ଠୀ ଶୌଚାଳୟ କଥା । ୨୦୧୯ ମସିହାରେ ଉଦଳା ଏନଏସି



ପକ୍ଷରୁ ଏନଏସିର ୧୧ ଏବଂ ୧୨ ନମ୍ବର ୱାର୍ଡରେ ଚାରି ଗୋଟି ଗୋଷ୍ଠୀ ଶୌଚାଳୟ ନିର୍ମାଣ କରାଯାଇଥିଲା । ହେଲେ ଆଜି ସେ ସବୁ ପାଲଟିଛି ଅସାମାଜିକ ଯୁବକଙ୍କ ଆଡ୍ଡାସ୍ଥଳୀ । କାରଣ ନିର୍ମାଣ ହେବା ଏବଂ ଉଦଘାଟନ ହେବା ପର ଠାରୁ ଏହି ଗୋଷ୍ଠୀ ଶୌଚାଳୟ ଗୁଡିକ ଥରଟିଏ ମଧ୍ୟ ବ୍ୟବହାର ହୋଇ ନାହିଁ । କାରଣ ଶୌଚାଳୟ ଗୃହ ନିର୍ମାଣ କରି ଦିଆ ଯିବା ପରେ ସେଠାରେ ପାଣି ଏବଂ ବିଜୁଳିର ବ୍ୟବସ୍ଥା କରାଯାଇ ନାହିଁ । ଅନ୍ୟ କେଉଁଠି ଶୌଚାଳୟ ଭିତରେ ପ୍ୟାନ ଓ ଅନ୍ୟ ସାମଗ୍ରୀ ଲାଗି ନାହିଁ । କେବଳ ସେତିକି ନୁହେଁ ଏହି ଶୌଚାଳୟ ମଧ୍ୟରୁ କିଛି ଶୌଚାଳୟରେ ନିମ୍ନ ମାନର ପାଇପ ଲଗାଇ ଦିଆ ଯିବା ସହିତ ପାଣି ଟାଙ୍କି ନ ବସାଇ ଲୁଟି ନିଆଯାଇଛି ଲକ୍ଷ ଲକ୍ଷ ଟଙ୍କା । ଏହା ବ୍ୟତୀତ ଜନ ବସତି ଠାରୁ ଦୂରରେ ଶୌଚାଳୟ ନିର୍ମାଣ କରାଯାଇଛି । ଏହି ଶୌଚାଳୟ ତଦାରଖ କରିବା ପାଇଁ ଜଣେ ହେଲେ ମଧ୍ୟ କର୍ମଚାରୀ ନିଯୁକ୍ତି ହୋଇ ନାହାନ୍ତି । ଯାହା ଫଳରେ ଶୌଚାଳୟ ଗୁଡିକ କେବଳ ଉଦଘାଟନ ହୋଇଛି ଓ ତା ପର ଠାରୁ ନଷ୍ଟ ହୋଇଯାଇଛି । କେଉଁଠି ଶୌଚାଳୟ ଉପରେ ଗଛ ଲତା ମାଡି ଗଲାଣି ତ ଆଉ କେଉଁଠି ଶୌଚାଳୟ ଚାରି ପାଖ ଜଙ୍ଗଲ ପାଲଟିଗଲାଣି । ଏହିଭଳି ଭାବେ ଲକ୍ଷ ଲକ୍ଷ ଟଙ୍କା କୁ ପାଣିରେ ପକାଇଛି ଏନଏସି ।ଶୌଚାଳୟ ଆଳରେ ଟଙ୍କା ହରିଲୁଟ ବାବଦରେ ଏନଏସି କାର୍ଯ୍ୟ ନିର୍ବାହୀ ଅଧିକାରୀଙ୍କୁ ପଚାରିବାରୁ ଉକ୍ତ ଶୌଚାଳୟ ଗୁଡିକ ନିର୍ମାଣ ହେବା ପରେ ବ୍ୟବହାର ହୋଇଛି ଏବଂ ସ୍ଥାନୀୟ ଲୋକେ ଶୌଚାଳୟ ସାମଗ୍ରୀ କୁ ନଷ୍ଟ କରିଥିବା ଅଭିଯୋଗ ଆଣିଛନ୍ତି । ଏହା ସହିତ ସେ ଖୁବଶୀଘ୍ର ଉକ୍ତ ଶୌଚାଳୟ ଗୁଡିକୁ ପୁନଶ୍ଚ ଚାଲୁ କରିବେ ବୋଲି କହିଛନ୍ତି । ସବୁ ପରେ ଲକ୍ଷ ଲକ୍ଷ ଟଙ୍କା ଏପରି ଖୋଲାଖୋଲି ବରବାଦ କରାଯିବା ପଛରେ ସେତେବେଳର ଅଧିକାରୀମାନଙ୍କ ହାତ ଥିବା ଜଳଜଳ ହୋଇ ଦେଖା ଯାଉଛି । କେବଳ ଠିକାଦାର ଙ୍କୁ ସୁହାଇଲା ଭଳି ଶୌଚାଳୟ ତିଆରି କରି ଲୁଟ ହୋଇଥିବା ଟଙ୍କାର ତଦନ୍ତ ହେଲେ ପ୍ରକୃତ ସତ ସାମ୍ନାକୁ ଆସିପାରିବ ।

## ପାରାଦୀପ ପୋର୍ଟ ଡିଏଭି ସ୍କୁଲ ଅଧକ୍ଷା ଭାବେ ଗୀତାଞ୍ଜଳୀ ହୋତାଙ୍କ ଦାୟିତ୍ୱ ଗ୍ରହଣ



ପାରାଦୀପ, (ମହାଭାରତ): ପାରାଦୀପ ପୋର୍ଟ ଡିଏଭି ସ୍କୁଲର ନୂତନ ଅଧକ୍ଷା ଭାବେ ଦାୟିତ୍ୱ ଗ୍ରହଣ କରିଛନ୍ତି ଗୀତାଞ୍ଜଳୀ ହୋତା । ସ୍କୁଲର ଅଧକ୍ଷା ବିନ୍ଦୁଶ୍ରୀ ମହାନ୍ତିଙ୍କ ଅବସରରେ ପରେ ନବନିଯୁକ୍ତ ଅଧକ୍ଷା ଶ୍ରୀମତୀ ହୋତା ବିଧିବଧ ଭାବେଦାୟିତ୍ୱ ଗ୍ରହଣ କରିଛନ୍ତି । ଶିକ୍ଷା କ୍ଷେତ୍ରରେ ତାଙ୍କର ଅଭିଜ୍ଞତା ଯଥେଷ୍ଟ ରହିଛି । ଜଣେ ସଫଳ ଶିକ୍ଷାବିତ୍ ସେ ବିଭିନ୍ନ ପ୍ରତିଷ୍ଠିତ ଅନୁଷ୍ଠାନରେ ସଫଳତାର ସହିତ କାର୍ଯ୍ୟ କରିଛନ୍ତି । ଉତ୍କର୍ଷତା ଏବଂ ଛାତ୍ର-କୈନ୍ଦ୍ରିକ ଶିକ୍ଷା କ୍ଷେତ୍ରରେ ତାଙ୍କର ପ୍ରତିବଦ୍ଧତା ପାଇଁ ଜଣାଶୁଣା । ଶ୍ରୀମତୀ ହୋତା ଦାୟିତ୍ୱ ଗ୍ରହଣ କରିବା ପରେ ସ୍କୁଲ ପରିଚାଳନା କମିଟି, କର୍ମଚାରୀ ଏବଂ ଛାତ୍ରଛାତ୍ରୀମାନେ ତାଙ୍କୁ ସ୍ୱାଗତ କରିଥିଲେ ।

## ଅଜଣା ଗାଡି ଧକ୍କାରେ ବାଇକ ଚାଳକ ମୃତ

ଗଣିଆ, (ମହାଭାରତ): ଗଣିଆ ଥାନା ଅନ୍ତର୍ଗତ ମାଉଣ୍ଟେନ ଭିୟୁ ହୋଟେଲ ନିକଟରେ ଶୁକ୍ରବାର ଦିନ ଅପରାହ୍ନ ସମୟେ ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଥିଲା । ଏକ ଅଜଣା ଗାଡି ଧକ୍କାରେ ପଞ୍ଚାନନ ଭୂଇଁଆ( ୫୨)ଙ୍କ ଅକାଳ ବିୟୋଗ ଘଟିଥିଲା । ମୃତ ବ୍ୟକ୍ତି ଜଣକ ଅନୁଗୁଳ ଜିଲ୍ଲା ବିଜୁଗୋଲ ଅଞ୍ଚଳର ପଞ୍ଚାନନ ଭୂୟାଁ ବୋଲି ଚିହ୍ନଟ କରାଯାଇଥିଲା । ସୂଚନା ଅନୁଯାୟୀ, ପଞ୍ଚାନନ ନିଜ ମୋଟରସାଇକେଲ (ନଂ- ଓଡି ୩୫ ଏଚ ୪୬୨୫) ଯୋଗେ ଯାଉଥିବା ସମୟରେ କୌଣସି ଏକ ଅଜଣା ଗାଡି ତାଙ୍କୁ ଧକ୍କା ଦେଇ ଫେରାର ହୋଇଯାଇଥିଲା । ଧକ୍କା ହେବା ପରେ ଆହତ ବ୍ୟକ୍ତି ଜଣକ ରାସ୍ତା ଉପରୁ ବିଲ ଭିତର କୁ ଛିଟିକି ପଡ଼ିଥିଲେ ଯା ଫଳରେ କି ପଞ୍ଚାନନଙ୍କର ଘଟଣାସ୍ଥଳରେ ହିଁ ମୃତ୍ୟୁ ଘଟିଥିବା ସ୍ୱାସ୍ଥ୍ୟ ବିଭଗ ପକ୍ଷରୁ ସୂଚନା ମିଳିଥିଲା । ଦୁର୍ଘଟଣାରେ ତାଙ୍କ ଗୋଡ ଭାଙ୍ଗି ଯିବା ସହିତ ଗଭୀର କ୍ଷତ ସୃଷ୍ଟି ହେବା ସହ ରାସ୍ତା କଡ଼େର ତାଙ୍କର ମୃତଦେହ ପଡ଼ି ରହିଥିଲା । ଖବର ପାଇ ଗଣିଆ ଥାନା ଏଏସଆଇ ଶାହା ଆଲାମ ଖାନ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରିବା ସହ ପୋଲିସ ସହଯୋଗରେ ଆହତ ବ୍ୟକ୍ତିଙ୍କୁ ଗଣିଆ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ପହଞ୍ଚାଇଥିଲେ । ଦୁର୍ଘଟଣା ଘଟାଇଥିବା ଗାଡିଟିର କୌଣସି ସନ୍ଧାନ ମିଳିପାରି ନାହିଁ । ତାଙ୍କ ପାଖରୁ ଏକ ଡ୍ରାଇଭିଙ୍ଗ ଲାଇସେନ୍ସ ମିଳିଥିଲା । ଏହି ଘଟଣା ପରେ ପରିବାର ଲୋକଙ୍କୁ ସୂଚନା ଦେବାପାଇଁ ଗଣିଆ ପୋଲିସ ପକ୍ଷରୁ ସ୍ଥାନୀୟ ଏନଟିପିସି ଥାନାକୁ ଫୋନ୍ ଯୋଗେ ଖବର ଦେଇଥିଲେ ।

## ଖଣିରେ ପଶିଲେ ୨୬ ଟିକିଆ ହାତୀ ପଲ

ଯୋଡା, (ମହାଭାରତ) : ବଡ଼ବିଲ ରେଞ୍ଜ ବିଲେଇପଦା ସେକ୍ସନ କାଟାମାଟି ଖଣିରେ ଛବିଶ ଟିକିଆ ହାତୀ ପଲ ପଶି ବ୍ୟାପକ କ୍ଷୟକ୍ଷତି କରିଥିବା ଜଣାପଡିଛି ।ଖଣିରେ ପ୍ରାୟ ଦେଢ଼ ଘଣ୍ଟା ଧରି ରହିବା ପରେ ହାତୀ ପଲ ଖଣି ଭିତରେ ବ୍ୟାପକ କ୍ଷୟକ୍ଷତି କରିବାପରେ ନିକଟସ୍ଥ ମୁଣ୍ଡା ଗାଁ ଭିତରକୁ ପଶିଆସି ସେଠାରେ କିଛି ସମୟ ଆତଙ୍କ ସୃଷ୍ଟି କରିଥିଲେ । ଏହି ହାତୀପଲରେ ୧୨ଟି ମାଈ, ୬ ଟି ଦନ୍ତା ଓ ୮ଟି ଛୁଆ ହାତୀ ଥିବା ସୂଚନା ମିଳିଛି । ହାତୀ ପଲ୍ ନିକଟସ୍ଥ ଠାକୁରାଣୀ ସଂରକ୍ଷିତ ଜଙ୍ଗଲରେ ରହୁଥିବା ସୂଚନା ରହିଛି । ବନ ବିଭାଗ ହାତୀପଲ ଉପରେ ନଜର ରଖିଥିବା ବେଳେ ଗାଁ ଭିତରକୁ ହାତୀପଲ ପଶି ଆସିଥିବାରୁ ନିକଟସ୍ଥ ମୂର୍ଗାବେଡା ଓ ସ୍ଥାନୀୟ ଅଞ୍ଚଳରେ ଲୋକଙ୍କ ମଧ୍ୟରେ ଆତଙ୍କ ସୃଷ୍ଟି ହୋଇଥିଲା ।ପରେ ହାତୀପଲ ନିକଟସ୍ଥ ଜଙ୍ଗଲ କୁ ଚାଲି ଯାଇଥିଲେ । ପ୍ରକାଶ ଯୋଗ୍ୟ ଯେ,ଖଣି ଗୁଡ଼ିକ ଭିତରେ ଥିବା ବନାଞ୍ଚଳ ରାସ୍ତାକୁ ଖଣି କମ୍ପାନୀ ମାନେ ବ୍ୟବହାର କଲେ ବନ ବିଭାଗ ଖଣିକୁ ଫରେଷ୍ଟ କଂଜରଭେସନ ଆକ୍ଟ ଅନୁଯାୟୀ ବନ୍ଦ କରି ଦେଉଛି । ହେଲେ ହାତୀ ଭଳି ବନ୍ୟ ଜନ୍ତୁ ଖଣି ଭିତରେ ବାରମ୍ବାର ପ୍ରବେଶ କରୁଥିଲେ ମଧ୍ୟ ବିଭାଗ ଦୃଷ୍ଟାନ୍ତ ମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁ ନାହିଁ ।

## ସାମ୍ବାଦିକ କଲ୍ୟାଣ ଟ୍ରଷ୍ଟ ପକ୍ଷରୁ ରଶ୍ମିରଂଜନଙ୍କ ବିୟୋଗରେ ଶୋକସଭା



ପାରାଦୀପ, (ମହାଭାରତ): ପାରାଦୀପର ଯୁବ ସାମ୍ବାଦିକ ରଶ୍ମିରଂଜନ ରାଉତରାୟ (ବାପି)ଙ୍କ ଏକ ମର୍ମନ୍ତୁଦ ସଡକ ଦୂର୍ଘଟଣାରେ ପରଲୋକ ହୋଇଥିଲା । ତାଙ୍କ ଏକାଦଶାହରେ ପାରାଦୀପ ସାମ୍ବାଦିକ କଲ୍ୟାଣ ଟ୍ରଷ୍ଟ ପକ୍ଷରୁ ଏକ ଶୋକସଭା ଆୟୋଜିତ ହୋଇଥିଲା । ଟ୍ରଷ୍ଟ ଅଧକ୍ଷ ଅରୁଣ କୁମାର ଓଝାଙ୍କ ପୌରହିତ୍ୟରେ ଅନୁଷ୍ଠିତ ଶୋକସଭାରେ ଟ୍ରଷ୍ଟର ମୁଖ୍ୟ ଉପଦେଷ୍ଟା ଗଗନ ବିହାରୀ ସାହୁ, ଆଇନ୍ ଉପଦେଷ୍ଟା କୈଳାସ ଚନ୍ଦ୍ର ସାହୁ, ସାମ୍ବାଦିକ ବସନ୍ତ କୁମାର ସାହୁ, ସଂଜୀବ ମିଶ୍ର, ଭାଗିରଥୀ ମଲ୍ଲିକ ପ୍ରମୁଖ ଯୋଗ ଦେଇ ସ୍ୱର୍ଗତ ରଶ୍ମିରଂଜନଙ୍କ ଅମର ଆତ୍ମାର ସଦଗତି କାମନା କରିଥିଲେ । ପାରାଦୀପର ବହୁ ଗଣମାଧ୍ୟମ ପ୍ରତିନିଧିମାନେ ଯୋଗ ଦେଇ ରଶ୍ମିଙ୍କ ପରିବାରକୁ କିପରି ସହାୟତା କରାଯିବ ସେ ନେଇ ମତବ୍ୟକ୍ତ କରିଥିଲେ । ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ ବରିଷ୍ଠ ସାମ୍ବାଦିକ ସଂଜୟ କୁମାର ମିଶ୍ର । ଧନ୍ୟବାଦ ଅର୍ପଣ କରିଥିଲେ ଟ୍ରଷ୍ଟର ସମ୍ପାଦକ ପ୍ରଶାଂ କୁମାର ରାଉତ । ଅପରାହ୍ନରେ ଟ୍ରଷ୍ଟର ସଦସ୍ୟମାନେ ସ୍ୱର୍ଗତ ରଶ୍ମିଙ୍କ ପୈତୃକ ଗ୍ରାମକୁ ଯାଇ ଶୋକସନ୍ତପ୍ତ ପରିବାରକୁ ଭେଟି ସାନ୍ତ୍ୱନା ଦେବା ସହିତ ସହାୟତା ପ୍ରଦାନ କରିଥିଲେ । ସାମ୍ବାଦିକ କଲ୍ୟାଣ ଟ୍ରଷ୍ଟ ସବୁବେଳେ ସାମ୍ବାଦିକମାନଙ୍କ ଅସମୟରେ ସହାୟତାର ହାତ ବଢାଇ ସମଗ୍ର ଅଂଚଳରେ ଏକ ନିଆରା କାର୍ଯ୍ୟ କରି ପ୍ରଶଂସିତ ହୋଇ ଆସିଛି । ସେହିପରି ପାରାଦୀପ ପ୍ରେସ୍ ମିଡିଆ ପକ୍ଷରୁ ମଧ୍ୟ ଏକ ଶୋକ ସଭା ଅନୁଷ୍ଠିତ ହୋଇଥିଲା । ସଙ୍ଗଠନର ସଭାପତି ବସନ୍ତ କୁମାର ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଶୋକସଭାରେ ପାରାଦୀପର ବିଭିନ୍ନ ଗଣମାଧ୍ୟମର ପ୍ରତିନିଧିମାନେ ଯୋଗ ଦେଇ ସ୍ୱର୍ଗତ ରଶ୍ମିରଂଜନଙ୍କ ଅମର ଆତ୍ମାର ସଦଗତି କାମନା କରିଥିଲେ ।

## ପାରାଦୀପ ବାର୍ ଆସୋସିଏସନ୍ ସାଧାରଣ ସମ୍ପାଦକ ହେମନ୍ତ କୁମାର ସାହୁଙ୍କ ବିୟୋଗରେ ଶୋକସଭା

ପାରାଦୀପ, (ମହାଭାରତ): ପାରାଦୀପ ବାର୍ ଆସୋସିଏସନ୍‌ର ସାଧାରଣ ସମ୍ପାଦକ ହେମନ୍ତ କୁମାର ସାହୁ(୭୦)ଙ୍କ ବିୟୋଗରେ ଏକ ଶୋକସଭା ପୌର ପ୍ରଶାସନିକ ଭବନ ସଭାଗୃହରେ ଶୁକ୍ରବାର ଦିନ ଆୟୋଜିତ ହୋଇଥିଲା । ଏହି ଶୋକସଭାରେ ପାରାଦୀପ ବାର୍ ଆସୋସିଏସନ୍‌ର ସଭାପତି ତପନ କୁମାର ଦାଶ ସଭାପତିତ୍ୱ କରିଥିଲେ । ବରିଷ୍ଠ ଆଇନଜୀବୀ ଦୁର୍ଯୋଧନ ରଣା, ପାରାଦୀପ ବାର୍ ଆସୋସିଏସନ୍‌ର ଉପସଭାପତି ବସନ୍ତ କୁମାର ବିଶ୍ୱାଳ, କୈଳାସ ଚନ୍ଦ୍ର ସାହୁ,



ସମ୍ପାଦକ ରବିନ୍ଦ୍ର କୁମାର ଜେନା, ପ୍ରଶାନ୍ତ କୁମାର ଦାସ ପ୍ରମୁଖ ଯୋଗ ଦେଇ ଅମର ଆତ୍ମାର ସଦଗତି କାମନା କରିଥିଲେ । ପାରାଦୀପ ବାର୍ ଆସୋସିଏସନ୍‌ର ସଦସ୍ୟମାନେ ଦୁଇ ମିନିଟ୍ ନୀରବ ପ୍ରାର୍ଥନା କରିଥିଲେ । ସଦସ୍ୟମାନେ ପାରାଦୀପ ବାର୍ ଆସୋସିଏସନ୍‌ର ପ୍ରତିହ୍ଠାରେ ସ୍ୱର୍ଗତ ସାହୁଙ୍କ ଅବଦାନ ଅତୁଳନୀୟ ବୋଲି ମତବ୍ୟକ୍ତ କରିଥିଲେ । ସ୍ୱର୍ଗତ ସାହୁ ପାରାଦୀପ ବାର୍ ଆସୋସିଏସନ୍‌ର ୩ଥର ସଭାପତି ଭାବେ ଦାୟିତ୍ୱ ନିର୍ବାହ କରିବା ସହିତ ୨୦୨୫ ମସିହାରେ ସାଧାରଣ ସମ୍ପାଦକ ଭାବେ ଦାୟିତ୍ୱ ଗ୍ରହଣ କରିଥିଲେ । ଚଳିତ ବର୍ଷ ମାର୍ଚ୍ଚ ୨୮ ନିର୍ବାଚନରେ ସ୍ୱର୍ଗତ ସାହୁ ପୁର୍ନବାର ସାଧାରଣ ସମ୍ପାଦକ ଭାବେ ର୍ନିଦ୍ୱନ୍ଦରେ ନିର୍ବାଚିତ ହୋଇଥିଲେ । ଶୁକ୍ରବାର ଦିନ ପାରାଦୀପ ବାର୍ ଆସୋସିଏସନ୍‌ର ନବନିଯୁକ୍ତ କର୍ମକର୍ତାମାନଙ୍କର ଶପଥ ଗ୍ରହଣ କାର୍ଯ୍ୟକ୍ରମ ହେବାର ଥିଲା । ଗୁରୁବାର ଦିନ ସ୍ୱର୍ଗତ ସାହୁଙ୍କ ଦେହାନ୍ତ ହେବା ପରେ ଶୁକ୍ରବାର ଦିନ ହେବାକୁ ଥିବା ଶପଥ ଗ୍ରହଣ ଉତ୍ସବ ଶୋକସଭାରେ ପରିଣତ ହୋଇଥିଲା ।

## ନକଲି ଥଣ୍ଡା ଜବତ୍

କପ୍ତିପଦା/ଉଦଳା, (ମହାଭାରତ) : ଗ୍ରୀଷ୍ମ ଦିନରେ ନକଲି ବେପାରୀ ସକ୍ରିୟ । ନକଲି ମୃଦୁ ପାନୀୟ ତିଆରି କରି ବଜାରକୁ କରୁଥିଲେ ସପ୍ଲାଏ । ଯାହାକୁ ଆଧାର କରି ଆଜି ଉଦଳା ରାଇଦାଣ୍ଡିଆ ଗ୍ରାମରେ ନକଲି ଥଣ୍ଡା ପ୍ୟାକିଙ୍ଗ ୟୁନିଟ ଉପରେ ଚଢ଼ାଉ କରିଛି ଫୁଡ ସିକ୍ୟୁରିଟି ବିଭାଗ ଏବଂ ଉଦଳା ପୋଲିସ । ରାଇଦାଣ୍ଡିଆ ଗ୍ରାମର ସିପୁନ ବେହେରା ନିଜ ଘରେ ବେଆଇନ ଭାବେ ମେସିନ ପକାଇ ଫ୍ରେସ ନାମ ଦେଇ ହାନିକାରକ ରଙ୍ଗ ମିଶାଇ ମୃଦୁ ପାନୀୟ ତିଆରି କରୁଥିଲେ । ଯାହାକି ଉକ୍ତ ଥଣ୍ଡାକୁ ବଜାରକୁ ବିକ୍ରି କରୁଥିବା ବେଳେ ସେଥିରେ ନା ତିଆରି ତାରିଖ ନା ଏକ୍ସପାଏରୀ ତାରିଖ କିଛି ନ ଥିଲା । ସିଧା ସଳଖ ଥଣ୍ଡା ନାମରେ ବିଷ ପ୍ୟାକିଙ୍ଗ କରି ବଜାରରେ ବିକ୍ରି କରୁଥିଲେ । ଆଜି ବିଭାଗ ପକ୍ଷରୁ ଚଢ଼ାଉ କରାଯାଇ ବୋତଲ, ଲେବଲ,ସହିତ ରଙ୍ଗ ଆଦି ଜବତ କରାଯାଇଛି । ଏହା ସହିତ ସଂପୃକ୍ତ ଯୁବକଙ୍କ ଦୋକାନରୁ ମଧ୍ୟ ଉକ୍ତ ଥଣ୍ଡା ଜବତ କରାଯାଇଛି ।


# ଉଦଳା ଏନ୍‌ଏସିରେ ଲକ୍ଷ ଲକ୍ଷ ଟଙ୍କାର ଶୌଚାଳୟ ଖତ ଖାଉଛି

କପ୍ତିପଦା /ଉଦଳା, (ମହାଭାରତ) : ପାଣି ଭଳି ହୋଇଛି ଖର୍ଚ୍ଚ । ସ୍ଥାନୀୟ ବାସିନ୍ଦାଙ୍କ ଉଦ୍ଦେଶ୍ୟରେ ହୋଇଥିଲା ନିର୍ମାଣ । ହେଲେ ୫ ବର୍ଷରେ ୫ ଜଣ ମଧ୍ୟ କରି ନାହାନ୍ତି ବ୍ୟବହାର । ପାଇଖାନା ନିର୍ମାଣ ନାମରେ କେବଳ ଅର୍ଥ ହରିଲୁଟର ବାସ୍ତବତାକୁ ନେଇ ଦେଖନ୍ତୁ ଆମର ଏହି ରିପୋର୍ଟ ।ଆଜକୁ ୫ ବର୍ଷ ପୂର୍ବେ ହୋଇଥିଲା ନିର୍ମାଣ । ବାହାରେ କେହି ମଳତ୍ୟାଗ କରିବେ ନାହିଁ ଏବଂ ସ୍ଥାନୀୟ ଅଞ୍ଚଳ ବାସିନ୍ଦାଙ୍କୁ ଶୌଚାଳୟ ସୁବିଧା କରାଇବା ପାଇଁ ଲକ୍ଷ ଲକ୍ଷ ଟଙ୍କା ବିନିଯୋଗରେ ତିଆରି କରିଥିଲେ ଶୌଚାଳୟ । କିନ୍ତୁ ଥରୁଟିଏ ମଧ୍ୟ ହୋଇପାରିଲା ନାହିଁ ବ୍ୟବହାର । ଆମେ କହୁଛୁ ଉଦଳା ଏନଏସିର ବିଭିନ୍ନ ୱାର୍ଡରେ ନିର୍ମାଣ ହୋଇଥିବା ଗୋଷ୍ଠୀ ଶୌଚାଳୟ କଥା । ୨୦୧୯ ମସିହାରେ ଉଦଳା ଏନଏସି ପକ୍ଷରୁ ଏନଏସିର ୧୧ ଏବଂ ୧୨ ନମ୍ବର ୱାର୍ଡରେ ଚାରି ଗୋଟି ଗୋଷ୍ଠୀ ଶୌଚାଳୟ ନିର୍ମାଣ କରାଯାଇଥିଲା । ହେଲେ ଆଜି ସେ ସବୁ ପାଲଟିଛି ଅସାମାଜିକ ଯୁବକଙ୍କ ଆଡ୍ଡାସ୍ଥଳୀ । କାରଣ ନିର୍ମାଣ ହେବା ଏବଂ ଉଦଘାଟନ ହେବା ପର ଠାରୁ ଏହି ଗୋଷ୍ଠୀ ଶୌଚାଳୟ ଗୁଡିକ ଥରଟିଏ ମଧ୍ୟ ବ୍ୟବହାର ହୋଇ ନାହିଁ । କାରଣ ଶୌଚାଳୟ ଗୃହ ନିର୍ମାଣ କରି ଦିଆ ଯିବା ପରେ ସେଠାରେ ପାଣି ଏବଂ ବିଜୁଳିର ବ୍ୟବସ୍ଥା କରାଯାଇ ନାହିଁ । ଅନ୍ୟ କେଉଁଠି ଶୌଚାଳୟ ଭିତରେ ପ୍ୟାନ ଓ ଅନ୍ୟ ସାମଗ୍ରୀ ଲାଗି ନାହିଁ । କେବଳ ସେତିକି ନୁହେଁ ଏହି ଶୌଚାଳୟ ମଧ୍ୟରୁ କିଛି ଶୌଚାଳୟରେ ନିମ୍ନ ମାନର ପାଇପ ଲଗାଇ ଦିଆ ଯିବା ସହିତ ପାଣି ଟାଙ୍କି ନ ବସାଇ ଲୁଟି ନିଆଯାଇଛି ଲକ୍ଷ ଲକ୍ଷ ଟଙ୍କା । ଏହା ବ୍ୟତୀତ ଜନ ବସତି ଠାରୁ ଦୂରରେ ଶୌଚାଳୟ ନିର୍ମାଣ କରାଯାଇଛି । ଏହି ଶୌଚାଳୟ ତଦାରଖ କରିବା ପାଇଁ ଜଣେ ହେଲେ ମଧ୍ୟ କର୍ମଚାରୀ ନିଯୁକ୍ତି ହୋଇ ନାହାନ୍ତି । ଯାହା ଫଳରେ ଶୌଚାଳୟ ଗୁଡିକ କେବଳ ଉଦଘାଟନ ହୋଇଛି ଓ ତା ପର ଠାରୁ ନଷ୍ଟ ହୋଇଯାଇଛି । କେଉଁଠି ଶୌଚାଳୟ ଉପରେ ଗଛ ଲତା ମାଡି ଗଲାଣି ତ ଆଉ କେଉଁଠି ଶୌଚାଳୟ ଚାରି ପାଖ ଜଙ୍ଗଲ ପାଲଟିଗଲାଣି । ଏହିଭଳି ଭାବେ ଲକ୍ଷ ଲକ୍ଷ ଟଙ୍କା କୁ ପାଣିରେ ପକାଇଛି ଏନଏସି ।ଶୌଚାଳୟ ଆଳରେ ଟଙ୍କା ହରିଲୁଟ ବାବଦରେ ଏନଏସି କାର୍ଯ୍ୟ ନିର୍ବାହୀ ଅଧିକାରୀଙ୍କୁ ପଚାରିବାରୁ ଉକ୍ତ ଶୌଚାଳୟ ଗୁଡିକ ନିର୍ମାଣ ହେବା ପରେ ବ୍ୟବହାର ହୋଇଛି ଏବଂ ସ୍ଥାନୀୟ ଲୋକେ ଶୌଚାଳୟ ସାମଗ୍ରୀ କୁ ନଷ୍ଟ କରିଥିବା ଅଭିଯୋଗ ଆଣିଛନ୍ତି । ଏହା ସହିତ ସେ ଖୁବଶୀଘ୍ର ଉକ୍ତ ଶୌଚାଳୟ ଗୁଡିକୁ ପୁନଶ୍ଚ ଚାଲୁ କରିବେ ବୋଲି କହିଛନ୍ତି । ସବୁ ପରେ ଲକ୍ଷ ଲକ୍ଷ ଟଙ୍କା ଏପରି ଖୋଲାଖୋଲି ବରବାଦ କରାଯିବା ପଛରେ ସେତେବେଳର ଅଧିକାରୀମାନଙ୍କ ହାତ ଥିବା ଜଳଜଳ ହୋଇ ଦେଖା ଯାଉଛି । କେବଳ ଠିକାଦାର ଙ୍କୁ ସୁହାଇଲା ଭଳି ଶୌଚାଳୟ ତିଆରି କରି ଲୁଟ ହୋଇଥିବା ଟଙ୍କାର ତଦନ୍ତ ହେଲେ ପ୍ରକୃତ ସତ ସାମ୍ନାକୁ ଆସିପାରିବ ।




## ଭଗବତୀ ମଣ୍ଡଳର ପ୍ରଶିକ୍ଷଣ ବର୍ଗ ଉଦ୍‌ଘାଟିତ




ବାଣପୁର : ( ମହାଭାରତ ) ଚିଲିକା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ବାଣପୁରସ୍ଥିତ ଶହୀଦ କୃତ୍ତିବାସ ଭବନଠାରେ ଭଗବତୀ ମଣ୍ଡଳ ଭାଜପା କାର୍ଯ୍ୟକର୍ତ୍ତାମାନଙ୍କୁ ନେଇ ''ପଣ୍ଡିତ ଦୀନଦୟାଲ ଉପାଧ୍ୟାୟ ପ୍ରଶିକ୍ଷଣ ମହାଅଭିଯାନ ୨୦୨୬''ର 'ମଣ୍ଡଳ ପ୍ରଶିକ୍ଷଣ ବର୍ଗ' ସଭାପତି କାଂହୁ ଚରଣ ଲେଙ୍କାଙ୍କ ସଭାପତିତ୍ୱରେ ଉଦଘାଟନ ହୋଇଯାଇଛି ।ମଣ୍ଡଳ ସାଧାରଣ ସମ୍ପାଦକ ଅରୁଣ କୁମାର ପଣ୍ଡା ମଞ୍ଚ ପରିଚାଳନା କରିଥିବା ବେଳେ ୫ଟି ବର୍ଗରେ ମାନ୍ୟବର ଆଇନ, ପୂର୍ତ୍ତ ଓ ଅବକାରୀ ମନ୍ତ୍ରୀ ଶ୍ରୀ ପୃଥ୍ୱୀରାଜ ହରିଚନ୍ଦନଙ୍କ ସହ ଖୋର୍ଦ୍ଧା ଜିଲ୍ଲା ସାଧାରଣ ସମ୍ପାଦକ ଦୁଷ୍ମନ୍ତ ହରିଚନ୍ଦନ, ଜିଲ୍ଲା ଉପ ସଭାନେତ୍ରୀ ରୋଜିନା ରାଣୀ ଦାସ, ବରିଷ୍ଠ ନେତ୍ରୀ ରଶ୍ମିମୟୀ ପଟ୍ଟନାୟକ, ଜିଲ୍ଲାର ବରିଷ୍ଠ ନେତା ଲୋତକ ବିନ୍ଦୁ ପଟ୍ଟନାୟକ ଯୋଗଦେଇ କାର୍ଯ୍ୟକର୍ତ୍ତା ମାନଙ୍କୁ ଯଥା କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ସଫଳତା ଏବଂ ଏଥିରେ ବିଜେପି କାର୍ଯ୍ୟକର୍ତ୍ତାର ଭୂମିକା, ବିଜେପି ଇତିହାସ ଓ କ୍ରମ ବିକାଶ, ବୈଚାରିକ ଓ ଅଧିଷ୍ଠାନ କାର୍ଯ୍ୟ ବିସ୍ତାର, ଏବଂ ବୁଥ ପରିଚାଳନା ସମ୍ପର୍କରେ କାର୍ଯ୍ୟକର୍ତ୍ତା ମାନଙ୍କୁ ସମ୍ବୋଧିତ କରିଥିଲେ । ପ୍ରଶିକ୍ଷକ ମାନେ କାର୍ଯ୍ୟକର୍ତ୍ତାମାନଙ୍କୁ 'ରାଷ୍ଟ୍ର ପ୍ରଥମ' ନୀତିକୁ ଆପଣାଇ ରାଷ୍ଟ୍ରନିର୍ମାଣ ଦିଗରେ ଅବିରତ କାର୍ଯ୍ୟରତ ରହିବା ସହ ନୀତି,ଆଦର୍ଶ ଓ ଶୃଙ୍ଖଳିତ ରହିବା ସମ୍ପର୍କରେ ବିସ୍ତୃତ ଆଲୋଚନା କରାଯାଇଥିଲା ଏବଂ ତୃଣମୂଳ ସ୍ତରରେ ସଂଗଠନକୁ ଅଧିକ ସୁଦୃଢ଼ ଓ କ୍ରିୟାଶୀଳ କରିବା ପାଇଁ ଏକ ସୁଚିନ୍ତିତ କାର୍ଯ୍ୟପ୍ରଣାଳୀ ନିର୍ଦ୍ଧାରଣ କରାଯାଇଛି । ଆଗାମୀ ଦିନରେ 'ସମୃଦ୍ଧ ଓଡ଼ିଶା' ଗଠନ ତଥା 'ବିକଶିତ ଭାରତ'ରେ 'ବିକଶିତ ଓଡ଼ିଶା'ର ସ୍ୱପ୍ନକୁ ସାକାର କରିବା ଆମର ସଂକଳ୍ପ ବୋଲି ମାନ୍ୟବର ମନ୍ତ୍ରୀ ମତ ପ୍ରକାଶ କରିଥିଲେ । ଏହି ଅବସରରେ ମଣ୍ଡଳର ସମସ୍ତ ପଦାଧିକାରୀ, ବାଣପୁର ବ୍ଲକ ଅଧକ୍ଷ ଅମରେନ୍ଦ୍ର ରଣସିଂହ, ଜିଲ୍ଲା ସଂଯୋଜକ ନିକୁଞ୍ଜ ପଟ୍ଟନାୟକଙ୍କ ସହ ମଣ୍ଡଳର ସମସ୍ତ ସରପଞ୍ଚ, ସମିତିସଭ୍ୟ, ଏବଂ ୩୦୦ରୁ ଅଧିକ କାର୍ଯ୍ୟକର୍ତ୍ତା ପ୍ରଶିକ୍ଷଣ ଶିବିରରେ ଯୋଗ ଦେଇଥିଲେ ।

# ଚାଲିଛି ଚୈତ୍ର ମାସ ଦଣ୍ଡ ଯାତ୍ରା ପର୍ବ, ଗାଁ ଗାଁ ରେ ବୁଲୁଛନ୍ତି ମା ଦଣ୍ଡ କାଳୀ ଓ ବାନାମ୍ବର

## ଚର୍ଚ୍ଚାରେ ସଠିଆପଲ୍ଲୀ ଦଣ୍ଡ ଯାତ୍ରା ସହ ଦଣ୍ଡ ନୃତ୍ୟ

ନୟାଗଡ, ( ମହାଭାରତ ) : ଓଡ଼ିଆ ଲୋକନାଟ୍ୟ ପରମ୍ପରା ରେ ଦଣ୍ଡ ଯାତ୍ରା ସଂସ୍କୃତି ପ୍ରାଚୀନ। ଏହି ଲୋକନାଟ୍ୟ ଦଣ୍ଡ ଯାତ୍ରା ର ମୁଖ୍ୟ ଆରାଧ ଦେବୀ ଓ ଦେବତା ହେଉଛନ୍ତି ମା କାଳୀ ଏବଂ ଶିବ ଶଙ୍କର। ନୟାଗଡ ରେ ଦଣ୍ଡ ଯାତ୍ରା ସହ ଏହାର ପୌରାଣିକ ନୃତ୍ୟ ବେଶ ଆକର୍ଷଣୀୟ ।ଏହି ପର୍ବ କେବେ କେଉଁଠାରୁ ଆରମ୍ଭ ହୋଇଥିଲା ଏହାର ନିର୍ଦିଷ୍ଟ ତଥ୍ୟ ନଥିଲେ ମଧ ଏହି ଦଣ୍ଡ ଯାତ୍ରା ବହୁ ପ୍ରାଚୀନ ପରମ୍ପରା କୁ ବାନ୍ଧି ରଖି ପାରିଛି ବୋଲି ଜଣାଯାଏ। ଚୈତ୍ର ମାସ ର ମୀନ ସଂକ୍ରାନ୍ତି ଠାରୁ ଏହି ଦଣ୍ଡ ଯାତ୍ରା ଆରମ୍ଭ ହୋଇ ପଣା ସଂକ୍ରାନ୍ତି ଦିନ ଶେଷ ହୋଇଥାଏ। କିନ୍ତୁ ଦଣ୍ଡୁଆ ଭକ୍ତ ମାନେ ପୁରା ଚୈତ୍ର ମାସ ଯାଏ ଆମିଷ ସହ ବିନା ପିଆଜ ରସୁଣ କୁ ପରିତ୍ୟାଗ କରି ବାରଣ ରେ ରହିଥାନ୍ତି। ଦଣ୍ଡୁଆ ଭକ୍ତ ମାନେ ୨୧, ୧୮, ୧୩ ଏବଂ ୭ ଦିନ ଧରୀ କାଷ୍ଠା ଉପବାସ କରି ମା ଦଣ୍ଡ କାଳୀ ଏବଂ ଶିବ ଶଙ୍କର ଙ୍କୁ ଧରି ବିଭିନ୍ନ ଗାଁ ପରିଭ୍ରମଣ କରିଥାନ୍ତି। ପ୍ରଚଣ୍ଡ ରୌଦ୍ରତାପରେ ବି ଦଣ୍ଡୁଆ ଭକ୍ତ ମାନେ ଦୀନ ତମାମ କାଷ୍ଠା ଉପବାସ ରହି ସନ୍ଧ୍ୟା ସମୟରେ ପଣା ଏକ ଗ୍ଲାସ ସେବନ କରିଥାନ୍ତି। ଏହି ଦଣ୍ଡ ଯାତ୍ରା ର ଏକ ପାରମ୍ପରିକ ବିଧି ଅଛି କି ଦଣ୍ଡୁଆ ଭକ୍ତ ମାନେ ପଣା ସେବନ କରୁଥିବା ବେଳେ ଯଦି କୌଣସି ପଶୁ କିମ୍ବା ପକ୍ଷୀ ଙ୍କ ସ୍ୱର ଗୁଞ୍ଜରୀତ ହୁଏ ତେବେ ଉକ୍ତ ଦିନ ଓ ରାତି ତମାମ ଦଣ୍ଡୁଆ ଭକ୍ତ ମାନେ ପୁରା ଉପବାସ ରହିବେ। ଏହି ଅବସରରେ ନୟାଗଡ଼ ର ସଠିଆପଲ୍ଲୀ, ଜେମାଦେଇପୁର ପାଟଣା, ଖୁଟୁବନ୍ଧ, ବଢିଆ ସାହି, ଦୁର୍ଗାପ୍ରସାଦ, ଦେଉଳ ପଲ୍ଲୀ, ଘଡୁଆଳ, ସିନ୍ଦୁରିଆ, ଚଣ୍ଡିବସ୍ତ, ଭାଟସାହି, ଝୁମ୍ପୁରି ଭଳି ବହୁ ଯାଗାରେ ଦଣ୍ଡ ଯାତ୍ରା ହୋଇଥାଏ। ବିଧି ଅନୁସାରେ କେଉଁଠି ୨୧ ଦିନ ତ କେଉଁଠି ୧୮, ୧୩ ଓ ୮ ଦିନିଆ ଦଣ୍ଡ ପର୍ବ ହୋଇଥାଏ।



ନୟାଗଡ ର ସଠିଆପଲ୍ଲୀ ଦଣ୍ଡ ପର୍ବ ୧୭ ଦିନ ପାଳନ ହେଉଥିବା ବେଳେ ଏହା ଗତ ମାସ ୨୯ ତାରିଖ ଠାରୁ ଦଣ୍ଡ ଠାକୁରଙ୍କ ପାଣିତୋଳା ଆରମ୍ଭ ହୋଇଛି। ସଠିଆପଲ୍ଲୀ ର ପ୍ରଭୁ ଦଣ୍ଡ ଠାକୁରଙ୍କ ଓଁ ଶ୍ରୀ ଶ୍ରୀ ବାଲୁଙ୍କେଶ୍ୱର ଦଣ୍ଡ ଠାକୁରଙ୍କ ଧୂଳି ଦଣ୍ଡ ଖେଳ ସହ ଦଣ୍ଡ ନୃତ୍ୟ ବେଶ ଆକର୍ଷଣୀୟ ହେବ ସହ ଚର୍ଚ୍ଚା ରେ ରହିଆସୁଛି। ସଠିଆପଲ୍ଲୀ ଦଣ୍ଡ ଠାକୁରଙ୍କ ଏହି ୧୭ ଦିନ ମଧରେ ବିଭିଓ ଗ୍ରାମ ପରି ଭ୍ରମଣ କରିବା ଯାଉଥିବା ବେଳେ ଗ୍ରାମର ପ୍ରତ୍ୟେକ ଘର ଆଗରେ ଦୀପ ପ୍ରଜ୍ୱଳନ ହୋଇଥାଏ। ଏହି ପର୍ବ କୁ ନିଷ୍ଠାର ସହ ପାଳନ କରାଯାଉଥିବା ବେଳେ ଏହି ସମୟ ମଧରେ ଗ୍ରାମ ବାସୀ ଓ ଭକ୍ତ ଏବଂ ଦଣ୍ଡୁଆ ଭକ୍ତ ମାନଙ୍କ ମଧରେ ବେଶ ଉତ୍ସାହ ଦେଖିବାକୁ ମିଳିବା ସହ ମନରେ ଇଶ୍ୱର ବିଶ୍ୱାସ ମନୋଭାବ ଜନ୍ମାଇବା ଦଣ୍ଡ ଯାତ୍ରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥାଏ। ଏହା ଛଡା ଦଣ୍ଡୁଆ ଭକ୍ତ ମାନେ ଗ୍ରାମ ର ଦ୍ୱାରା ଦ୍ୱାରା ବୁଲି ଦଣ୍ଡ କାଳୀ ଙ୍କ ମହିମା ଗାନ କରିଥାନ୍ତି। ଅପରପକ୍ଷରେ ଏହି ଦଣ୍ଡ ସମୟରେ ଦଣ୍ଡୁଆ ଭକ୍ତ ମାନେ ଦୈବୀ ଆର୍ଶୀବାଦ ପ୍ରତି ପାଇଁ ନିଜ ଶରୀରକୁ ଅନେକ ପ୍ରକାରର ଦଣ୍ଡିତ କରିବା କୁ ମାନସିକ ଦଣ୍ଡ କୁହାଯାଏ। ଏହି ଦଣ୍ଡୁଆ ଭକ୍ତ ଗଣ ନିଆଁ ରେ ଚାଲିବା ସହ କଣ୍ଟା ଉପରେ ଗଡିବା, ଦେହରେ କଣ୍ଟା ପୋଡିବା ସହ ଧୂଳି ଦଣ୍ଡ ଖେଳିଥାନ୍ତି। ଏହି ସବୁ କାର୍ଯ୍ୟକ୍ରମ ମଧ ରେ ଲୋକ ମାନଙ୍କ ମନରେ ଈଶ୍ୱର ବିଶ୍ୱାସ ଜନ୍ମାଇବା ହେଉଛି ଏହାର ମୂଳ ଲକ୍ଷ୍ୟ।

## ଏକ ଦିବସୀୟ ଛତୁ ଚାଷ କର୍ମଶାଳା ଅନୁଷ୍ଠିତ

ନୂଆଗାଁ (ମହାଭାରତ ) : ନୟାଗଡ ଜିଲ୍ଲା ନୂଆଗାଁ ବ୍ଲକ୍ ଅନ୍ତର୍ଗତ ମହିପୁର ଠାରେ ଓଡ଼ିଶା ସରକାରଙ୍କ ଜଙ୍ଗଲ ଓ ପରିବେଶ ମନ୍ତ୍ରାଳୟ ଅଧୀନସ୍ଥ ପରିବେଶ ଅଧ୍ୟୟନ କେନ୍ଦ୍ର ଦ୍ୱାରା ପ୍ରାୟୋଜିତ ଏକ ଦିବସୀୟ ଛତୁ ଚାଷ ଦକ୍ଷତା ବିକାଶ କର୍ମଶାଳା ସ୍ଥାନୀୟ ପି ଏମ ଶ୍ରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ମହିପୁରଠାରେ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ଅଧକ୍ଷ ଶ୍ରୀ ନିରଞ୍ଜନ ଦାସଙ୍କ ପୌରୋହିତ୍ୟରେ କର୍ମଶାଳାର ଆୟୋଜନ ହୋଇଥିଲା। ମୁଖ୍ୟ ଅତିଥି ଭାବେ ମହିପୁର ବନ ବିଭାଗର ସହକାରୀ ବନ ସଂରକ୍ଷକ ଶ୍ରୀ ଅମ୍ରିତ କୁମାର ସାହୁ ଯୋଗ ଦେଇଥିଲେ, ସଷ୍ଟେନ ସାଭି ରିସର୍ଚ୍ଚ ଫାଉଣ୍ଡେସନ ନୟାଗଡ଼ର ବୈଷୟିକ ସହାୟତାରେ ଶିବିର ପରିଚାଳନା ହୋଇଥିଲା । ବିଶେଷଜ୍ଞ ଡ଼. ସୌଜନେନ୍ଦ୍ର ସ୍ୱାଇଁ, ସୁଶାନ୍ତ କୁମାର ମିଶ୍ର, ଓ ଛତୁ ଚାଷ ଉଦ୍ୟୋଗୀ ଲକ୍ଷ୍ମୀଧର ପେଣ୍ଠୋଇ ଯୋଗଦାନ ଦେଇ ଛତୁ ଚାଷ ସମ୍ବନ୍ଧୀୟ ବିଭିଓ ବୈଷୟିକ କୌଶଳ ବିଷୟରେ ଜ୍ଞାନ ପ୍ରଦାନ କରିବା ସଙ୍ଗେ ସଙ୍ଗେ ବ୍ୟାବହାରିକ କୌଶଳ ଜ୍ଞାନ ପ୍ରଦାନ କରିଥଲେ । ନୟାଗଡ଼ ଜିଲ୍ଲାର ୨୧ଟି ପି ଏମ ଶ୍ରୀ ଉଚ୍ଚ ବିଦ୍ୟାଳୟର ମୋଟ ୬୦ ଜଣ ଶିକ୍ଷକ ଶିକ୍ଷୟିତ୍ରୀ ଏହି ଶିବିରରେ ଯୋଗଦାନ ଦେଇଥିଲେ। ଦୈନନ୍ଦିନ ଜୀବନରେ କିପରି ଛତୁ ଚାଷ କରି ସ୍ୱାବଲମ୍ବୀ ହେବା ସହିତ ପୃଷ୍ଟିକର ଖାଦ୍ୟ ପାଇବା, ସେ ନେଇ ଶିବିରରେ ଆଲୋଚନା କରାଯାଇଥିଲା। ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ତଥା କର୍ମଚାରୀମାନଙ୍କର ସହଯୋଗରେ କାର୍ଯ୍ୟକ୍ରମଟି ସଫଳ ପରିଚାଳନା କରାଯାଇଥିଲା। ପରିଶେଷରେ ବିଦ୍ୟାଳୟର ସଂସ୍କୃତ ଶିକ୍ଷକ ଶ୍ରୀ ମହାବୀର ପ୍ରସାଦ ସାଥୁଆ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରି କାର୍ଯ୍ୟକ୍ରମକୁ ସମାପ୍ତ କରିଥିଲେ।

## ମା ଖଣ୍ଡୁରାଇଙ୍କ ତୃତୀୟ ବାର୍ଷିକ ଯଜ୍ଞ ଉତ୍ସବ ଅନୁଷ୍ଠିତ



ଦାନଗଦୀ : (ମହାଭାରତ) ଦାନଗଦୀ ବ୍ଲକ ଅନ୍ତର୍ଗତ ଧୂଳିଗଡ଼ ପଞ୍ଚାୟତ ର ମାନଗୋବିନ୍ଦ ପୁର ଗ୍ରାମ ରେ ଅଗ୍ନି ସ୍ୱରୂପା ମା ଖଣ୍ଡୁରାଇ ଙ୍କ ପୀଠ ରେ ମା ଙ୍କର ତୃତୀୟ ବାର୍ଷିକ ପୂଜା ଯଜ୍ଞ ଅନୁଷ୍ଠିତ ହୋଇ ଯାଇଛି, ଏହି ଯଜ୍ଞ ଉତ୍ସବରେ ଶୁଭାଧିବାସ, କଳସ ଯାତ୍ରା, ଘଟ ସ୍ଥାପନ, ଧ୍ୱଜ ପୂଜା , ସୂର୍ଯ୍ୟପୂଜା, ଗୋ ପୂଜା ଓ ନାମ ଯଜ୍ଞ ଓ ନାମ ସଂକ୍ରିତନ, ପୂର୍ଣ୍ଣା ହୂତି ହୋଇଥିଲା, ସାଂସ୍କୃତିକ କାର୍ଯ୍ୟକ୍ରମ ସନ୍ଧ୍ୟା ରେ ହରିନାମ ସଂକ୍ରିତନ ଅନୁଷ୍ଠିତ ହୋଇଥିଲା,ଉକ୍ତ ଯଜ୍ଞ ରେ ଗ୍ରାମ ର ପଣ୍ଡିତ ଗୁରୁଜନ ସମସ୍ତ ଉପସ୍ଥିତ ରହି ମା କୃପା କରୁଣା ଲାଭ କରିବା ସହ ଗ୍ରାମ ରେ ଏକ ଆଧାତ୍ମିକ ପରିବେଶ ସୃଷ୍ଟି ହୋଇଥିଲା ମା ଙ୍କ ନିକଟରେ ଆହୂତି ପ୍ରଦାନ ହୋଇ ଥିଲା, ଏହି ମହା ଯଜ୍ଞ ରେ କର୍ତ୍ତା କାର୍ଯ୍ୟ ରେ ମଦନ ମୋହନ ସାହୁ ଓ ତାଙ୍କ ଧର୍ମ ପତ୍ନୀ ସନ୍ଧ୍ୟାରାଣୀସାହୁ କର୍ତ୍ତୀ ଭାବେ ପୂଜା କାର୍ଯ୍ୟ ସମ୍ପାଦନ କରିଥିଲେ,ଯଜ୍ଞରେ ପଣ୍ଡିତମାନେ ପପୂଜାର୍ଚ୍ଚନା କରିଥିଲେ, ଶତାଧିକ ଭକ୍ତ ପ୍ରସାଦ ସେବନ କରିଥିଲେ।

## ବିଚ୍ଛିନ୍ନାଞ୍ଚଳ ମଞ୍ଜୁଷାରେ ୯୧ତମ ଓଡିଶା ଦିବସ ପାଳିତ



ଆନ୍ଧ୍ର ପ୍ରଦେଶ ଶ୍ରୀକାକୁଲମ ଜିଲ୍ଲା ମଞ୍ଜୁଷା ଗ୍ରାମରେ ଓଡ଼ିଆ ଯୁବକ ପାଠାଗାର ପକ୍ଷରୁ ପାଠାଗାର ର ଶ୍ରୀ ନୃସିଂହ ପାଣିଗ୍ରହୀ ମୁକ୍ତାକାଶ ରଙ୍ଗମଞ୍ଚଠାରେ ୯୧ତମ ଓଡିଶା ଦିବସ ମହାସମାରୋହରେ ପାଳିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ସଭାପତି ଶ୍ରୀ ଦୁର୍ଗାପ୍ରସାଦ ପାଣିଗ୍ରାହୀଙ୍କ ଅଧକ୍ଷତାରେ ଡ. ତିରୁପତି ସାହୁ ମୁଖ୍ୟ ଅତିଥି ରୂପେ ସଭା ମଣ୍ଡନ କରିଥିବା ବେଳେ ଅବସର ପ୍ରାପ୍ତ ଶିକ୍ଷକ ନାରାୟଣ ନୀଳକଣ୍ଠ , ସମ୍ପାଦକ ରବୀନ୍ଦ୍ର କୁମାର ପାଢ଼ୀ , ଉପସଭାପତି ରାଧାକୃଷ୍ଣ ପଟ୍ଟନାୟକ , ନିରଞ୍ଜନ ବେହେରା ପ୍ରମୁଖ ମଞ୍ଚାସୀନ ରହି ୧୯୩୬ ମସିହା ଅପ୍ରେଲ ୧ ତାରିଖ ହେଉଛି ଓଡିଆ ଜାତି ପାଇଁ ସ୍ମରଣୀୟ ଦିବସ। ଉକ୍ତ ତଥା ଓଡିଶା ରାଜ୍ୟ ପ୍ରତିଷ୍ଠା ହୋଇଥିଲା। ଅନେକ ବର୍ଷ ଧରି ବଙ୍ଗ ଏବଂ ମାଡ୍ରାସ କାଳରେ ବିଛିଓ ହୋଇ ରହିଥିବା ଓଡିଶା , ମହାପୁରୁଷ ମାନଙ୍କ ପ୍ରଚେଷ୍ଟା ଦ୍ୱାରା ସେମାନଙ୍କ ଆତ୍ମବଳି ଦ୍ୱାରା ଏବଂ ଓଡ଼ିଆ ସଂସ୍କୃତି ଏବଂ ଓଡ଼ିଆ ପରମ୍ପରାକୁ ରକ୍ଷା କରିବା ଦ୍ୱାରା , ସ୍ୱତନ୍ତ୍ର ଓଡିଶା ରାଜ୍ୟ ଗଠନ ହୋଇଥିଲାୟ ବିଚ୍ଛିଓାଞ୍ଚଳର ଏକ ବିଶିଷ୍ଟ ସ୍ଥାନ ହେଉଛି ମଞ୍ଜୁଷା। ମଞ୍ଜୁଷା ରେ ଅବସ୍ଥିତ ଏହି ଓଡ଼ିଆ ଯୁବକ ପାଠାଗାର ତାର ସଂସ୍କୃତି , ପରମ୍ପରା କୁ ବର୍ତ୍ତମାନ ସୁଦ୍ଧା ୧୯୦୭ ମସିହାରୁ ସ୍ଥାପିତ ହୋଇ ବର୍ତ୍ତମାନ ସୁଦ୍ଧା ବଜାୟ ରଖିଥିବା ରୁ ଅତିଥି ମାନେ ପ୍ରଶଂସା କରିଥିଲେ। ଏହି ଅବସରରେ ପୂର୍ବରୁ ବିଭିଓ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। କୃତି ପ୍ରତିଯୋଗୀଙ୍କୁ ଅତିଥିଙ୍କ ଦ୍ୱାରା ମାନପତ୍ର ଓ ପୁରସ୍କାର ପ୍ରଦାନ କରାଯାଇଥିଲା। ଏହି ଅବସରରେ ପାରଳା ଅଗ୍ରଣୀ ନୃତ୍ୟ ଅନୁଷ୍ଠାନ ସମଲେଇ ନୃତ୍ୟକଳା ପରିଷଦର ନୃତ୍ୟଶିଳ୍ପୀ ମାନେ ସମ୍ବଲପୁରୀ ନୃତ୍ୟ ପରିବେଷଣ କରିଥବା ବେଳେ ତାପସୀ କର , ଅଶ୍ଲେଷା ପାଣିଗ୍ରାହୀ ଓଡିଶୀ ନୃତ୍ୟ ପରିବେଷଣ କରିଥିଲେ । ସ୍ଥାନୀୟ କଳାକାରଙ୍କ ଦ୍ୱାରା ନୃତ୍ୟ ସଙ୍ଗୀତ ପରିବେଷଣ ହୋଇଥିଲା। ସମସ୍ତ କାର୍ଯ୍ୟକ୍ରମ କୁ ସନ୍ତୋଷ କୁମାର ମହାନ୍ତି , ଜୟରାମ ମାଳୀ , ଶ୍ରୀନିବାସ ପାଢ଼ୀ , ସିମାଞ୍ଚଳ ପତି , ପ୍ରଦୋଷ ତ୍ରିପାଠୀ , ଯୁଗ୍ମ ସମ୍ପାଦକ ଶ୍ରୀ ନିରଞ୍ଜନ ବେହେରା , ସାଂସ୍କୃତିକ ସମ୍ପାଦକ ଶ୍ରୀ ନାଲା ନିଳକଣ୍ଠ , ପାଠାଗାର ପରିଚାଳକ ଶ୍ରୀ ପରମେଶ୍ୱର ବେହେରା ପ୍ରଦୀପ ସାହୁ , ଜଗନ୍ନାଥ ମହାରଣା , କିଶୋର ଗୌଡ , ଶଙ୍କର ମହାରଣା , ପୁରୁଷୋତ୍ତମ ବେହେରା , ସମସ୍ତ କାର୍ଯ୍ୟକର୍ତ୍ତା ବୃନ୍ଦ ଏଥିରେ ଅଂଶ ଗ୍ରହଣ କରି ପରିଚାଳନା ରେ ସହଯୋଗ କରିଥିଲେ।

## ଅଗ୍ନି ବିପନ୍ନ ପରିବାରଙ୍କୁ ଭେଟି ସହାୟତାର ହାତ ବଢ଼ାଇଲେ ବିଧାୟକ



ନୂଆଗାଁ/ଦଶପଲ୍ଲା (ମହାଭାରତ ) : ନୟାଗଡ଼ ଜିଲ୍ଲା ଦଶପଲ୍ଲା ବ୍ଲକ ତେଣ୍ଡାବାଡି ଗ୍ରାମପଞ୍ଚାୟତ ଅନ୍ତର୍ଗତ କୁସୁମଗାଡ଼ିଆ ଗ୍ରାମରେ ୨ଟି ପରିବାର ବୁଧବାର ଅପରାହ୍ନ ୩ ଘଟିକା ସମୟରେ ବିଦ୍ୟୁତ ସର୍ଟସର୍କିଟି ୪ଟି ବଖରା ଜଳିପୋଡି ପାଉଁଶ ହୋଇଯାଇଛି ।ସୂଚନା ଥାଉକି କୁସୁମଗାଡ଼ିଆ ଗ୍ରାମର କାର୍ତ୍ତିକ ମଳିକ ଓ କୈଳାଶ ଜାନି ଙ୍କ ୨ଟି ପରିବାର ସହ ୪ଟି ବଖରା ବିଦ୍ୟୁତ ସର୍ଟସର୍କଟରେ ଜଳିପୋଡି ପାଉଁଶ ହୋଇଯାଇ ଥିବା ଗ୍ରାମବାସୀଙ୍କ ଠାରୁ ଶୁଣିବାକୁ ମିଳିଛି ।ସେ ସମୟରେ ଉଭୟ ପରିବାର ଲୋକେ ଘରେ ନଥିବାରୁ ଘରେ ଥିବା ଧାନ,ଚାଉଳ,ଲୁଗା ପଟା, କଂସା ବାସନ ଆଦି ସମସ୍ତ ନିତ୍ୟ ବ୍ୟବହାରିକ ମୂଲ୍ୟବାନ ଜିନିଷ ଜଳିପୋଡି ନଷ୍ଟ ହୋଇଥିବା ପରିବାର ଲୋକେ ସୂଚନା ଦେଇଛନ୍ତି ।ଖବର ପାଇ ଦଶପଲ୍ଲା ଅଗ୍ନିଶମ ବିଭାଗ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ କରିଥିଲେ ସୁଧା ୪ଟି ବଖରା ପୋଡ଼ି ପାଉଁଶ ହୋଇଥିଲା ।ଏହି ଖବର ଶୁଣି ଦଶପଲ୍ଲା ବିଧାୟକ ରମେଶ ଚନ୍ଦ୍ର ବେହେରା ଅଗ୍ନି ବିପନ୍ନ ପରିବାରଙ୍କୁ ଭେଟି ସେମାନଙ୍କ ସୁଖ ଦୁଃଖ ବୁଝିବା ସଙ୍ଗେ ସଙ୍ଗେ ଶୁଖିଲା ଖାଦ୍ୟ ବସ୍ତ୍ର ଆଦି ସାମଗ୍ରୀ ପ୍ରଦାନ କରିଥିଲେ ।ଏଥି ସହିତ ଗ୍ରାମର ବିଭିଓ ସମସ୍ୟା ଉପରେ ଗ୍ରାମବାସୀଙ୍କ ଠାରୁ ପଚାରି ବୁଝିଥିଲେ ।ଉଭୟ ପରିବାର ଲୋକେ କିଭଳି ସରକାରୀ ସହାୟତା ପାଇବେ ସେ ନେଇ ପୋଇବାଡି ରାଜସ୍ୱ ନିରୀକ୍ଷକ ଧିରେନ କୁମାର ପଣ୍ଡା ଙ୍କୁ ପରାମର୍ଶ ଦେଇଥିଲେ । ଘଟଣାସ୍ଥଳରେ ପୂର୍ବତନ ପଂଚାୟତ ସମିତି ଅଧକ୍ଷ ଉପେନ୍ଦ୍ର କୁମାର ସାହୁ, ସ୍ଥାନୀୟ ସରପଞ୍ଚ ଦାଶରଥି ନାୟକ ପ୍ରମୁଖ ଉପସ୍ଥିତ ରହିଥିଲେ।

## ଲଙ୍କା ପୋଡି ଯାତ୍ରାର ମୁଖ୍ୟ ଆକର୍ଷଣ କାଷ୍ଠ ନିର୍ମିତ ରାବଣ



ଦଶପଲ୍ଲା (ମହାଭାରତ): ଲଙ୍କାପୋଡି ଯାତ୍ରାର ମୁଖ୍ୟ ଆକର୍ଷଣ ସୀତା ଚୋରୀ। ସନ୍ଧ୍ୟା ସମୟରେ ୩୫ଫୁଟୁର କାଷ୍ଠରେ ନିର୍ମିତ ରାବଣ ମୂର୍ତ୍ତିକୁ ନୀତିରିତୀ ରେ ପୂଜା କରି ଦଣ୍ଡାୟମାନ କରାଯିବା ପରେ ପ୍ରଭୁ ଶ୍ରୀରାମ ଚନ୍ଦ୍ର ଓ ମହାବୀର ଙ୍କୁ ପୂଜାର୍ଚ୍ଚନା କରାଯାଏ ।ଏହା ପରେ ରାତ୍ର ସମୟରେ ଖୋଲା ମଞ୍ଚରେ ରାମଲୀଳା ନାଟକ ସୀତାଚୋରି ଆରମ୍ଭ ହୋଇଥାଏ। ଅଧିକାଂଶରେ ଗୁରୁତ୍ୱ ପୂର୍ଣ୍ଣ ତଥା ଆକର୍ଷଣ ବିଷୟ ଶ୍ରୀରାମ, ଲକ୍ଷ୍ମଣ, ମାତାସିତା ଦେବୀ ପଞ୍ଚବାଟୀ ରେ ରହୁଥିବା ସମୟରେ ରାବଣର ଭଉଣୀ ସୁପର୍ଣଖା ରାମଚନ୍ଦ୍ର ଙ୍କୁ ବିବାହ କରିବା ନିମନ୍ତେ ମାୟାବିନୀ ସୁନ୍ଦରୀ ରୂପରେ ପ୍ରେମ ଭିକ୍ଷା କରେ ।ପ୍ରଥମେ ରାମଚନ୍ଦ୍ର, ପରେ ଲକ୍ଷ୍ମଣ ଏହାକୁ ପ୍ରତ୍ୟାଖାନ କରିବା ଫଳରେ ସୁପର୍ଣ୍ଣଖା ବିକଟାଳ ରୂପ ଧରି ମାତା ସୀତାଦେବୀଙ୍କୁ ମାରିବାକୁ ଉଦ୍ୟକ୍ତ ହୁଅନ୍ତେ ଶ୍ରୀରାମ ଙ୍କ ଆଦେଶରେ ଲକ୍ଷ୍ମଣ ସୁର୍ପଣଖା ର ନାସା, କର୍ଣ୍ଣ ଛେଦନ କରନ୍ତି ।ଅପମାନିତ ହୋଇ ନାକ, କାନକୁ ଧରି ସମ୍ପର୍କୀୟ ଭାଇ ମାନଙ୍କୁ କୁହନ୍ତି ।ଭାଇମାନେ ଆସି ପ୍ରଭୁ ରାମଚନ୍ଦ୍ର ଙ୍କୁ ଆକ୍ରମଣ କରନ୍ତି ।ଶେଷରେ ଭାଇମାନେ ନିଧନ ହୁଅନ୍ତି। ସୁପର୍ଣଖା କୌଣସି ବାଟ ନପାଇ ଲଙ୍କାର ରାଜା ରାବଣଙ୍କୁ ସବୁକଥା କହିଥାଏ ।ଏକଥା ଲଙ୍କାର ରାଜା ରାବଣ ମାତା ସୀତାଙ୍କୁ ଅପହରଣ କରିବା ନିମନ୍ତେ ଆଗଭର ହୋଇଥାଏ. କିନ୍ତୁ ଭାଇ ବିଭୀଷଣ ଓ ରାଣୀ ମନ୍ଦୋଦରୀ ବାରଣ କରିବା ସତ୍ତ୍ୱେ ରାଜା ରାବଣ କର୍ଣ୍ଣପାତ ନ କରି ମାତା ସୀତାଙ୍କୁ ଅପହରଣ କରିବା ନିମନ୍ତେ ପୁଷ୍ପକ ବିମାନ ରେ ବସି ପଞ୍ଚବଟୀ କୁଟୀର ନିକଟକୁ ଆସିଥାଏ ।ମରିଚ ରାକ୍ଷସକୁ ସୁନେଲି ରଙ୍ଗର ହରିଣ ରୂପରେ ପଞ୍ଚବଟୀ କୁଟୀର ନିକଟକୁ ପଠାଇଥାଏ। ମାତା ସୀତା ସୁନେଲି ରଙ୍ଗର ହରିଣର ପୁଚ୍ଛକୁ ଦେଖି ରାମଚନ୍ଦ୍ର ଙ୍କୁ ଆଣିବାକୁ କୁହନ୍ତି ।କିନ୍ତୁ ଲକ୍ଷ୍ମଣ ମାୟା ମୃଗ ହୋଇଥିବ ବୋଲି କୁହନ୍ତି। କିନ୍ତୁ ମାତା ସୀତାଙ୍କ ଅନୁରୋଧ କ୍ରମେ ଶ୍ରୀରାମ ସୁନା ହରିଣ ପଛରେ ଯାଆନ୍ତି। କିଛି ଦୂର ଯିବା ପରେ ଶ୍ରୀରାମଚନ୍ଦ୍ର ତୀର ମାରିବା ସମୟରେ ମାରିଚ ଶ୍ରୀରାମ ଙ୍କ ସ୍ୱରକୁ ନକଲ କରି ତ୍ରାହି ଲକ୍ଷ୍ମଣ ବୋଲି ଡାକନ୍ତି ।ଏହା ଶୁଣି ମାତା ସୀତା ଲକ୍ଷ୍ମନଙ୍କୁ ଯିବାପାଇଁ ଆଦେଶ ଦିଅନ୍ତି। ଲକ୍ଷ୍ମାଣ ଯିବା ପୂର୍ବରୁ ଘର ଆଗରେ ତିନି ଗାର ଟାଣି ଯାଇଥାନ୍ତ ।ଏହା ଦେଖି ଲୁଚିରହିଥିବା ରାବଣ ମାତା ସୀତାଙ୍କୁ ଭିକ୍ଷା ମାଗନ୍ତିୟ ଭିକ୍ଷା ଦେବା ସମୟରେ ସେହି ତିନି ଗାର ଡେଇଁ ଭିକ୍ଷା ଦେବାସମୟରେ ମାତାସୀତାଙ୍କୁ ରାବଣ ହରଣ କରି ପୁଷ୍ପକ ବିମାନ ରେ ଲଙ୍କା କୁ ନେଇଯାଆନ୍ତି ।ଏହି ସୀତାଚୋରି ରାମଲୀଳା ଦେଖିବା ପାଇଁ ପ୍ରବଳ ଭିଡ଼ ହୋଇଥାଏ।

# ୮୦ ପରିବାରକୁ ଗୋଟିଏ ନଳକୂପ



କପ୍ତିପଦା -(ମହାଭାରତ ):କପ୍ତିପଦା - ପରିବାରର ଶୋଷ ମେଣ୍ଟାଇବାକୁ ହେଲେ ସକାଳୁ ଯାଇ ଜଗିବାକୁ ପଡିବ। ନ ହେଲେ ପାଣି ବୁନ୍ଦାଏ ପାଇବା କଷ୍ଟକର। ଯେଉଁଥିପାଇଁ ସକାଳ ପାହିଲେ ରାସ୍ତା କଡ଼ ନଳକୂପ ମୂଳରେ ଲାଗେ ଭିଡ଼। ଗ୍ରାମ ଭିତରେ ଘରେ ଘରେ ଛିଡା ହୋଇଛି ପାଣି ପାଇପ ଷ୍ଟାଣ୍ଡ, ଆଉ ଗାଁ ଦାଣ୍ଡରେ ବିଛା ହୋଇଛି ପାଇପ। ୪ ବର୍ଷ ରୁ ଅଧିକ ହେବ ଏହିପରି ନିରବ ଭାବେ ପାଣି ପାଇପ ଷ୍ଟାଣ୍ଡ ଛିଡା ହୋଇଥିବା ବେଳେ କେବେ ହେଲେ ବୁନ୍ଦାଏ ପାଣି ବାହାରି ନାହିଁ। କେବଳ ସେତିକି ନୁହେଁ ଗ୍ରାମ ଭିତରେ ରହିଛି ଦୁଇଟି ନଳକୂପ, ଯାହା ଦୀର୍ଘ ବର୍ଷ ହେବ ଅଚଳ, ସେଥିପାଇଁ ତ ସକାଳ ପାହିଲେ ଗାଁ ରାସ୍ତା ପାର୍ଶ୍ୱରେ ଥିବା ଏକ ନଳକୂପ ମୂଳେ ଲାଗେ ଭିଡ଼। ଧାଡିରେ ରହିଥାଏ ଗରା ଓ ବାଲଟି, ଆଉ ନିଜ ପାଳି କୁ ଅପେକ୍ଷା କରି ରାସ୍ତା ପାର୍ଶ୍ୱରେ ଜଗିଥାନ୍ତି ମହିଳା। କପ୍ତିପଦା ବ୍ଲକ ଯେଏସଜାମୁଡିହା ପଞ୍ଚାୟତ ଭଣ୍ଡାରିପାଳ ଗ୍ରାମକୁ ପଶିଲେ ଆପଣଙ୍କୁ ସକାଳୁ ଦେଖିବାକୁ ମିଳିବ ଏପରି ଚିତ୍ର। କାହିଁକି ନା ଆଗୁଆ ଆସି ନଳକୂପ ମୂଳେ ନ ଜଗିଲେ ପାଣି ବୁନ୍ଦାଏ ପାଇବା କଷ୍ଟ। ଏହି ଭଣ୍ଡାରିପାଳ ଗ୍ରାମରେ ୭୦ ରୁ ଅଧିକ ପରିବାର ବସବାସ କରନ୍ତି। ହେଲେ ଗ୍ରାମବାସୀଙ୍କ ପାଇଁ ପାଣି ବୁନ୍ଦାଏ ଯୋଗାଡ଼ କରିବା ସବୁଦିନ ସଂଘର୍ଷ ପାଲଟିଛି। କାହିଁକି ନା ଏହି ୭୦ ପରିବାର ପାଇଁ ଗ୍ରାମରେ ଥିବା ୩ ଗୋଟି ନଳକୂପ ଭିତରୁ ଗୋଟିଏ ନଳକୂପ ହିଁ କାର୍ଯ୍ୟକ୍ଷମ, ୨ ଗୋଟି ନଳକୂପ ଦୀର୍ଘ ବର୍ଷ ହେବ ଅଚଳ ହୋଇ ପଡ଼ିରହିଛି। ସେହିପରି ଘରେ ଘରେ ଲାଗିଥିବା ପାଣି ପାଇପ ଷ୍ଟାଣ୍ଡ ପୋଷ୍ଟରେ କେବେ ହେଲେ ପାଣି ଯୋଗାଇ ଦିଆଯାଇନାହିଁ ଯେଉଁଥିପାଇଁ ଗୋଟିଏ ନଳକୂପ ମୂଳେ ସକାଳ ପାହିଲେ ସମସ୍ତେ ଧାଡି ଲଗାଇ ବସିଥାନ୍ତି। କାହିଁକି ସେହି ନଳକୂପ ରୁ ଅଳ୍ପ କେଇ ଗରା ଶୁଦ୍ଧ ପାଣି ବାହାରିବା ପରେ ଖରାପ ପାଣି ବାହାରିଥାଏ। କେବଳ ଯେ ସେତିକି ତାହା ନୁହେଁ ସେହି ନଳକୂପ ମୂଳେ ଗାଧୁଆ, ଲୁଗାଧୁଆ ଠାରୁ ଆରମ୍ଭ କରି ସମସ୍ତ କାର୍ଯ୍ୟ କରାଯାଇଥାଏ, ଯାହା ପାଇଁ ଅନେକ ସମୟରେ ଝଗଡା ମଧ ସୃଷ୍ଟି ହୁଏ। ଗ୍ରାମବାସୀମାନେ ବାରମ୍ବାର ଜନ ପ୍ରତିନିଧିଙ୍କ ଠାରୁ ଆରମ୍ଭ କରି ବ୍ଲକ ପ୍ରଶାସନ ସମସ୍ତଙ୍କୁ ଅବଗତ କରାଇଥିଲେ ସୁଦ୍ଧା କେହି ତାଙ୍କ ଜଳଯାତନା ଶୁଣୁ ନ ଥିବା ଅଭିଯୋଗ କରିଛନ୍ତି ଗ୍ରାମବାସୀ। ସବୁପରେ ସରକାର ପାନୀୟ ଜଳ ଯୋଗାଇ ନେଇ ସଜାଗ ରହିଥିବା ବେଳେ ବ୍ଲକ ପ୍ରଶାସନ କିମ୍ବା ବିଭାଗୀୟ ଅଧିକାରୀ ଏଥିପ୍ରତି ନଜର ନ ଦେବା ଆଶ୍ଚର୍ଯ୍ୟଜନକୟ କେବେ ଗ୍ରାମବାସୀଙ୍କ ଜଳ କଷ୍ଟ ଦୂର ହେଉଛି ତାହା ଦେଖିବାକୁ ବାକି ରହିଲା।

## ବିଶ୍ୱଜିତ ରାଜ ହେଲେ ନୀଳାଚଳ ମିଳିତ ମଞ୍ଚର ସଭାପତି

ଦାନଗଦି: (ମହାଭାରତ) ଶ୍ରମୀଙ୍କକ ପାଇଁ ଅଣ୍ଟା ଭିଡ଼ିଲେ ବିଶ୍ଜିତ ରାଜ ଯାଜପୁର ଜିଲ୍ଲା କଳିଙ୍ଗନଗରସ୍ଥିତ ଡୁବୁରୀଠାରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଶ୍ରମିକନେତା ବିଶ୍ୱଜିତ ରାଜ ଅଧ୍ୟକ୍ଷତା କରିଥିଲେ। କଳିଙ୍ଗନଗର ଶିଳ୍ପା□ଳରେ ନୀଳାଚଳ ମିଳିତ ମଞ୍ଚ ଏକମାତ୍ର ସଂଗଠନ ଯେକି କାରଖାନାର ଦୁର୍ଦ୍ଦିନ ପରିସ୍ଥିତିରେ କର୍ମଚାରୀଙ୍କ ଜୀବନ ଜୀବିକା ରେ ତୃଟି ଆସୁଥିବା ବେଳେ ଶ୍ରମିକଙ୍କ ସ୍ୱାର୍ଥରେ ଅଣ୍ଟାଭିଡ଼ି ଶ୍ରମିକଙ୍କ ହକ ପାଇଁ ଦୀର୍ଘ ଦିନ ଧରି ଲଢେଇ କରିଛି ବୋଲି ବିଶ୍ୱଜିତ ରାଜ କହିଥିଲେ। ଏହାପରେ ମଞ୍ଚର ସଭାପତି ଭାବେ ବିଶ୍ୱଜିତରାଜ ଙ୍କୁ ଚୟନ କରାଯାଇ ତାଙ୍କୁ ସଭାପତି ଭାବେ ନିର୍ବାଚିତ କରାଯାଇଥିଲା ।ସର୍ବ ସହମତିକ୍ରମେ ସେ ନିର୍ବାଚିତ ହେବାପରେ ତାଙ୍କୁ କଳିଙ୍ଗନଗରର ବିଭିଓ କାରଖାନା କର୍ମଚାରୀ ସ୍ୱାଗତ ଜଣାଇଥିଲେ।

## ମହାରାଷ୍ଟ୍ରରେ ନକ୍ସଲ ପୁଅକୁ ଘରକୁ ଫେରିଆସିବାକୁ ବାପାର ଭାବପ୍ରବଣ ନିବେଦନ

ଗଡ଼ଚିରୋଲି: ନକ୍ସଲବାଦ ଦେଶରେ ଶେଷନିଶ୍ୱାସ ନେଉଥିବାବେଳେ ଏକଦା ମାଓବାଦୀଙ୍କ ଗଡ଼ ଥିବା ମହାରାଷ୍ଟ୍ରର ଗଡ଼ଚିରୋଲି ଛତିଶଗଡ଼ର ବସ୍ତର ପରି ବର୍ତ୍ତମାନ ନକ୍ସଲ ମୁକ୍ତ ଅଞ୍ଚଳ ଭାବେ ପରିଗଣିତ ହେଉଛି । ଦେଶରେ ମାଓବାଦୀଙ୍କ ସଙ୍ଗଠନ ଭାଙ୍ଗି ଯାଇଥିବାବେଳେ ମାତ୍ର କେତେଜଣ ହାତଗଣତି ମାଓ ନେତା ଆମସର୍ମପଣ କରିନାହାନ୍ତି । ଏପରିସ୍ଥଳେ ନିଜର ମାଓବାଦୀ ପୁଅକୁ ଘରକୁ ଫେରିଆସିବାକୁ ମହାରାଷ୍ଟ୍ର ଜଣେ ଅସହାୟ ବାପା ଆକୁଳ ନିବେଦନ କହିଛନ୍ତି ଏଟପଲ୍ଲି ଗିଲନଗୁଡା ଏକ ଉପାନ୍ତ ଗାଁର



ଜୟରାମ ଓରଫ ନନ୍ଦୁ ମୋଙ୍ଗେ ଗଭାଡେ ମହାରାଷ୍ଟ୍ର ପୁଲିସ ରେକର୍ଡ଼ରେ ରହିଯାଇଥିବା ଶେଷ ଛଅଜଣ ମାଓବାଦୀଙ୍କ ମଧ୍ୟରୁ ଜଣେ । ଜୟରାମ ୧୪ ବର୍ଷ ପୂର୍ବେ ଘର କାମକୁ ନେଇ ବାପାଙ୍କ ଗାଳି ପରେ ରାଗିକରି ଘର ଛାଡ଼ି ପଳାଇଥିଲେ । ସେତେବେଳେ ଜୟରାମଙ୍କୁ ମାତ୍ର ୧୭ ବର୍ଷ ହୋଇଥିଲା । ସେ ମାଓବାଦୀଙ୍କ ସହିତ ମିଶି ଅସ୍ତ୍ର ଉଠାଇଥିଲେ ଓ ଆଉ ଘରକୁ ଫେରିନଥିଲେ । ମାଓବାଦୀଙ୍କ ମୂଳୋତ୍ପାଟନ ପାଇଁ ସରକାରୀ ସମୟସୀମା ପରେ ଏବେ ସୁରକ୍ଷା ବାହିନୀ ତାଙ୍କୁ ଖୋଜୁଛି । ଏଣେ ପୁଅର ସୁରକ୍ଷା ନେଇ ଚିନ୍ତିତ ହୋଇପଡ଼ିଛନ୍ତି ବାପା ମୋଙ୍ଗେ ଗଭାଡେ । ଏନ୍ ?ଡିଟିଭି ସହିତ କଥାବାର୍ତ୍ତାବେଳେ ଏକ ଭିଡିଓ ବାର୍ତ୍ତାରେ ମୋଙ୍ଗେ ଗଭାଡେ ତାଙ୍କ ପୁଅକୁ ଘରକୁ ନିଜ ଲୋକଙ୍କ ପାଖକୁ ଫେରିଆସିବାକୁ ନିବେଦନ କରିଛନ୍ତି । ମୋଙ୍ଗେ କହିଛନ୍ତି, ତୁମର ବରିଷ୍ଠ କମ୍ରେଡ ଓ ନେତାମାନେ ଦଳ ଛାଡ଼ିସାରିଲେଣି । ତାହାହେଲେ ତୁମେ କାହିଁକି ଜଙ୍ଗଲରେ ଏକୁଟିଆ ରହି ଏତେ କଷ୍ଟ ସହୁଛ । ବନ୍ଧୁକ ଛାଡ଼ି ନିଜ ଲୋକଙ୍କ ପାଖକୁ ଚାଲି ଆସ । ସୁରକ୍ଷା ବାହିନୀର ସୂତ୍ର ଅନୁସାରେ ଗାଭାଡେ ମାଓବାଦୀଙ୍କ କମ୍ପାନୀ ନମ୍ବର ୧୦ର ସଦସ୍ୟ । ଶେଷ ୬ ମାଓବାଦୀଙ୍କ ମଧ୍ୟରେ ୪ ଜଣ ମହିଳା ନକ୍ସଲଙ୍କ ବ୍ୟତୀତ ଡିଭିଜିନାଲ କମିଟି ସଦସ୍ୟ ରାଜୁ ୱେକୋ ଓ ଜୟରାମ ଗଭାଡେ ଅଛନ୍ତି । ଜୟରାମଙ୍କୁ ଛାଡ଼ିଦେଲେ ଅନ୍ୟ ୫ ଜଣ ଛତିଶଗଡ଼ର । ଏକଦା ପୁଲିସ ଓ ଲୋକଙ୍କ ଭିତରେ ଭୟ ସୃଷ୍ଟି କରୁଥିବା ଏହି ନକ୍ସଲ ଦଳର ଅଧିକାଂଶ ସଦସ୍ୟଙ୍କ ମତ୍ୟୁ ହୋଇସାରଥିବା ବେଳେ ଆଉ କେତେଜଣ ରାଜ୍ୟ ସରକାରଙ୍କ ଲୋଭନୀୟ ପ୍ରସ୍ତାବ ଯୋଗୁ ଆତ୍ମସମର୍ପଣ କରୁଛନ୍ତି । ଗଡଚିରୋଲିରେ ଗତ କିଛିବର୍ଷ ଭିତରେ ସୁରକ୍ଷାକର୍ମୀଙ୍କ ଅପରେସନରେ ବହୁ ନକ୍ସଲ ନିହତ ହୋଇଛନ୍ତି । ଏପ୍ରିଲ ୨୦୧୮ରେ ଗଡ଼ଚିରୋଲିରେ ଦୁଇଟି ବଡ଼ ଅପରେସନରେ ୪୦ରୁ ଅଧିକ ମାଓବାଦୀ ନିହତ ହୋଇଥିଲେ । ମାର୍ଚ୍ଚ ୩୧ରେ କେନ୍ଦ୍ର ସରକାର ମହାରାଷ୍ଟ୍ରକୁ ନକ୍ସଲମୁକ୍ତ ଘୋଷଣା କରିଥିଲେ ।

## ପ୍ରଫେସର ଏବଂ ଅନ୍ୟାନ୍ୟ ଶିକ୍ଷକ ପଦବୀ ପାଇଁ ଜାରି ହେଲା ନିଯୁକ୍ତି ବିଜ୍ଞପ୍ତି



ନୂଆଦିଲ୍ଲୀ: ସେଣ୍ଟ୍ରାଲ ୟୁନିଭର୍ସିଟି ଅଫ ହିମାଚଳ ପ୍ରଦେଶ ପ୍ରଫେସର ଏବଂ ଅନ୍ୟାନ୍ୟ ଶିକ୍ଷକ ପଦବୀ ପାଇଁ ଏକ ନିଯୁକ୍ତି ବିଜ୍ଞପ୍ତି ଜାରି କରିଛି । ମୋଟ ୨୫ଟି ପଦବୀ ପାଇଁ ଅନଲାଇନ୍ ଆବେଦନ ପ୍ରକ୍ରିୟା ଆରମ୍ଭ ହୋଇଛି । ଫର୍ମ ଦାଖଲର ଶେଷ ତାରିଖ ଏପ୍ରିଲ ୨୭ ତାରିଖ ପର୍ଯ୍ୟନ୍ତ ଅଛି । ଏହି ନିଯୁକ୍ତିରେ ଛଅଟି ପ୍ରଫେସର ପଦବୀ, ସାତଟି ସହଯୋଗୀ ପ୍ରଫେସର ପଦବୀ ଏବଂ ୧୨ଟି ସହାୟକ ପ୍ରଫେସର ପଦବୀ ପୂରଣ କରାଯିବ । ଏହାର ଅର୍ଥ ହେଉଛି ମୋଟ ୨୫ ପଦବୀ ପୂରଣ କରିବା ପାଇଁ ନିଯୁକ୍ତି ରହିଛି । ଆବେଦନକାରୀମାନେ ଏକ ସ୍ୱୀକୃତିପ୍ରାପ୍ତ ବିଶ୍ୱବିଦ୍ୟାଳୟ କିମ୍ବା ପ୍ରତିଷ୍ଠାନରୁ ପ୍ରାସଙ୍ଗିକ ବିଷୟରେ ମାଷ୍ଟର ଡିଗ୍ରି କରିଥିବା ଅନିବାର୍ଯ୍ୟ । ଏହାସହ ନିଟ, ଏସ୍ଇଟି, ଏସଏଲଇଟି ଓ ପିଏଚଡିର ଡିଗ୍ରି ଥିବା ଆବଶ୍ୟକ । ଏହି ନିଯୁକ୍ତି ଅଧୀନରେ ମନୋନୀତ ପ୍ରାର୍ଥୀମାନଙ୍କୁ ସେମାନଙ୍କ ପଦବୀ ଅନୁଯାୟୀ ୫୭,୭୦୦ ରୁ ୨,୧୮,୨୦୦ଟଙ୍କା ପର୍ଯ୍ୟନ୍ତ ମାସିକ ଦରମା ମିଳିବ । ହିମାଚଳ ପ୍ରଦେଶ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର ସରକାରୀ ୱେବସାଇଟ୍ ପରିଦର୍ଶନ କରନ୍ତୁ । ହୋମପେଜରେ ଥିବା ଆବେଦନ ଲିଙ୍କ୍ ଉପରେ କ୍ଲିକ୍ କରନ୍ତୁ । ପ୍ରାର୍ଥୀମାନଙ୍କୁ ପ୍ରଥମେ ପଞ୍ଜୀକରଣ କରିବାକୁ ପଡିବ । ପଞ୍ଜୀକରଣ ପରେ, ଲଗ୍ ଇନ୍ କରନ୍ତୁ । ସମସ୍ତ ଆବଶ୍ୟକୀୟ ସୂଚନା ଠିକ୍ ଭାବରେ ପୁରଣ କରନ୍ତୁ । ଆବଶ୍ୟକୀୟ ଡକ୍ୟୁମେଣ୍ଟଗୁଡ଼ିକୁ ଠିକ୍ ଆକାରରେ ଅପଲୋଡ୍ କରନ୍ତୁ । ଆବେଦନ ଶୁଳ୍କ ଦେଇ ଫର୍ମ ଦାଖଲ କରନ୍ତୁ ।

# ହର୍ମୁଜ୍ ଖୋଲିବା ପାଇଁ ବାହାରିନ୍ ପ୍ରସ୍ତାବ ଉପରେ ଭୋଟ୍ ଦେବ ୟୁଏନ୍ ଏସ୍ସି

ତେହେରାନ୍: ହର୍ମୁଜ୍ ପ୍ରଣାଳୀ ଦେଇ ଜାହାଜର ସୁରକ୍ଷିତ ପରିବହନ ପାଇଁ ଜାତିସଂଘ ସୁରକ୍ଷା ପରିଷଦ (ୟୁଏନ୍ଏସ୍ସି) ବାହାରିନ ଦ୍ୱାରା ପ୍ରାୟୋଜିତ ଏକ ପ୍ରସ୍ତାବ ଉପରେ ଭୋଟ ଦେବାକୁ ଯାଉଛି । ତେବେ ଏହି ପ୍ରସ୍ତାବ ଆକ୍ରମଣାତ୍ମକ ନୁହେଁ, ବରଂ ଶାନ୍ତିପୂର୍ଣ୍ଣ ଭାବେ ପ୍ରତିରକ୍ଷା ମାଧ୍ୟମରେ ହର୍ମୁଜ ପ୍ରଣାଳୀ ଖୋଲିବା ଉପରେ ଗୁରୁତ୍ୱ ଦେଇଛି । ଏହି ପ୍ରସ୍ତାବକୁ ୬ଟି ଗଲ୍ଫ ଦେଶ ଓ ଜୋର୍ଡ଼ାନ ସମର୍ଥନ କରିଛନ୍ତି । ବିଶ୍ୱର ଏକ ଚତୁର୍ଥାଂଶ ତୈଳ ହର୍ମୁଜ ପ୍ରଣାଳୀ ଦେଇ ପରିବହନ ହେଉଛି । ହର୍ମୁଜ ପ୍ରଣାଳୀ ବନ୍ଦ ଥିବାରୁ ଅନେକ ଦେଶ ଶକ୍ତି ସଙ୍କଟ ଦେଇ ଗତି କରୁଛନ୍ତି । ଆସୋସିଏଟେଡ ପ୍ରେସ୍ ରିପୋର୍ଟ ଅନୁଯାୟୀ ଚୂଡ଼ାନ୍ତ ପ୍ରସ୍ତାବରେ ପୁରୁଣା ପ୍ରସ୍ତାବଗୁଡ଼ିକୁ ରଖାଯାଇନାହିଁ । ପୂର୍ବ ପ୍ରସ୍ତାବରେ ସାମରିକ କାର୍ଯ୍ୟାନୁଷ୍ଠାନ ପରି ସମସ୍ତ ଆବଶ୍ୟକୀୟ ପଦକ୍ଷେପ ରହିଥିଲା । ସଦ୍ୟ ପ୍ରସ୍ତୁତ ଚୂଡ଼ାନ୍ତ ଡ୍ରାଫ୍ଟରେ ଦେଶଗୁଡ଼ିକୁ ଅତି କମ୍ ଛଅ ମାସ ପାଇଁ ଅନ୍ତର୍ଜାତୀୟ ନୌପରିବହନରେ ହସ୍ତକ୍ଷେପ କରିବାର ପ୍ରୟାସକୁ ରୋକିବା ଏବଂ ହର୍ମୁଜ ପ୍ରଣାଳୀ ଏବଂ ସଂଲଗ୍ନ ଜଳରାଶିରେ ସମସ୍ତ ପ୍ରତିରକ୍ଷା ଉପାୟ ବ୍ୟବହାର କରିବାକୁ ଅନୁମତି ଦେବାକୁ ପ୍ରସ୍ତାବ ରହିଛି । ୧୫ ଜଣିଆ ସୁରକ୍ଷା ପରିଷଦରେ ଆମେରିକା, ବ୍ରିଟେନ, ଚୀନ୍, ଫ୍ରାନ୍ସ ଓ ରୁଷ୍ ପରି ୫ ଜଣ ସ୍ଥାୟୀ ସଦସ୍ୟ ଅଛନ୍ତି । ପାଞ୍ଚ ସ୍ଥାୟୀ ସଦସ୍ୟଙ୍କ ମଧ୍ୟରୁ ଯେକୌଣସି ସଦସ୍ୟ ନିଜର କିମ୍ବା ଏହାର ସହଯୋଗୀଙ୍କ ସ୍ୱାର୍ଥକୁ ସୁରକ୍ଷା ଦେବା ପାଇଁ ପ୍ରସ୍ତାବ ଉପରେ ଭିଟୋ ପ୍ରୟୋଗ କରିପାରିବେ । ତେବେ ସମ୍ଭାବ୍ୟ ଆକ୍ରମଣାତ୍ମକ କାର୍ଯ୍ୟାନୁଷ୍ଠାନକୁ ଅନୁମୋଦନ କରୁଥିବା ପୂର୍ବ ଡ୍ରାଫ୍ଟକୁ ରୁଷ୍ ଏବଂ ଚୀନ୍ ଦୃଢ଼ ବିରୋଧ କରିଥିଲେ ।



ଅନ୍ୟପକ୍ଷରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ପୁଣି ଥରେ ଇରାନକୁ କଡ଼ା ଚେତାବନୀ ଦେଇଛନ୍ତି । ଟ୍ରମ୍ପ ଟ୍ରୁଥ୍ ସୋସିଆଲରେ ଲେଖିଛନ୍ତି, ଇରାନରେ ଯାହା ରହିଯାଇଛି ଆମେରିକା ସେନା ବର୍ତ୍ତମାନ ତାକୁ ଧ୍ୱଂସ କରିବା ଆରମ୍ଭ କରିନାହାନ୍ତି । ସେତୁ ଓ ତା' ପରେ ବିଦ୍ୟୁତ ଶକ୍ତି କେନ୍ଦ୍ର ଉପରେ ଆକ୍ରମଣ କରାଯିବ । ଇରାନ ରାଜଧାନୀ ତେହେରାନ ଓ କରାଜ୍ ସହରକୁ ଯୋଡୁ ଥିବା ବିୱାନ ସେତୁକୁ ଆମେରିକା ଗୁରୁବାର ଉଡ଼େଇ ଦେବାପରେ ଏହି ଚେତାବନୀ ଜାରି କରିଛି । ବିଦ୍ୟୁତ ଶକ୍ତି କେନ୍ଦ୍ର ପରି ବେସାମରିକ ଭିତ୍ତିଭୂମି ନଷ୍ଟ କରିବା ଆନ୍ତର୍ଜାତିକ ନିୟମର ଉଲ୍ଲଂଘନ ହେବ ବୋଲି ଆମେରିକାରେ ଆଇନ ବିଶେଷଜ୍ଞ ଚେତାଇ ଦେଇଛନ୍ତି । ଟ୍ରମ୍ପ କହିଛନ୍ତି, ଇରାନ ନେତୃବର୍ଗଙ୍କୁ କ'ଣ କରିବାର ଅଛି ସେମାନେ ଜାଣନ୍ତି, ସେମାନେ ତାହା ତୁରନ୍ତ କରନ୍ତୁ । ଯୁଦ୍ଧ ଶେଷ କରିବାକୁ ତାଙ୍କର ଦାବି ନମାନିଲେ ଅଧିକ ଭୟଙ୍କର ଆକ୍ରମଣ ହେବ ବୋଲି ଆମେରିକା ରାଷ୍ଟ୍ରପତି ଚେତାବନୀ ଦେଇଛନ୍ତି । ତେବେ ଟ୍ରମ୍ପଙ୍କ ଧମକକୁ ବେଖାତିର କରି ଇରାନ ଆକ୍ରମଣ ଜାରି ରଖିବାକୁ ପଣ କରିଛି ।

## ଇରାନ ଖସାଇଲା ଏଫ-୩୫ ଯୁଦ୍ଧ ବିମାନ !

ଇରାନ ଖସାଇଲା ଏଫ-୩୫ ଯୁଦ୍ଧ ବିମାନ । ଆକାଶ ମାର୍ଗରେ ଆମେରିକାର ଦ୍ୱିତୀୟ ଏଫ-୩୫ ଯୁଦ୍ଧ ବିମାନକୁ ଖସାଇଥିବା ଇରାନ ଦାବି କରିଛି । ଇରାନର ସରକାରୀ ଗଣମାଧ୍ୟମ 'ମେହେର ନ୍ୟୁଜ୍ ଏଜେନ୍ସି' ଅନୁଯାୟୀ ଇରାନ ନିଜର ଏୟାର ଡିଫେନ୍ସ ସିଷ୍ଟମ ସାହାଯ୍ୟରେ ଆମେରିକାର ଅତି ଆଧୁନିକ ଏଫ-୩୫ ଷ୍ଟିଲଥ୍ ଫାଇଟର ଜେଟକୁ ଖସାଇ ଦେଇଛି । ଇରାନ ଦାବି କରିଛି ଯେ, ଏହା ଆମେରିକାର ଦ୍ୱିତୀୟ ଏଫ-୩୫ ବିମାନ ଯାହାକୁ ସେମାନେ ଟାର୍ଗେଟ କରିଛନ୍ତି । ଏହା ପୂର୍ବରୁ ମାର୍ଚ୍ଚ ମାସରେ ମଧ୍ୟ ଏକ ବିମାନକୁ ଖସାଇଥିବା ନେଇ ଇରାନ ଦାବି କରିଥିଲା । ଅନ୍ୟପଟେ ଆମେରିକାର ସେନା ଏହି ଦାବିକୁ ଖଣ୍ଡନ କରିଛି । କହିଛି, ଗତ ମାସରେ ଗୋଟିଏ ବିମାନ କ୍ଷତିଗ୍ରସ୍ତ ହୋଇ ଜରୁରୀକାଳୀନ ଅବତରଣ କରିଥିଲା । କିନ୍ତୁ କୌଣସି ବିମାନ ସମ୍ପୂର୍ଣ୍ଣ ନଷ୍ଟ ହୋଇନାହିଁ ।

## ବ୍ରିଟେନର ହର୍ମୁଜ ପ୍ରଣାଳୀ ସମ୍ମିଳନୀ: ଭାରତ କହିଲା ନାବିକ ହରାଇବାରେ ଆମେ ଏକମାତ୍ର ଦେଶ




ନୂଆଦିଲ୍ଲୀ: ଗୁରୁତ୍ୱପୂର୍ଣ୍ଣ ହର୍ମୁଜ ପ୍ରଣାଳୀ ଖୋଲିବାକୁ ନେଇ ବ୍ରିଟେନ ଡାକି ଥିବା ବୈଠକରେ ଭାରତ ଅଂଶଗ୍ରହଣ କରିଛି । ଗୁରୁବାର ଅନୁଷ୍ଠିତ ବୈଠକରେ ଭାରତ କହିଛି ଯେ, ହର୍ମୁଜ ପ୍ରଣାଳୀରେ ନାବିକ ହରାଇବାରେ ଏହା ଏକମାତ୍ର ଦେଶ । ନୂଆଦିଲ୍ଲୀ ମଧ୍ୟ ସାମୁଦ୍ରିକ ନୌଚାଳନା ସ୍ୱାଧୀନତାର ନୀତିର ଗୁରୁତ୍ୱ ଉପରେ ଗୁରୁତ୍ୱାରୋପ କରିଥିଲା । ୬୦ ରୁ ଅଧିକ ଦେଶ ଯୋଗ ଦେଇଥିବା ଏହି ଭର୍ଚୁଆଲ୍ ସମ୍ମିଳନୀରେ ବୈଦେଶିକ ସଚିବ ବିକ୍ରମ ମିଶ୍ରି ଭାରତ ପକ୍ଷରୁ ପ୍ରତିନିଧିତ୍ୱ କରିଥିଲେ । ମଧ୍ୟପ୍ରାଚ୍ୟରେ ଚାଲିଥିବା ବିବାଦର ସମାଧାନ ପାଇଁ କୂଟନୀତି ସବୁଠାରୁ ସମ୍ଭାବ୍ୟ ପଥ ବୋଲି ବୈଦେଶିକ ସଚିବ ଭାରତର ସରକାରଙ୍କ ମତକୁ ଦୋହରାଇଥିଲେ । ଉତ୍ତେଜନା ହ୍ରାସ କରିବା ଏବଂ ସମସ୍ତ ସମ୍ପୃକ୍ତ ପକ୍ଷଙ୍କ ମଧ୍ୟରେ କୂଟନୀତି ଏବଂ ଆଲୋଚନାର ପଥକୁ ଫେରିବା ଏହି ସଙ୍କଟରୁ ବାହାରିବାର ଏକମାତ୍ର ମାର୍ଗ ବୋଲି ଭାରତ କହିଥିଲା । ଖବର ସରବରାହ ସଂସ୍ଥା ଏଏନ୍ଆଇ ସୂତ୍ରରୁ ମିଳିଥିବା ରିପୋର୍ଟ ଅନୁଯାୟୀ ମିଶ୍ରି, ଭାରତର ଶକ୍ତି ସୁରକ୍ଷା ଉପରେ ସଙ୍କଟର ପ୍ରଭାବ ଉପରେ ଗୁରୁତ୍ୱାରୋପ କରିବା ସହିତ ଭାରତ ଏକମାତ୍ର ଦେଶ ଯିଏକି ଉପସାଗରରେ ବାଣିଜ୍ୟିକ ଜାହାଜ ଉପରେ ଆକ୍ରମଣରେ ଏହାର ନାବିକମାନଙ୍କୁ ହରାଇଛି ବୋଲି କହିଥିଲା । ଜାହାଜ ଚଳଚଳ ନିର୍ଦ୍ଦେଶାଳୟ ତଥ୍ୟ ଅନୁଯାୟୀ, ଭାରତ ୩ ଜଣ ନାବିକ ହର୍ମୁଜ ପ୍ରଣାଳୀରେ ଆକ୍ରମଣ ଯୋଗୁ ନିହତ ହୋଇଛନ୍ତି । ଏମାନେ ସମସ୍ତେ ବିଦେଶୀ ପତାକା ବହନ କରୁଥିବା ଜାହାଜରେ କାମ କରୁଥିଲେ । ବିଶ୍ୱର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଶକ୍ତି କରିଡର ମଧ୍ୟରୁ ଗୋଟିଏ ହର୍ମୁଜ ପ୍ରଣାଳୀରେ ସ୍ଥିରତା ସୁନିଶ୍ଚିତ କରିବା ପାଇଁ ଦେଶଗୁଡ଼ିକ ସମନ୍ୱୟ ବୃଦ୍ଧି କରିବାକୁ ବ୍ରିଟେନ ନେତୃତ୍ୱରେ ଏହି ବୈଠକ ଅନୁଷ୍ଠିତ ହୋଇଥିଲା ।

ବିଦେଶ ମନ୍ତ୍ରଣାଳୟ ଅନୁଯାୟୀ, ଜାହାଜ ଚଳାଚଳ ରାସ୍ତା ଖୋଲା ରଖିବାକୁ ଭାରତ ମଧ୍ୟ ଇରାନ ସମେତ ମଧ୍ୟପ୍ରାଚ୍ୟର ଆଞ୍ଚଳିକ ଦେଶମାନଙ୍କ ସହିତ ଯୋଗାଯୋଗ କରୁଛି । ବ୍ରିଟେନର ବୈଦେଶିକ ସଚିବ ୟେଭେଟ୍ କୁପରଙ୍କ ଅନୁଯାୟୀ, ଆଲୋଚନାର ଉଦ୍ଦେଶ୍ୟ ଥିଲା ହର୍ମୁଜ୍ ପ୍ରଣାଳୀକୁ ପୁନଃ ଖୋଲିବା ପାଇଁ ଅନ୍ତର୍ଜାତୀୟ ଦୃଢ଼ତାର ଶକ୍ତି ପ୍ରଦର୍ଶନ କରିବା । ବ୍ରିଟେନର ବିଦେଶ ମନ୍ତ୍ରୀ କହିଛନ୍ତି, ତୈଳର ଅଭାବ ଯୋଗୁଁ ବିଶ୍ୱରେ ପ୍ରତ୍ୟେକ ଦେଶରେ ଦରଦାମ ବୃଦ୍ଧି ଯୋଗୁଁ ଘରୋଇ ଓ ବ୍ୟବସାୟ ଉଭୟ ପ୍ରଭାବିତ ହୋଇଛନ୍ତି ।

## ଇରାନ୍ ସବୁଠାରୁ ବଡ଼ ବ୍ରିଜ୍ ଉପରେ ଆମେରିକାର ଆକ୍ରମଣ, ୮ ମୃତ

ନୂଆଦିଲ୍ଲୀ : ଇସ୍ରାଏଲ-ଆମେରିକା ଏବଂ ଇରାନ୍ ଯୁଦ୍ଧ ୩୫ ତମ ଦିନରେ ପହଞ୍ଚିଛି । ଉଭୟ ପକ୍ଷରେ ଯୁଦ୍ଧ ଜାରି ରହିଛି । ଆମେରିକା ଇରାନର ସବୁଠାରୁ ବଡ଼ ବ୍ରିଜକୁ ଧ୍ୱଂସ କରିଦେଇଛି । ଏହାରି ମଧ୍ୟରେ ଇରାନ୍ ଇସ୍ରାଏଲର ରାଜଧାନୀ ତେଲ-ଅଭିଭରୁ ଆରମ୍ଭ କରି ମଧ୍ୟପ୍ରାଚ୍ୟ ପର୍ଯ୍ୟନ୍ତ ଆମେରିକୀୟ ଘାଟି ଉପରେ ମିସାଇଲ ଏବଂ ଡ୍ରୋନ୍ ଆକ୍ରମଣ କରିଛି । ଆମେରିକା ଦ୍ୱାରା ଇରାନର ବଡ଼ ବ୍ରିଜ୍ ଉପରେ ହୋଇଥିବା ଆକ୍ରମଣରେ ୮ ଜଣଙ୍କର ମୃତ୍ୟୁ ଘଟିଥିଲାବେଳେ ୯୫ ଜଣ ଆହତ ହୋଇଥିବା ଜଣାପଡିଛି । ହରମୁଜର ପ୍ରଣାଳୀ ଏବେ ଚିନ୍ତାର ବିଷୟ ପାଲଟିଛି । ଟ୍ରମ୍ପଙ୍କ ଦ୍ୱାରା ଏହି ପ୍ରାଣାଳୀ ଖାରଜ ହେବା ପରେ ଏହି ଆଲୋଚନାରେ ୬୦ଟି ଦେଶ ସାମିଲ ହୋଇଥିଲେ । ଏହି ବୈଠକରେ ଭାରତର ବୈଦେଶିକ ସଚିବ ବିକ୍ରମ ମିଶ୍ରୀ ମଧ୍ୟ ସାମିଲ ଥିଲେ । ଏହି ଆକ୍ରମଣ ପରେ ଓଜଏଉ ବାହାରିନରେ ଥିବା ଆମାଜନର କ୍ଲାଉଡ୍ କମ୍ପ୍ୟୁଟିଂ ସେଣ୍ଟରକୁ ଟାର୍ଗେଟ କରାଯାଉଥିବା ଖବର ସାମ୍ନାକୁ ଆସିଛି ।

## ଭାରତୀୟ ନୌସେନାରେ ସାମିଲ ହେଲା ତାରାଗିରି

ବିଶାଖାପାଟଣା : ଭାରତୀୟ ନୌସେନାରେ ସାମିଲ ହେଲା ଆଧୁନିକ ଜାହାଜ ତାରାଗିରି । ବିଶାଖାପାଟଣାରେ ଭବ୍ୟ କାର୍ଯ୍ୟକ୍ରମରେ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଆନୁଷ୍ଠାନିକ ଭାବେ ନୌସେନାରେ ତାରାଗିରିକୁ ସାମିଲ କରିଛନ୍ତି । ସଂପୂର୍ଣ୍ଣ ସ୍ୱଦେଶୀ ଜ୍ଞାନକୌଶଳରେ ଏହାକୁ ନିର୍ମାଣ କରାଯାଇଛି । ଆଇଏନଏସ ତାରାଗିରି ଏକ ସ୍ୱଦେଶୀ ଯୁଦ୍ଧପୋତ । ପ୍ରୋଜେକ୍ଟ ୧୭-ଏ ଅଧୀନରେ ନିର୍ମିତ ଏହି ୬ହଜାର ୬୭୦ ଟନର ବିଶାଳ ଯୁଦ୍ଧଜାହାଜଟି ସମ୍ପୂର୍ଣ୍ଣ ଭାବେ ମେକ୍ ଇନ୍ ଇଣ୍ଡିଆ ଅଭିଯାନର ଏକ ଉଦାହରଣ । ମୁମ୍ବାଇର ମାଝଗାଁଓ ଡକ୍ ଶିପ୍ ବିଲ୍ଡର୍ସ ଦ୍ୱାରା ନିର୍ମିତ ଏହି ଜାହାଜର ପ୍ରାୟ ୭୫ ପ୍ରତିଶତ ଅଂଶ ଓ ଯନ୍ତ୍ରପାତି ଭାରତରେ ନିର୍ମାଣ ହୋଇଛି । ତାରାଗିରି ଏଭଳି ଭାବେ ଡିଜାଇନ୍ ହୋଇଛି ଯେ, ଶତ୍ରୁ ପକ୍ଷର ରାଡାର୍ ଏହାକୁ ସହଜରେ ଧରିପାରିବେ ନାହିଁ । ଏଥିରେ ଶବ୍ଦଠାରୁ ଦ୍ରୁତ ଗତିରେ ଯାଉଥିବା ମିସାଇଲ୍, ଆକାଶ ମାର୍ଗକୁ ଲକ୍ଷ୍ୟ ଭେଦ କରୁଥିବା ମିସାଇଲ୍ ଏବଂ ବୁଡ଼ାଜାହାଜକୁ ଧ୍ୱଂସ କରିବା ଭଳି ଅତ୍ୟାଧୁନିକ ଅସ୍ତ୍ର ରହିଛି । ଏହା କେବଳ ଯୁଦ୍ଧ ପାଇଁ ନୁହେଁ, ବରଂ ସମୁଦ୍ରରେ ବିପତ୍ତି ସମୟରେ ମାନବୀୟ ସହାୟତା ଓ ଉଦ୍ଧାର କାର୍ଯ୍ୟରେ ମଧ୍ୟ ବ୍ୟବହାର କରାଯାଇପାରିବ । ସ୍ୱଦେଶୀ ନିର୍ମିତ ଏବଂ ଭାରତୀୟଙ୍କ ଦ୍ୱାରା ପରିଚାଳିତ ତାରାଗିରି ଜାହାଜ ଆଗାମୀ ଦିନରେ ସାମୁଦ୍ରିକ ସୀମାକୁ ସୁରକ୍ଷିତ ରଖିବାରେ ଏକ ବଡ଼ ଭୂମିକା ଗ୍ରହଣ କରିବ ।

## 'ଚୁପ୍ କରାଯାଇଛି, କିନ୍ତୁ ମୁଁ ହାରିନାହିଁ' : ରାଘବ ଚଢ଼ା

ନୂଆଦିଲ୍ଲୀ: ରାଜ୍ୟସଭାରେ ଆମ୍ ଆଦମୀ ପାର୍ଟି (ଆପ୍)ର ପଞ୍ଜାବ ସାଂସଦ ରାଘବ ଚଢ଼ାଙ୍କୁ ଉପନେତା ପଦରୁ ହଟେଇବା ପରେ ଏହାକୁ ନେଇ ବିବାଦ ଦେଖାଯାଇଛି । ରାଘବ ଚଢ଼ା ଏହି ପ୍ରସଙ୍ଗରେ ଆଜି ମୁହଁ ଖୋଲିଥିବାବେଳେ ଦଳ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ବିରୋଧରେ ପଞ୍ଜାବ ସାଂସଦଙ୍କ ନିରବତାକୁ ନେଇ ପ୍ରଶ୍ନ ଉଠାଇଛି । ଗତକାଲି ରାଘବଙ୍କୁ ଉପନେତା ପଦବିରୁ ହଟାଯିବା ପରେ ଆପ୍ ମୁଖ୍ୟ ଅରବିନ୍ଦ କେଜ୍ରିୱାଲଙ୍କ ସହିତ ତାଙ୍କ ଭଲ ସମ୍ପର୍କ ନଥିବା ଚର୍ଚ୍ଚା ହୋଇଥିଲା । ତେବେ ରାଘବ ଗତକାଲି ଏହି ପ୍ରସଙ୍ଗରେ ଚୁପ୍ ଥିବାବେଳେ ଶୁକ୍ରବାର ଏକ ଭିଡିଓ ବାର୍ତ୍ତା ଜାରି କରି ଜବାବ ରଖିଛନ୍ତି ।



ସେ କହିଛନ୍ତି, ତାଙ୍କୁ ଚୁପ୍ କରିଦିଆଯାଇଛି, କିନ୍ତୁ ସେ ହାରି ନାହାନ୍ତି । ରାଜ୍ୟସଭାରେ ତାଙ୍କୁ କହିବାକୁ ନଦେବାକୁ ଦଳ ପକ୍ଷରୁ ଚିଠି ଲେଖାଯାଇଛି ବୋଲି ଅଭିଯୋଗ କରିଥିଲେ । ଜବାବରେ ଆପର ଜାତୀୟ ଗଣମାଧ୍ୟମ ମୁଖ୍ୟ ଅନୁରାଗ ଧଣ୍ଡା ରାଘବ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ବିରୋଧରେ କହିବାକୁ କ୍ରମଶଃ ଅନିଚ୍ଛା କରୁଥିବା ଅଭିଯୋଗ କରିଛନ୍ତି । ଯିଏ ମୋଦୀଙ୍କୁ ଡରିବ, ସେ ଦେଶ ପାଇଁ କିପରି ଲଢ଼ିବ ବୋଲି ଧଣ୍ଡା ପ୍ରଶ୍ନ କରିଛନ୍ତି । ସେହିପରି ଆପ୍ ନେତା ସୌରଭ ଭରଦ୍ୱାଜ ସାମାଜିକ ଗଣମାଧ୍ୟମରେ ଏକ ପୋଷ୍ଟ କରି ରାଘବଙ୍କୁ ନିର୍ଭୀକ ହେବାକୁ ପରାମର୍ଶ ଦେଇଛନ୍ତି । ଭାରଦ୍ୱାଜ କହିଛନ୍ତି, ଯୋ ଡର୍ ଗୟା ସମ୍‌ଝୋ ମର୍ ଗୟା' । ରାଘବଙ୍କୁ ନିର୍ଭୀକ ଭାବେ ସଂସଦରେ ଭାରତୀୟ ଜନତା ପାର୍ଟି ନେତୃତ୍ୱାଧୀନ କେନ୍ଦ୍ର ସରକାର ଉପରେ ତୀବ୍ର ଆକ୍ରମଣ କରିବାକୁ ସେ ପରାମର୍ଶ ଦେଇଛନ୍ତି । 'ସିଙ୍ଗଡ଼ା' ପରି 'ସଫ୍ଟ ପିଆର୍' ଦ୍ୱାରା ସଂସଦର ସମୟରେ ନଷ୍ଟ ନକରି ବଡ଼ ପ୍ରସଙ୍ଗ ଉଠାଇବାକୁ କହିଛନ୍ତି ।

ଭରଦ୍ୱାଜ ଆହୁରି କହିଛନ୍ତି, ଛୋଟ ଛୋଟ ଦଳକୁ ସଂସଦରେ କହିବାକୁ ବହୁତ କମ୍ ସମୟ ମିଳୁଛି । ଏହି ସମୟକୁ ବଡ଼ ବଡ଼ ପ୍ରସଙ୍ଗ ଉଠାଇବାରେ ଉପଯୋଗ କରିବା କଥା । ସରକାରଙ୍କ ବିରୋଧରେ ବିରୋଧୀ ବ୍ଲକରେ ରାଘବ ସାମିଲ ନହେବାକୁ ମଧ୍ୟ ଭାରଦ୍ୱାଜ ସମାଲୋଚନା କରିଛନ୍ତି । ଭାରଦ୍ୱାଜ କହିଛନ୍ତି, ନିର୍ବାଚନ ଆୟୋଗ ବଡ଼ ଅନିୟମିତତାରେ ସାମିଲ ଥିବାବେଳେ ସିଇସିଙ୍କ ବିରୋଧରେ ମହାଭିଯୋଗ ଆଣିବାକୁ ଥିବା ପ୍ରସ୍ତାବରେ ତୁମେ ସ୍ୱାକ୍ଷର କରିନଥିଲ । ବିରୋଧୀ ସଂସଦରେ କକ୍ଷତ୍ୟାଗ କରିବା ସମୟରେ ତୁମେ ସେମାନଙ୍କ ସହିତ ଯୋଗ ଦେଉନାହଁ । ସଂସଦରେ ତୁମେ ପ୍ରଧାନମନ୍ତ୍ରୀ କିମ୍ବା ବିଜେପିକୁ ସିଧାସଳଖ ପ୍ରଶ୍ନ କରିପାରୁନ । ଗୁଜରାଟରେ ୧୬୦ କର୍ମୀଙ୍କ ବରୋଧରେ ମିଛ ମାମଲା ରୁଜୁ ହୋଇଛି । ଅନେକ ଗିରଫ ହୋଇଛନ୍ତି । ତଥାପି ତୁମେ ନିରବ ରହୁଛ ବୋଲି ଭାରଦ୍ୱାଜ ରାଘବ ପ୍ରତିକ୍ରିୟା ଉପରେ କହିଥିଲେ ।

# ଇରାନ ଭିତ୍ତିଭୂମି ଉପରେ ଆକ୍ରମଣ କରିବାକୁ ଟ୍ରମ୍ପଙ୍କ ଧମକ

ୱାସିଂଟନ: ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଶୁକ୍ରବାର ପୁଣି ଥରେ ଇରାନକୁ କଡ଼ା ଚେତାବନୀ ଦେଇଛନ୍ତି । ଇରାନର ସେତୁ ଓ ବିଦ୍ୟୁତ କେନ୍ଦ୍ର ଉପରେ ଆକ୍ରମଣ କରିବାକୁ ଟ୍ରମ୍ପ ଧମକ ଦେଇଛନ୍ତି । ଆମେରିକା ରାଷ୍ଟ୍ରପତି ଟ୍ରମ୍ପ ଟ୍ରୁଥ୍ ସୋସିଆଲରେ ଲେଖିଛନ୍ତି, ଇରାନରେ ଯାହା ରହିଯାଇଛି ଆମେରିକା ସେନା ବର୍ତ୍ତମାନ ତାକୁ ଧ୍ୱଂସ କରିବା ଆରମ୍ଭ କରିନାହାନ୍ତି । ସେତୁ ଓ ତା' ପରେ ବିଦ୍ୟୁତ ଶକ୍ତି କେନ୍ଦ୍ର ଉପରେ ଆକ୍ରମଣ କରାଯିବ । ଇରାନ ରାଜଧାନୀ ତେହେରାନ ଓ କରାଜ୍ ସହରକୁ ଯୋଡୁ ଥିବା ବିୱାନ ସେତୁକୁ ଆମେରିକା ଗୁରୁବାର ଉଡ଼େଇ ଦେବାପରେ ଏହି ଚେତାବନୀ ଜାରି କରିଛି । ବିଦ୍ୟୁତ ଶକ୍ତି କେନ୍ଦ୍ର ପରି ବେସାମରିକ ଭିତ୍ତିଭୂମି ନଷ୍ଟ କରିବା ଆନ୍ତର୍ଜାତିକ ନିୟମର ଉଲ୍ଲଂଘନ ହେବ ବୋଲି ଆମେରିକାରେ ଆଇନ ବିଶେଷଜ୍ଞ ଚେତାଇ ଦେଇଛନ୍ତି । ତେବେ ଟ୍ରମ୍ପ କହିଛନ୍ତି, ଇରାନ ନେତୃବର୍ଗଙ୍କୁ କ'ଣ କରିବାର ଅଛି ସେମାନେ ଜାଣନ୍ତି, ସେମାନେ ତାହା ତୁରନ୍ତ କରନ୍ତୁ । ଯୁଦ୍ଧ ଶେଷ କରିବାକୁ ତାଙ୍କର ଦାବି




ନମାନିଲେ ଅଧିକ ଭୟଙ୍କର ଆକ୍ରମଣ ହେବ ବୋଲି ଆମେରିକା ରାଷ୍ଟ୍ରପତି ଚେତାବନୀ ଦେଇଛନ୍ତି । ତେବେ ଟ୍ରମ୍ପଙ୍କ ଧମକକୁ ବେଖାତିର କରି ଇରାନ ଆକ୍ରମଣ ଜାରି ରଖିବାକୁ ପଣ କରିଛି । ଇରାନ ଓ ଏହାର ସହଯୋଗୀ ମଧ୍ୟପ୍ରାଚ୍ୟରେ ଥିବା ଆମେରିକା ଓ ଇସ୍ରାଏଲର ଭିତ୍ତିଭୂମି ଉପରେ ଆକ୍ରମଣ ଜାରି ରଖିଛନ୍ତି । ଶୁକ୍ରବାର ଯୁଦ୍ଧ ନେଇ ଉତ୍ତେଜନା ହ୍ରାସ ପାଇବାରୁ କୌଣସି ଲକ୍ଷଣ ଦେଖିବାକୁ ମିଳିନାହିଁ । କେନ୍ଦ୍ରୀୟ ଇରାନ ଉପରେ ଆମେରିକାର ଦ୍ୱିତୀୟ ଏଫ୍ -୩୫ ବିମାନକୁ ଖସେଇ ଦେଇଥିବା ଇରାନ ଦାବି କରିଛି । ମେହର୍ ନ୍ୟୁଜ ଏଜେନ୍ସି ପକ୍ଷରୁ ଏନେଇ ସୂଚନା ଦିଆଯାଇଛି । ଇରାନ ରାତି ସାରା ତେଲ ଅଭିଭ ଉପରେ କ୍ଷେପଣାସ୍ତ୍ରରେ ଆକ୍ରମଣ ଜାରି ରଖିଥିଲା । ଇରାନ ଆକ୍ରମଣରେ ଇସ୍ରାଏଲରେ ୪ ଜଣ ଆହତ ହୋଇଛନ୍ତି । ଜେରୁଜେଲମରେ ବିସ୍ଫୋରଣର ଶବ୍ଦ ଶୁଣିବାକୁ ମିଳିଛି । ଲେବାନନ୍‌ରେ ଇସ୍ରାଏଲ ଇରାନ ସମର୍ଥିତ ହେଜବୁଲ୍ଲା ଉପରେ ସ୍ଥଳପଥରେ ଆକ୍ରମଣରେ ଗତ ୨୪ ଘଣ୍ଟାରେ ୨୭ ଜଣଙ୍କର ମୃତ୍ୟୁ ହୋଇଛି । ଅନ୍ୟପକ୍ଷରେ ଇରାନ ଡ୍ରୋନ୍ ଆକ୍ରମଣରେ କୁଏତର ମିନା ଅଲ ଅହମ୍ମଦି ତୈଳ ବିଶୋଧନଗାରରେ ନିଆଁ ଲାଗିଯାଇଛି । ଅଗ୍ନିକ ଏହାକୁ ଲିଭାଇବାକୁ ଜୋରଦାର ପ୍ରୟାସ କରୁଥିବା ଏପି ସୂତ୍ରରୁ ଜଣାପଡ଼ିଛି । କୁଏତର ଜାତୀୟ ପେଟ୍ରୋଲିୟମ ନିଗମ ପକ୍ଷରୁ କୁହାଯାଇଛି ଯେ, ନିଆଁ ଲିଭାଇବାକୁ ଜରୁରୀକାଳୀନ ଟିମ୍ ମୁତୟନ ହୋଇଛି । ଏହି ତୈଳ ବିଶୋଧନାଗାର କୁଏତର ଏକ ଗୁରୁତ୍ୱପୂର୍ଣ୍ଣ ତୈଳ ଉତ୍ପାଦନ କେନ୍ଦ୍ର ।

# ମହଙ୍ଗା ସାବ୍ୟସ୍ତ ହେଉଛନ୍ତି ବରୁଣ



ନୂଆଦିଲ୍ଲୀ: ଟିମ୍ ଇଣ୍ଡିଆ ୨୦୧୧ ପରଠୁ ଦିନିକିଆ ବିଶ୍ୱକପ୍ ଟ୍ରଫି ଉଠାଇ ପାରିନି । ତେବେ ଭାରତୀୟ ଦଳକୁ ଟ୍ରଫି ଉଠାଇବା ପାଇଁ ନିଜର ଦାବିଦାର ସାବ୍ୟସ୍ତ କରିବାକୁ ଦେଢ଼ ବର୍ଷର ସମୟ ରହିଛି । କାରଣ ବିଶ୍ୱକପ୍ ୨୦୨୭ରେ ଖେଳାଯିବ । ଏହି ବିଶ୍ୱକପ୍ ପାଇଁ ଭାରତୀୟ ଦଳର କିଛି ଖେଳାଳିଙ୍କୁ ନେଇ ଚର୍ଚ୍ଚା ଜାରି ରହିଛି । ଅନେକ ଖେଳାଳି ଦୌଡରେ ଥିବା ବେଳେ ଆଉ କିଛି ନିଜ ସ୍ଥାନ ହରାଇ ପାରନ୍ତି । ଷ୍ଟାର ଦ୍ରୁତ ବୋଲର ମହମ୍ମଦ ଶାମି ଆପାତତଃ ଦୌଡରୁ ବାଦ୍ ପଡି ସାରିଛନ୍ତି । କିନ୍ତୁ ଯଦି ଚଳିତ ଆଇପିଏଲରେ ଶାମି ଅସାଧାରଣ ପ୍ରଦର୍ଶନ କରନ୍ତି ତେବେ ଚୟନକର୍ତ୍ତା ଏହା ଉପରେ ବିଚାର କରି ପାରନ୍ତି । ତେବେ ଏହି ତାଲିକାରେ ଆଉ ଜଣେ ବୋଲରଙ୍କ ନାଁ ରହିଛି, ଯାହାଙ୍କୁ ଦିନିକିଆ ଦଳରେ ସ୍ଥାନ ମିଳି ନ ପାରେ, ସେ ହେଉଛନ୍ତି ବରୁଣ ଚକ୍ରବର୍ତ୍ତୀ ।

ନିଜର ରହସ୍ୟମୟୀ ସ୍ପିନ ଦମରେ ଗତ ୨-୩ ବର୍ଷ ବରୁଣ ଚକ୍ରବର୍ତ୍ତୀ ଅନ୍ତର୍ଜାତୀୟ କ୍ରିକେଟରେ ସ୍ୱତନ୍ତ୍ର ଛାପ ଛାଡ଼ିଛନ୍ତି । ୨୦୨୪ରେ କେକେଆରକୁ ଚାମ୍ପିଅନ କରାଇବାରେ ବରୁଣ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲେ । ଏହା ପରେ ଯେବେ ଗମ୍ଭୀର ଟିମ୍ ଇଣ୍ଡିଆର ହେଡ୍ କୋଚ୍ ହେଲେ ଚକ୍ରବର୍ତ୍ତୀଙ୍କ ଭାରତୀୟ ଦଳରେ ପ୍ରତ୍ୟାବର୍ତ୍ତନ ଘଟିଥିଲା । ମୁଖ୍ୟତଃ ବରୁଣ ଟି-୨୦ ଫର୍ମାଟରେ ତାରକା ବୋଲର । ଦିନିକିଆରେ ଯେତିକି ସୁଯୋଗ ମିଳିଛି, ସେଥିରେ ସେ ପ୍ରଭାବିତ କରିଛନ୍ତି ।ମାତ୍ର ଗତ ୫ ସପ୍ତାହରେ ବରୁଣ ପ୍ରଦର୍ଶନ ନିମ୍ନଗାମୀ ହେବାରେ ଲାଗିଛି । ଏବେ ଟିମରେ ତାଙ୍କର ପ୍ରତ୍ୟାବର୍ତ୍ତନ ମୁସ୍କିଲ ଲାଗୁଛି । ଟି-୨୦ ବିଶ୍ୱକପର ଗ୍ରୁପ ପର୍ଯ୍ୟାୟରେ ସେ ଦମଦାର ପ୍ରଦର୍ଶନ କରିଥିଲେ । ମାତ୍ର ସୁପର-୮ ଆରମ୍ଭରୁ ନେଇ ଏ ପର୍ଯ୍ୟନ୍ତ ସେ ଲଗାତାର ଖୁବ ମହଙ୍ଗା ସାବ୍ୟସ୍ତ ହେଉଛନ୍ତି । କେବଳ ଏତିକି ନୁହେଁ ଆଇପିଏଲର ପ୍ରଥମ ଦୁଇଟି ମ୍ୟାଚ୍‌ରେ ସେ ଗୁରୁତର ଭାବେ ବିଫଳ ହୋଇଛନ୍ତି । ମୁମ୍ବାଇ ଇଣ୍ଡିଆନ୍ସ ବିପକ୍ଷ ମ୍ୟାଚ୍‌ରେ ସେ ୪ ଓଭରରେ ୪୮ ରନ ଦେଇଥିବା ବେଳେ ଏସଆରଏଚ୍ ବିପକ୍ଷ ମ୍ୟାଚ୍‌ରେ ମାତ୍ର ୨ ଓଭର ଦେଇ ୩୧ ରନ ବ୍ୟୟ କରିଥିଲେ । ଏହା ପରେ ତାଙ୍କୁ ପୁନର୍ବାର ବୋଲିଂ କରିବାର ସୁଯୋଗ ମିଳି ନ ଥିଲା। ମୋଟାମୋଟି ଗତ ୭ ଟି-୨୦ ମ୍ୟାଚ୍‌ରେ ବରୁଣ ଚକ୍ରବର୍ତ୍ତୀ ୨୫ ଓଭର ବୋଲିଂ କରି ୩୦୪ ରନ ଦେଇଛନ୍ତି । ଅର୍ଥାତ ତାଙ୍କର ଇକୋନୋମି ରେଟ୍ ୧୨ରୁ ଅଧିକ ରହିଛି । ଏହି ସମୟରେ ମାତ୍ର ୫ ସଫଳତା ପାଇଛନ୍ତି । ଏହି ରେକର୍ଡ ଦର୍ଶାଉଛି ଯେ, ବରୁଣ ଉଭୟ ମୋର୍ଚ୍ଚାରେ ଫେଲ୍ ମାରୁଛି । ଯଦି ଆଗାମୀ ଦିନରେ ତାଙ୍କର ପ୍ରଦର୍ଶନରେ ସୁଧାର ନ ଆସେ ତେବେ ଟିମ୍ ଇଣ୍ଡିଆ ପୂର୍ବରୁ କେକେଆରର ଚୂଡାନ୍ତ ଏକାଦଶରୁ ବାଦ୍ ପଡି ପାରନ୍ତି ବରୁଣ ।

# କେକେଆରକୁ ହରାଇ ଖାତା ଖୋଲିଲା ଏସ୍ଆରଏଚ୍



କୋଲକାତା,୩।୪:ବ୍ୟାଟରଙ୍କ ପରେ ବୋଲରଙ୍କ ଦମଦାର ପ୍ରଦର୍ଶନ । ଚଳିତ ଆଇପିଏଲ ସିଜିନରେ ନିଜର ଦ୍ୱିତୀୟ ମ୍ୟାଚ୍‌ରେ ସନରାଇଜର୍ସ ହାଇଦ୍ରାବାଦ କୋଲକାତା ନାଇଟ୍ ରାଇଡର୍ସଙ୍କୁ ୬୫ ରନରେ ହରାଇଛି । ଏହା ସହିତ ଦଳ ପ୍ରଥମ ବିଜୟ ହାସଲ କରିଛି । ଅନ୍ୟପଟେ କୋଲକାତା କ୍ରମାଗତ ଦ୍ୱିତୀୟ ମ୍ୟାଚ୍‌ରେ ପରାଜିତ ହୋଇଛି । ପ୍ରଥମେ ବ୍ୟାଟିଂ କରିଥିବା ହାଇଦ୍ରାବାଦ ଟପ୍ ଅର୍ଡର ବ୍ୟାଟରଙ୍କ ଦମଦାର ପ୍ରଦର୍ଶନ ବଳରେ ୮ ୱିକେଟ୍ ହରାଇ ୨୨୬ ରନ କରି ପାରିଥିଲା । ଜବାବରେ କୋଲକାତା ଭଲ ଆରମ୍ଭ ସତ୍ତ୍ୱେ ୧୬ ଓଭରରେ ୧୬୧ ରନରେ ଅଲଆଉଟ୍ ହୋଇଛି ।

୨୨୭ ରନର ବିଜୟ ଲକ୍ଷ୍ୟ ପିଛା କରିଥିବା କୋଲକାତା ପକ୍ଷରୁ ଫିନ ଆଲେନ ଧୂଆଁଧାର ବ୍ୟାଟିଂ କରି ମାତ୍ର ୭ ବଲରୁ ୪ ଚୌକା ଓ ୨ ଛକା ସହ ୨୮ ରନ କରି ଦଳକୁ ଦମଦାର ଆରମ୍ଭ ଦେଇଥିଲେ । ଏହା ପରେ ଅଙ୍ଗକୃଷ ରଘୁବଂଶୀ ଅର୍ଦ୍ଧଶତକୀୟ ଇନିଂସ ଖେଳି ଦଳର ରନହାର ବଜାୟ ରଖିଥିଲେ । ରଘୁବଂଶୀ ୨୯ ବଲରୁ ୫୨ ରନ କରିଥିଲେ । ଉପଅଧିନାୟକ ରିଙ୍କୁ ସିଂ ୩୫ ରନ କରିଥିଲେ ହେଁ ଦଳ ପାଇଁ ତାହା ପର୍ଯ୍ୟାପ୍ତ ନ ଥିଲା ।

ଅଧିନାୟକ ଆଜିଙ୍କ୍ୟ ରାହାଣେ ୮ ରନ, କ୍ୟାମେରୁନ ଗ୍ରୀନ ୨ ରନ, ଅନୁକୁଲ ରୟ ୦ , ରମଣଦୀପ ସିଂ ୧୦ ଓ ସୁନୀଲ ନାରିନ ୧୨ ରନ କରି ଦଳକୁ ନିରାଶ କରିଥିଲେ । ଶେଷରେ କୋଲକାତା ମଜବୁତ ଆରମ୍ଭ ସତ୍ତ୍ୱେ ୧୬ ଓଭରରେ ୧୬୧ ରନରେ ଅଲଆଉଟ୍ ହୋଇଛି । ହାଇଦ୍ରାବାଦ ପକ୍ଷରୁ ବୋଲିଂରେ ଜୟଦେବ ଉନାଦକତ ୩ଟି, ଇଶାନ ମାଲିଙ୍ଗା ୧୪ ରନ ଦେଇ ୨ଟି ଏବଂ ନୀତିଶ କୁମାର ରେଡ୍ଡୀ ୨ ଓଭରରେ ୧୭ ରନ ଦେଇ ୨ଟି ୱିକେଟ୍ ନେଇଥିଲେ। ଏହା ପୂର୍ବରୁ ସନରାଇଜର୍ସ ହାଇଦ୍ରାବାଦ ୨୨୬ ରନର ପାହାଡ ଛିଡା କରିଥିଲା । ଟ୍ରେଭିସ ହେଡ ୪୬ ରନ, ଅଭିଷେକ ଶର୍ମା ୪୮ ରନର ବିସ୍ଫୋରକ ଇନିଂସ ଖେଳି ଦମଦାର ଆରମ୍ଭ ଦେଇଥିଲେ । ଅଧିନାୟକ ଇଶାନ କିଶନ ୧୪ ରନ କରିଥିଲେ । ତେବେ ମଧ୍ୟ କ୍ରମଠୁ ନେଇ ନିମ୍ନକ୍ରମ ପର୍ଯ୍ୟନ୍ତ ହେନରିକ କ୍ଲାସେନ ଇନିଂସ ସମ୍ଭାଳିଥିଲେ । ସେ ୩୫ ବଲରୁ ୫୨ ରନ ଓ ନୀତିଶ କୁମାର ରେଡ୍ଡୀ ୩୯ ରନ କରି ଦଳର ସ୍କୋରକୁ ୮ ୱିକେଟରେ ୨୨୬ରେ ପହଞ୍ଚାଇଥିଲେ ।

## ଅଭିଷେକ ଶର୍ମାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେଲା ବିସିସିଆଇ

ନୂଆଦିଲ୍ଲୀ,୩।୪: କୋଲକାତା ନାଇଟ ରାଇଡର୍ସ ବିପକ୍ଷରେ ଅଭିଷେକ ଶର୍ମା ଗୁରୁବାର ୪୮ ରନର ଏକ ବିସ୍ଫୋରକ ଇନିଂସ ଖେଳିଥିଲେ। ଏହି ଇନିଂସରେ ସେ ମାତ୍ର ୨୧ ବଲ ପର୍ଯ୍ୟନ୍ତ ଚାରୋଟି ଛକା ଏବଂ ସମାନ ଚୌକା ମାରିଥିଲେ। ତଥାପି, ମ୍ୟାଚ୍ ପରେ ବିସିସିଆଇ ତାଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଥିଲା। ମ୍ୟାଚ୍ ସମୟରେ ଆଇପିଏଲ ଆଚରଣ ସଂହିତା ଉଲ୍ଲଂଘନ କରିଥିବାରୁ ତାଙ୍କୁ ତାଙ୍କ ମ୍ୟାଚ୍ ଫିର ୨୫ ପ୍ରତିଶତ ଜରିମାନା କରାଯାଇଛି ଏବଂ ତାଙ୍କୁ ଗୋଟିଏ ଡିମେରିଟ ପଏଣ୍ଟ ମଧ୍ୟ ଦିଆଯାଇଛି। ଏକ ସରକାରୀ ବିବୃତ୍ତିରେ, ବିସିସିଆଇ କହିଛି, "କୋଲକାତାର ଇଡେନ ଗାର୍ଡେନ୍ସରେ କୋଲକାତା ନାଇଟ ରାଇଡର୍ସ ବିପକ୍ଷରେ ତାଙ୍କ ଦଳର ମ୍ୟାଚ୍ ସମୟରେ ସନରାଇଜର୍ସ ହାଇଦ୍ରାବାଦର ଅଲରାଉଣ୍ଡର ଅଭିଷେକ ଶର୍ମାଙ୍କୁ ତାଙ୍କ ମ୍ୟାଚ୍ ଫିର ୨୫ ପ୍ରତିଶତ ଜରିମାନା କରାଯାଇଛି ଏବଂ ଆଇପିଏଲ ଆଚରଣ ସଂହିତା ଉଲ୍ଲଂଘନ କରିଥିବାରୁ ତାଙ୍କୁ ଗୋଟିଏ ଡିମେରିଟ ପଏଣ୍ଟ ମଧ୍ୟ ଦିଆଯାଇଛି।" ଅଭିଷେକ ତାଙ୍କର ଭୁଲ ସ୍ୱୀକାର କରିଛନ୍ତି। "ସେ ଅନୁଚ୍ଛେଦ ୨.୩ ଅନୁଯାୟୀ ଲେଭଲ ୧ ଅପରାଧ ସ୍ୱୀକାର କରିଛନ୍ତି ଏବଂ ମ୍ୟାଚ୍ ରେଫରୀଙ୍କ ଦଣ୍ଡ ଗ୍ରହଣ କରିଛନ୍ତି। ଆଚରଣ ସଂହିତାର ଲେଭଲ ୧ ଉଲ୍ଲଂଘନ ପାଇଁ, ମ୍ୟାଚ୍ ରେଫରୀଙ୍କ ନିଷ୍ପତ୍ତି ଚୂଡ଼ାନ୍ତ ଏବଂ ବାଧ୍ୟତାମୂଳକ," ବିବୃତ୍ତିରେ କୁହାଯାଇଛି।

# ବଦଳ ଭାବେ ଆସି ଚମତ୍କାର କଲେ ମୁଜାରାବାନି

କୋଲକାତା,୩।୪: ଆଇପିଏଲ୍ ୨୦୨୬ର ଷଷ୍ଠ ମ୍ୟାଚ୍‌ରେ ସନରାଇଜର୍ସ ହାଇଦ୍ରାବାଦ ଇଡେନ ଗାର୍ଡେନରେ ଏକ ଧମାକାଦାର ବ୍ୟାଟିଂ ପ୍ରଦର୍ଶନ କରି ୨୦ ଓଭରରେ ୨୨୬ ରନର ବିଶାଳ ସ୍କୋର କରିଥିଲା। ଏହି ମ୍ୟାଚ୍‌ରେ କୋଲକାତା ନାଇଟ ରାଇଡର୍ସ ବୋଲରମାନେ ଫ୍ଲପ୍ ହୋଇଥିଲେ। କିନ୍ତୁ ଜଣେ ବୋଲର ତାଙ୍କର ଚମତ୍କାର ବୋଲିଂ ସହିତ ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଉଲ୍ଲେଖନୀୟ ଯେ, ଏହି ଖେଳାଳି ନିଲାମରେ ବିକ୍ରି ହୋଇ ନ ଥିଲେ, କିନ୍ତୁ କକଜ ତାଙ୍କୁ ବଦଳ ଭାବରେ ସାଇନ କରିଥିଲେ ଏବଂ ସୁଯୋଗର ଫାଇଦା ଉଠାଇଥିଲେ।

ଜିମ୍ବାୱେର ଦ୍ରୁତ ବୋଲର ବ୍ଲେସିଂ ମୁଜାରାବାନି କୋଲକାତା ନାଇଟ ରାଇଡର୍ସ ପାଇଁ ଚମତ୍କାର ପ୍ରଦର୍ଶନ କରିଥିଲେ। ସେ ୪ ଓଭରରେ ୪୧ ରନ ଦେଇ ୪ ଉଇକେଟ ନେଇଥିଲେ। ମୁଜାରାବାନି ଅଭିଷେକ ଶର୍ମା, ଇଶାନ କିଶାନ, ହେନରିଚ୍ କ୍ଲାସେନ ଏବଂ ଶିବାଙ୍ଗ କୁମାରଙ୍କୁ ଆଉଟ କରିଥିଲେ। ତାଙ୍କ ଘାତକ ବୋଲିଂ ହାଇଦ୍ରାବାଦକୁ ଆହୁରି ଅଧିକ ସ୍କୋର କରିବାରୁ ବାଧା ଦେଇଥିଲା। ବ୍ଲେସିଂ ମୁଜାରାବାନି ଏହି ସମୟ ମଧ୍ୟରେ ୯ ଡଟ ବଲ ମଧ୍ୟ ପକାଇଥିଲେ, ଯାହା ଅନ୍ୟ ସମସ୍ତ ବୋଲରଙ୍କ ମଧ୍ୟରେ ସର୍ବାଧିକ। ଏହି ଚାରି ଉଇକେଟ ସହିତ, ସେ ପର୍ପଲ କ୍ୟାପ ପାଇଁ ଦୌଡ଼ରେ ମଧ୍ୟ ନେତୃତ୍ୱ ନେଇଛନ୍ତି।

ଉଲ୍ଲେଖନୀୟ, ଆପିଏଲ୍ ୨୦୨୬ ନିଲାମରେ କୌଣସି ଫ୍ରାଞ୍ଚାଇଜ ଦ୍ୱାରା ବ୍ଲେସିଂ ମୁଜାରାବାନିଙ୍କୁ କିଣାଯାଇ ନ ଥିଲା। ତଥାପି କକଜ ତାଙ୍କୁ ବଦଳ ଖେଳାଳି ଭାବରେ ଚୁକ୍ତି କରିଥିଲା ଏବଂ ସୁଯୋଗର ପୂର୍ଣ୍ଣ ଫାଇଦା ଉଠାଇଥିଲା। ତାଙ୍କର ଚମତ୍କାର ବୋଲିଂ ସହିତ, ମୁଜାରାବାନି ପ୍ରମାଣିତ କରିଥିଲେ ଯେ କକଜ ତାଙ୍କୁ ସୁଯୋଗ ଦେବାର ନିଷ୍ପତ୍ତି ଏକ ବୁଦ୍ଧିମାନର ଥିଲା।

ମୁଜାରାବାନି ବର୍ତ୍ତମାନ ପାକିସ୍ତାନ ସୁପର ଲିଗ ୨୦୨୬ରେ ଇସଲାମାବାଦ ୟୁନାଇଟେଡ ପାଇଁ ଖେଳୁଥିଲେ। ତଥାପି ସେ ଓଟଖ ଖେଳିବା ପାଇଁ ଟଟଖରୁ ଓହରି ଯାଇଥିଲେ। ତାଙ୍କୁ ବାଂଲାଦେଶୀ ଦ୍ରୁତ ବୋଲର ମୁସ୍ତାଫିଜୁର ରହମାନଙ୍କ ସ୍ଥାନରେ ଦଳରେ ସାମିଲ କରାଯାଇଥିଲା। ଆକର୍ଷଣୀୟ କଥା ହେଉଛି ମୁଜାରାବାନି ମଧ୍ୟ ବଦଳ ଖେଳାଳି ଭାବରେ ଟଟଖରେ ଯୋଗ ଦେଇଥିଲେ। ଏହି ପ୍ରଦର୍ଶନ ବ୍ଲେସିଂ ମୁଜାରାବାନିଙ୍କ କ୍ୟାରିଅର ପାଇଁ ଗୁରୁତ୍ୱପୂର୍ଣ୍ଣ ସାବ୍ୟସ୍ତ ହୋଇପାରେ।

## ସାମିଙ୍କ କୀର୍ତ୍ତିମାନ

ଲକ୍ଷ୍ନୌ: ପୁରୁଖା ଦ୍ରୁତ ବୋଲର୍ ମହମ୍ମଦ ସାମି ଏକ ସ୍ୱତନ୍ତ୍ର ରେକର୍ଡରେ ଅଧିକାରୀ ହୋଇଛନ୍ତି। ନିଜ ପ୍ରଥମ ବଲ୍‌ରେ ଦିଲ୍ଲୀର ଯୁବ ଓପନର୍ କେଏଲ୍ ରାହୁଲଙ୍କୁ ଆଉଟ୍ କରି ଦେଇଥିଲେ ସେ। ଏଭଳି କରି ସାମି ଆଇପିଏଲ୍ ଇତିହାସର ପ୍ରଥମ ବୋଲର୍ ଭାବେ କେଣସି ଏକ ମ୍ୟାଚ୍‌ରେ ବୋଲିଂ କରିଥିବା ନିଜ ପ୍ରଥମ ବଲ୍‌ରେ ମୋଟ ଉପରେ ୫ଜଣ ବ୍ୟାଟରଙ୍କୁ ଆଉଟ୍ କରିବାର ବିରଳ ରେକର୍ଡ କରିଛନ୍ତି।

# ୱାର୍ଣ୍ଣର ଓ ମୋଇନ ଅଲ୍ଲୀଙ୍କ ମଧ୍ୟରେ ଝଗଡା

ନୂଆଦିଲ୍ଲୀ,୩।୪: ପାକିସ୍ତାନ ସୁପର ଲିଗ ୨୦୨୬ ନିଜର ଖେଳ ପାଇଁ ଯେତିକି ଚର୍ଚ୍ଚାରେ ନାହିଁ ତାଠୁ ଅଧିକ ଚର୍ଚ୍ଚା ବିବାଦକୁ ନେଇ । କେତେ ବେଳେ ବଲର ରଙ୍ଗ ବଦଳିବା ହେଉ କି ବର୍ଷା ସମୟରେ ପିଚ୍‌ର ରକ୍ଷଣାବେକ୍ଷଣ ହେଉ । ଏହି କ୍ରମରେ ଆଉ ଏକ ବିବାଦ ଯୋଡି ହୋଇ ଯାଇଛି । ଏଥର ଅଷ୍ଟ୍ରେଲିଆର ବରିଷ୍ଠ ବ୍ୟାଟର ଡେଭିଡ ୱାର୍ଣ୍ଣର ଖେଳୁଛନ୍ତି । ଏହି ଲିଗରେ ୱାର୍ଣ୍ଣରଙ୍କ ନେତୃତ୍ୱାଧୀନ କରାଚି କିଙ୍ଗ୍‌ସର ମୁକାବିଲା ଗତକାଲି ରାୱଲପିଣ୍ଡି ବିପକ୍ଷରେ ଥିଲା । ହେଲେ ଏହି ମ୍ୟାଚ୍ ପରେ ଏକ ଅଭାବନୀୟ ଘଟଣା ଦେଖିବାକୁ ମିଳିଛି । ଡେଭିଡ ୱାର୍ଣ୍ଣରଙ୍କ ନିଜ ଦଳର ସାଥୀ ଖେଳାଳି ମୋଇନ ଅଲ୍ଲୀଙ୍କ ସହ ଜୋରଦାର ଯୁକ୍ତିତର୍କ ହୋଇଛି । ଏହାର ଭିଡିଓ ମଧ୍ୟ ସୋସିଆଲ ମିଡିଆରେ ଭାଇରାଲ୍ ହେବାରେ ଲାଗିଛି । ପାକିସ୍ତାନ ସୁପର ଲିଗର ୧୧ତମ ସିଜିନରେ ଉଭୟ ୱାର୍ଣ୍ଣର ଓ ମୋଇନ ଅଲ୍ଲୀ ଖେଳୁଛନ୍ତି । ପିଏସଏଲର ଏହି ସିଜିନରେ ଉଭୟ କରାଚି କିଙ୍ଗ୍‌ସ ପକ୍ଷରୁ ଖେଳୁଛନ୍ତି । କରାଚି ଓ ପିଣ୍ଡିଜ ମଧ୍ୟରେ ସିଜିନର ଦଶମ ମ୍ୟାଚ୍ ଏପ୍ରିଲ ୨ରେ ଖେଳା ଯାଇଛି । ଏହି ମୁକାବିଲା ପରେ ୱାର୍ଣ୍ଣର ଓ ମୋଇନଙ୍କ ମଧ୍ୟରେ ଜୋରଦାର ବିତର୍କ ଦେଖିବାକୁ ମିଳିଛି । ଏହି ସମୟରେ ୱାର୍ଣ୍ଣର ବହୁତ କ୍ରୋଧିତ ଜଣା ପଡୁଥିଲେ । ସେ ରାଗରେ କିଛି କହୁଥିଲେ, ମାତ୍ର ଦଳର ଜଣେ ସଦସ୍ୟ ଆସି ଉଭୟଙ୍କୁ ଅଟକାଇଥିଲେ।ପିଏସଏଲ ୨୦୨୬ରେ କରାଚି କିଙ୍ଗସର ପ୍ରଭାବଶାଳୀ ପ୍ରଦର୍ଶନ ଜାରି ରହିଛି। କରାଚି ଏହି ସିଜିନରେ ଏ ପର୍ଯ୍ୟନ୍ତ ଖେଳିଥିବା ନିଜର ସମସ୍ତ ୩ଟି ମ୍ୟାଚ୍ ଜିତିଛି। ଛଅ ପଏଣ୍ଟ ସହିତ ପଏଣ୍ଟ ଟେବୁଲର ଶୀର୍ଷରେ ରହିଛି ଟିମ୍। ଲାହୋରର ଗଦ୍ଦାଫି ଷ୍ଟାଡିୟମରେ ଖେଳାଯାଇଥିବା ତୃତୀୟ ମ୍ୟାଚ୍‌ରେ କରାଚିକିଙ୍ଗସ ଟସ୍ ଜିତି ପ୍ରଥମେ ବୋଲିଂ କରିବାକୁ ନିଷ୍ପତ୍ତି ନେଇଥିଲେ। ପ୍ରଥମେ ବ୍ୟାଟିଂ କରି କିଙ୍ଗସ ନିର୍ଦ୍ଧାରିତ ୨୦ ଓଭରରେ ଛଅ ୱିକେଟ ହରାଇ ୧୯୭ ରନର ଟାର୍ଗେଟ ରଖିଥିଲେ। କିଙ୍ଗସ ପକ୍ଷରୁ ଡାରିଲ ମିଚେଲ ସର୍ବାଧିକ ୬୫ ରନ କରିଥିବା ବେଳେ କରାଚି ପକ୍ଷରୁ ହାସନ ଅଲି ତିନୋଟି ୱିକେଟ ନେଇଥିଲେ।



# ସଞ୍ଜିବ ଗୋଏଙ୍କାଙ୍କ ଉପରେ ରାଗିଲେ ଲଳିତ ମୋଦି

ନୂଆଦିଲ୍ଲୀ,୩।୪: ଦିଲ୍ଲୀ କ୍ୟାପିଟାଲ୍ସ ବିପକ୍ଷରେ ପରାଜୟ ପରେ, ଲକ୍ଷ୍ନୌ ସୁପର ଜାଏଣ୍ଟସ ମାଲିକ ସଞ୍ଜିବ ଗୋଏଙ୍କା, ଅଧିନାୟକ ରିଷଭ ପନ୍ତ ଏବଂ ମୁଖ୍ୟ ପ୍ରଶିକ୍ଷକ ଜଷ୍ଟିନ ଲାଙ୍ଗରଙ୍କ ମଧ୍ୟରେ ଆଲୋଚନା ଏକ ପ୍ରମୁଖ ଆଲୋଚନାର ବିଷୟ ପାଲଟିଛି ।ସଞ୍ଜିବ ଏବଂ ପନ୍ତଙ୍କ ଅନେକ ଫଟୋ ଭାଇରାଲ ହେଉଛି, ଯାହାକୁ ପ୍ରଶଂସକମାନେ ୨୦୨୪ ମସିହାରେ କେଏଲ ରାହୁଲଙ୍କ ସହିତ ହୋଇଥିବା ବିବାଦ ସହିତ ଯୋଡୁଛନ୍ତି – ଯେତେବେଳେ ଲକ୍ଷ୍ନୌ ମାଲିକ ଦଳ ପରାଜୟ ପରେ ପଡ଼ିଆରେ ଅଧିନାୟକଙ୍କ ଉପରେ ସର୍ବସାଧାରଣରେ ତାଙ୍କର ହତାଶା ପ୍ରକାଶ କରିଥିଲେ। ସେହି ସମୟରେ, ସଞ୍ଜିବ ଗୋଏଙ୍କା ତାଙ୍କ ଆଚରଣ ପାଇଁ ସୋସିଆଲ ମିଡିଆରେ ଯଥେଷ୍ଟ ଟ୍ରୋଲିଂର ସମ୍ମୁଖୀନ ହୋଇଥିଲେ; ବର୍ତ୍ତମାନ, ପନ୍ତଙ୍କ ସହିତ ଭାଇରାଲ ଫଟୋ ସହିତ, ସେ ପୁଣି ଥରେ ବିବାଦରେ ଫସିଛନ୍ତି। ବାସ୍ତବରେ, ପନ୍ତ ଏବଂ ସଞ୍ଜିବ ଗୋଏଙ୍କାଙ୍କ ଫଟୋ ପ୍ରସାରିତ ହେଉଥିବା ବେଳେ, ଉଭୟଙ୍କ ମଧ୍ୟରେ ହୋଇଥିବା ପ୍ରକୃତ କଥାବାର୍ତ୍ତା ସମ୍ପର୍କରେ କୌଣସି ଠୋସ ସୂଚନା ନାହିଁ। ଲକ୍ଷ୍ନୌ ସୁପର ଜାଏଣ୍ଟସ ପରିସ୍ଥିତି ସ୍ପଷ୍ଟ କରିବା ପାଇଁ ଏକ ଭିଡିଓ ମଧ୍ୟ ଜାରି କରିଛି, ଯେଉଁଥିରେ ପନ୍ତ ମ୍ୟାଚ୍ ପରେ ମାଲିକ ସଞ୍ଜିବ ଗୋଏଙ୍କାଙ୍କ ପାଖକୁ ଯାଇ ତାଙ୍କୁ ଆଲିଙ୍ଗନ କରୁଥିବା ଦେଖାଯାଉଛି। ପ୍ରଶିକ୍ଷକ ଜଷ୍ଟିନ ଲାଙ୍ଗର ମଧ୍ୟ ତାଙ୍କ ମୁହଁରେ ହସ ନେଇ ଦେଖାଯାଉଛି। ଭିଡିଓର କ୍ୟାପସନରେ ଲେଖା ଅଛି: 'ତୁମେ ଯାହା ଦେଖୁଛ ତାହା ସତ୍ୟ ନୁହେଁ। ଏଗୁଡ଼ିକ ମ୍ୟାଚ୍ ପରବର୍ତ୍ତୀ ଅବିଚ୍ଛେଦିତ ମତ – ଯେଉଁ ମୁହୂର୍ତ୍ତଗୁଡ଼ିକ କ୍ୟାମେରା କାଟି ନଥାଏ।'ଏହା ସତ୍ତ୍ୱେ, ସୋସିଆଲ ମିଡିଆ ୟୁଜରମାନେ ଲକ୍ଷ୍ନୌ ସୁପର ଜାଏଣ୍ଟସର ସ୍ପଷ୍ଟୀକରଣ ଦ୍ୱାରା ଆଶ୍ୱସ୍ତ ନୁହଁନ୍ତି। ଏହି ସମୟରେ, ପୂର୍ବତନ ଆଇପିଏଲ କମିଶନର ଲଳିତ ମୋଦି ମଧ୍ୟ ପନ୍ତଙ୍କ ପ୍ରତି ସଞ୍ଜିବ ଗୋଏଙ୍କାଙ୍କ ଆଚରଣ ଉପରେ ମତ ରଖିଛନ୍ତି। ଏକ୍ସ (ପୂର୍ବରୁ ଟୁଇଟର) ରେ ଲେଖି ସେ କହିଛନ୍ତି:'ମୁଁ ତୁମକୁ କହିଥିଲି ଯେ ଲକ୍ଷ୍ନୌ ସୁପର ଜାଏଣ୍ଟସର ମାଲିକ ସଞ୍ଜିବ ଗୋଏଙ୍କା ଜଣେ ପରାଜିତ ଏବଂ ଜଣେ ଜୋକର। ମୁଁ ତାଙ୍କ ଆଚରଣରେ ପ୍ରକୃତରେ ଲଜ୍ଜିତ। ମୁଁ ପ୍ରଶଂସକ ଏବଂ ଖେଳାଳିଙ୍କ ପାଇଁ ଆଇପିଏଲ ଗଢିଥିଲି, ଏପରି ଘଟଣା ପ୍ରତିବର୍ଷ ବାରମ୍ବାର ଘଟୁଥିବା ପାଇଁ ନୁହେଁ। ଯଦି ମୁଁ ଆଜି ମଧ୍ୟ ଅଧ୍ୟକ୍ଷ ଏବଂ କମିଶନର ହୋଇଥାନ୍ତି, ତେବେ ମୁଁ ତାଙ୍କୁ ତୁରନ୍ତ ନିଷେଧ କରି ତାଙ୍କ ଦଳର ମାଲିକାନା ଅଧିକାରକୁ ସବୁଦିନ ପାଇଁ ଛଡ଼ାଇ ନେଇଥାନ୍ତି।

## ଆଜି ବାପା-ପୁଅ ଟକ୍କର !

ନୂଆଦିଲ୍ଲୀ : ଚାଲିଛି ବିଶ୍ୱର ସବୁଠାରୁ ଧନୀ କ୍ରିକେଟ୍ ଲିଗ୍ ଆଇପିଏଲ । ଏହି ଟୁର୍ଣ୍ଣାମେଣ୍ଟ ଆରମ୍ଭ ହେବା ଦିନରୁ ଅନେକ ଘଟଣା ଏବଂ ରେକର୍ଡ ଦେଖୁଛି । କିନ୍ତୁ ଏଥରକ ଆଇପିଏଲ ଇତିହସରେ ଏକ ରୋଚକ ଦୃଶ୍ୟ ଦେଖିବାକୁ ପାଇଁ ମିଳିବ । ବାପାଙ୍କ ସପୋର୍ଟ ଗୋଟିଏ ଟିମ୍ ପାଇଁ ଏବଂ ପୁଅ ଖେଳିବ ବିପକ୍ଷ ଦଳରେ । କୁହାଯାଇପାରେ କି, ବାପା-ପୁଅ ଟିମ ମଧ୍ୟରେ ହେବ ଟକ୍କର । କ୍ରିକେଟର ଭଗବା ସଚିନ ତେନ୍ଦୁଲକର ମୁମ୍ବାଇ ଇଣ୍ଡିଆନ୍ସ ସହ ଜଡ଼ିତ ରହିଛନ୍ତି । କିନ୍ତୁ ଚଳିତ ସିଜିନରେ ପୁଅ ଅର୍ଜୁନ ତେନ୍ଦୁଲକର ଲକ୍ଷ୍ନେ ସୁପରଜାଏଣ୍ଟସ ପକ୍ଷରୁ ଖେଳିବେ । ଆଇପିଏଲର ୧୯ତମ ସିଜିନ ବେଶ ରୋମାଞ୍ଚକ ହେବାରେ ଲାଗିଛି । ଚଳିତ ସିଜିନରେ ବିଶାଳ ସ୍କୋର ଦେଖିବାକୁ ମିଳିଥିବାବେଳେ ବିପକ୍ଷ ଦଳମାନେ ସହଜରେ ଏହାକୁ ପୂରଣ କରୁଛନ୍ତି । ତେବେ ମୁମ୍ବାଇ ଏବଂ ଲକ୍ଷ୍ନେ ମଧ୍ୟରେ କେବେ ଖେଳାଯିବ ଏହା ଉପରେ ସମସ୍ତଙ୍କ ନଜର ରହିଛି । ସଚିନ୍ ମୁମ୍ବାଇ ଇଣ୍ଡିଆନ୍ସ ସହ ଜଡ଼ିତ ରହିଥିବବେଳେ ଅର୍ଜୁନ ଲକ୍ଷ୍ନେର ଅଂଶ । ତେବେ ଏହି ବହୁ ପ୍ରତିକ୍ଷିତ ମ୍ୟାଚ୍ ମେ' ୪ ତାରିଖରେ ଖେଳାଯିବ । ଏହ ମ୍ୟାଚ୍ ୱାଙ୍ଖେଡେରେ ଖେଳାଯିବ । ସଚିନ୍ ମୁମ୍ବାଇ ଇଣ୍ଡିଆନ୍ସର ମେଣ୍ଟର ଦାୟିତବ ତୁଲାଉଛନ୍ତି । ପୂର୍ବରୁ ଅର୍ଜୁନ ମୁମ୍ବାଇ ପକ୍ଷରୁ ଆଇପିଏଲରେ ଡେବ୍ୟୁ କରିଛନ୍ତି । ସେ ୨୦୨୩ ମସିହାରେ ଆଇପିଏଲରେ ଡେବ୍ୟୁ କରିଥିବାବେଳେ ତାଙ୍କୁ ଖେଳିବାର ଏତେ ସୁଯୋଗ ମିଳିନାହିଁ । ସେ ମୁମ୍ବାଇ ପକ୍ଷରୁ ୫ ମ୍ୟାଚ୍ ଖେଳିଥିବାବେଳେ ୩ ୱିକେଟ୍ ନେବାରେ ସକ୍ଷମ ହୋଇଛନ୍ତି ।

# ବିସିସିଆଇ ସହ ସଂପର୍କ ସୁଧାରିବାକୁ ଚାହୁଁଛି ବାଂଲାଦେଶ କ୍ରିକେଟ ବୋର୍ଡ

ନୂଆଦିଲ୍ଲୀ: ହାତରୁ ଖସିଗଲା ବିଶ୍ୱକପ୍ । ପୁଣି ଗୋଟିଏ ସିରିଜ୍ ଉପରେ ସଙ୍କଟର ବାଦଲ । ଏକ ଟୁର୍ଣ୍ଣାମେଣ୍ଟ ବି ବାଜିରେ ଲାଗିଛି । ଏହା ହେଉଛି ବାଂଲାଦେଶ କ୍ରିକେଟର କାହାଣୀ । ବଂଲାଦେଶ ପାଇଁ ୨୦୨୬ର ଆରମ୍ଭ ବେଶ ଦୁଃଦାୟକ ରହିଛି । ଏପରିକି ବର୍ଷର ଶେଷ ସମୟ ବି ସ୍ଥିତି ଦୟନୀୟ ହେବାର ଆଶଙ୍କା ରହିଛି । ତେଣୁ ପୂରା ବର୍ଷଟି ଯେମିତି ଖରାପ ନ ହେଉ ଏବଂ ଭବିଷ୍ୟତ ଭଲ ହେଉ ଏଥିପାଇଁ ବାଂଲାଦେଶ କ୍ରିକେଟ୍ ବୋର୍ଡ ଏବେ ଭାରତ ସହିତ ନିଜର ସମ୍ବନ୍ଧ ସୁଧାରିବାକୁ ଉଦ୍ୟମ ଆରମ୍ଭ କରିଛି । ଏକ ରିପୋର୍ଟ ମୁତାବକ ବିସିବି ଭାରତୀୟ କ୍ରିକେଟ୍ କ ଂ ଟ େ । ଲ ବୋର୍ଡ(ବିସିସିଆଇ)କୁ ଚିଠି ଲେଖି ସଂପର୍କ ପୁଣି ଥରେ ପୂର୍ବ ପରି କରିବାକୁ ଇଚ୍ଛା ପ୍ରକାଶ କରିଛି ।

ଏକ ରିପୋର୍ଟରେ ଖୁଲାସା ହୋଇଛି ଯେ, ଦେଶରେ ନୂଆ ସରକାର ଗଠନ ପରେ ବାଂଲାଦେଶ କ୍ରିକେଟ୍ ବୋର୍ଡ ନିକଟରେ ବିସିସିଆଇକୁ ଚିଠି ଲେଖିଥିଲା । ଏହି ଚିଠିରେ ବାଂଲାଦେଶ ଓ ଭାରତର ପୁରୁଣା ସଂପର୍କ ଉଲ୍ଲେଖ କରାଯାଇଛି ଏବଂ ଆଶା ପ୍ରକାଶ କରିଛି ଯେ, ପୁଣି ଥରେ ଦୁଇ ବୋର୍ଡ ମଧ୍ୟରେ ପୂର୍ବ ପରି ସଂପର୍କ ସ୍ଥାପନ ହେଉ । ବିସିସିଆଇ ଓ ବିସିବି ସୂତ୍ରରୁ ଏହି ଖବର ପ୍ରକାଶ ପାଇଛି ।

ବାଂଲାଦେଶର ଆଭିମୁଖ୍ୟରେ ପରିବର୍ତ୍ତନ ଆସିବାର କାରଣ ଆଗାମୀ ଦିନରେ ଗୁରୁତ୍ୱପୂର୍ଣ୍ଣ ଟୁର୍ଣ୍ଣାମେଣ୍ଟ ଓ ସିରିଜ୍ ବାଜିରେ ଲାଗିଛି । ଭାରତ ଓ ବାଂଲାଦେଶ ମଧ୍ୟରେ ଚଳିତ ବର୍ଷ ସେପ୍ଟେମ୍ବରରେ ଦିନିକିଆ ଓ ଟି-୨୦ ସିରିଜ୍ ଖେଳାଯିବାର ଅଛି । ଏଥିପାଇଁ ଭାରତୀୟ ଦଳ ବାଂଲାଦେଶ ଗସ୍ତ କରିବ । ଏହି ସିରିଜ୍ ଗତ ବର୍ଷ ଖେଳା ଯିବାର ଥିଲା । କିନ୍ତୁ ବାଂଲାଦେଶର ଅବସ୍ଥାକୁ ଦୃଷ୍ଟିରେ ରଖି ସିରିଜ ୨୦୨୬ ସେପ୍ଟେମ୍ବରକୁ ଘୁଞ୍ଚାଇବା ପାଇଁ ଦୁଇ ବୋର୍ଡ ନିଷ୍ପତ୍ତି ନେଇଥିଲେ । ମାତ୍ର ପୁଣି ଆଇପିଏଲ୍ ଓ ଟି-୨୦ ବିଶ୍ୱକପକୁ ନେଇ ବିବାଦ କାରଣରୁ ସିରିଜ୍ ବିପଦରେ ପଡି ଯାଇଛି ।



କେବଳ ସିରିଜ୍ ନୁହେଁ, ବରଂ ଆସନ୍ତା ବର୍ଷ ହେବାକୁ ଥିବା ଏସିଆ କପ ମଧ୍ୟ ସବୁଠୁ ବଡ କାରଣ । ଏସିଆ କପର ଆୟୋଜକ ବାଂଲାଦେଶ ରହିଛି । ଯଦି ବିସିସିଆଇ ସହ ସଂପର୍କରେ ସୁଧାର ନ ଆସେ ତେବେ ଟିମ୍ ଇଣ୍ଡିଆ ବାଂଲାଦେଶ ଗସ୍ତ କରିବାକୁ ମନା କରି ପାରେ । ଏମିତି ହେଲେ ଏହାର ଆୟୋଜନ ପୁଣି ଥରେ ବାଂଲାଦେଶ ବାହାରେ କରିବାକୁ ପଡିବ । ଯଦି ଟିମ୍ ଇଣ୍ଡିଆ ଦ୍ୱିପାକ୍ଷିକ ସିରିଜ୍ ଓ ଏସିଆ କପ୍ ପାଇଁ ବାଂଲାଦେଶ ଗସ୍ତ ନ କରେ ତେବେ ବିସିବିକୁ ବଡ କ୍ଷତି ସହିବାକୁ ପଡିପାରେ । ଏଥିରୁ ବଞ୍ଚିବା ପାଇଁ ବୋର୍ଡ ସଂପର୍କ ସୁଧାରିବା ଉପରେ ଗୁରୁତ୍ୱ ଦେଇଛି ।

ବାଂଲାଦେଶରେ ଶେଖ ହସିନା ସରକାର କ୍ଷମତାଚ୍ୟୁତ ହେବା ପରଠାରୁ ଗତ ଦେଢ଼ ବର୍ଷ ଧରି ଭାରତ ଏବଂ ବାଂଲାଦେଶ ମଧ୍ୟରେ ସମ୍ପର୍କ ଖରାପ ହେବାରେ ଲାଗିଛି। ସେବେଠାରୁ ବାଂଲାଦେଶରେ ସଂଖ୍ୟାଲଘୁ ହିନ୍ଦୁଙ୍କ ହତ୍ୟା ଘଟୁଛି। ଏହା ବ୍ୟତୀତ, ବାଂଲାଦେଶର ମଧ୍ୟବର୍ତ୍ତୀକାଳୀନ ସରକାର ଭାରତ ବିରୁଦ୍ଧରେ ଉତ୍ତେଜନାମୂଳକ ବୟାନ ଦେଇ ଆସୁଛି। ଜାନୁଆରୀ ୨୦୨୬ ରେ, ଇଉଉଓ ବାଂଲାଦେଶୀ ପେସର ମୁସ୍ତାଫିଜୁର ରହମାନଙ୍କୁ ଓଟଖ ରୁ ବହିଷ୍କାର କରିବାକୁ ନିର୍ଦ୍ଦେଶ ଦେଇଥିଲା। ଏହାର ଜବାବରେ, ଅନ୍ତରୀଣ ସରକାରଙ୍କ କ୍ରୀଡା ମନ୍ତ୍ରୀ ଏବଂ ସେତେବେଳେ ବୋର୍ଡ ଦାୟିତ୍ୱରେ ଥିବା ଅଧିକାରୀମାନେ ଭାରତରେ ଟି୨୦ ବିଶ୍ୱକପ୍ ଖେଳିବାକୁ ମନା କରି ଦେଇଥିଲେ।

# ସାମସନଙ୍କୁ ପ୍ରଶଂସା କଲେ ପ୍ରଧାନମନ୍ତ୍ରୀ

ନୂଆଦିଲ୍ଲୀ,୩।୪: ଟିମ ଇଣ୍ଡିଆ ନିକଟରେ ଓଉଉ ଟି୨୦ ବିଶ୍ୱକପ ୨୦୨୬ ଜିତି ଇତିହାସ ରଚିଛି। ଷ୍ଟାର ଭାରତୀୟ ଉଇକେଟ୍‌କିପର-ବ୍ୟାଟ୍ସମ୍ୟାନ ସଞ୍ଜୁ ସାମସନ ଏହି ଟାଇଟଲ ବିଜୟର ହିରୋ ଭାବରେ ଉଭା ହୋଇଛନ୍ତି, ତାଙ୍କ ଶକ୍ତିଶାଳୀ ପ୍ରଦର୍ଶନ ସହିତ ସମସ୍ତଙ୍କ ହୃଦୟ ଜିତିଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବେ ସାମସନଙ୍କ ପ୍ରଶଂସା କରିଛନ୍ତି, ଟି୨୦ ବିଶ୍ୱକପରେ ତାଙ୍କ ମ୍ୟାଚ୍ ବିଜୟୀ ପ୍ରଦର୍ଶନକୁ ପ୍ରଶଂସା କରି ତାଙ୍କୁ ଜଣେ ପ୍ରକୃତ କ୍ରୀଡ଼ାବିତ୍ ବୋଲି କହିଛନ୍ତି।

ଶୁକ୍ରବାର (୩ ଏପ୍ରିଲ) କେରଳରେ କର୍ମୀମାନଙ୍କୁ ସମ୍ବୋଧିତ କରି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କହିଛନ୍ତି , ଚାପ ମଧ୍ୟରେ ସଞ୍ଜୁ ସାମସନଙ୍କ ପ୍ରଦର୍ଶନ ଧ୍ୟାନ ଏବଂ ଶାନ୍ତ ରହିବାରେ ମୂଲ୍ୟବାନ ଶିକ୍ଷା ପ୍ରଦାନ କରେ। ସେ କହିଛନ୍ତି, "କ୍ରିକେଟ ସିଜିନ୍ ଚାଲିଛି, ଏବଂ ଏଥିରୁ କେରଳର ଲୋକଙ୍କ ପାଇଁ ବହୁତ କିଛି ଶିଖିବାର ଅଛି। ଯେପରି ଆମେ ପ୍ରାୟତଃ ସାମସନଙ୍କ ଖେଳରେ ଦେଖୁ, ସେହିପରି ଆମେ ବିଶ୍ୱକପରେ ମଧ୍ୟ ସମାନ ଦେଖିଲୁ।"ସେ ଆହୁରି କହିଛନ୍ତି , ଟୁର୍ନାମେଣ୍ଟ ଆଗକୁ ବଢ଼ିବା ସହିତ ସାମସନଙ୍କ ଖେଳରେ ଉନ୍ନତି ଘଟିଛି। ମୋଦି କହିଛନ୍ତି, "ଯେତେବେଳେ ଟୁର୍ନାମେଣ୍ଟ ଏହାର ଗୁରୁତ୍ୱପୂର୍ଣ୍ଣ ମୁହୂର୍ତ୍ତ ପାଖକୁ ଆସିଲା ଏବଂ ନକଆଉଟ ମ୍ୟାଚ୍ ଆରମ୍ଭ ହେଲା, ତାଙ୍କ ପ୍ରଦର୍ଶନ ଶୀର୍ଷରେ ପହଞ୍ଚିଲା। ଆରମ୍ଭରୁ ଶେଷ ପର୍ଯ୍ୟନ୍ତ, ତାଙ୍କର ଧ୍ୟାନ, ଆତ୍ମବିଶ୍ୱାସ ଏବଂ ଶକ୍ତି ବୃଦ୍ଧି ପାଇବାରେ ଲାଗିଲା; ଏହା ଜଣେ ପ୍ରକୃତ ଖେଳାଳିଙ୍କ ପରିଚୟ।"



Printed _ Published by Biswajit Samanta on behalf of Kusuma Samanta printed at Niyati Publication (P) Ltd., 166-B MANCHESWAR INDUSTRIAL ESTATE, BHUBANESWAR-751010 _ Published From LP-115, PRASANTI VIHAR, HOUSING BOARD COLONY BHUBANESWAR-751 024. Tele: (0674)2546981 Fax: (0674)2546982
Mob.: 9937028982, 7847944970, 7008420927 , Email : odishamahabharata@gmail.com, orissamahabharat@rediffmail.com Editor: SURJIT KUMAR DHAL ସମ୍ପାଦକ: ସୁରଜିତ୍ କୁମାର ଧଳ